୬ ହକି ଏସିଆ କପ୍ ୨୦୨୫: ଭାରତୀୟ ଦଳର ଲଗାତାର ଦ୍ୱିତୀୟ ବିଜୟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ବର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୨୧୪ ● ୧ ସେପ୍ଟେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-214 ● 1st September 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## 'ମନ୍ କି ବାତ୍'ରେ କହିଲେ ପ୍ରଧାନମନ୍ତ୍ରୀ

# ୟୁପିଏସସିରେ ବିଫଳ ହେଉଥିବା ପରୀକ୍ଷାର୍ଥୀଙ୍କୁ ମିଳିବ ଚାକିରି

**ନୂଆଦିଲ୍ଲୀ, ୩୧।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ କି ବାତ'ର ୧୨୫ତମ ସଂସ୍କରଣରେ ରବିବାର ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ୨୦୧୪ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏବେ ୧୨୫ତମ ସଂସ୍କରଣରେ ପହଞ୍ଚିଛି। ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଦେଶରେ ପ୍ରଶଂସାଯୋଗ୍ୟ କାମ କରିଥିବା ଲୋକଙ୍କୁ ମନେ ପକାଇଥିଲେ। ସେ ପ୍ରବଳ ବର୍ଷା ଯୋଗୁଁ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଥମେ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ କହିଥିଲେ। ସେ କହିଥିଲେ ଯେ, ଗତ କିଛି ସପ୍ତାହ ମଧ୍ୟରେ ଆମେ ବନ୍ୟା ଏବଂ ଭୂସ୍ଖଳନର ଏକ ବିରାଟ ତାଣ୍ଡବ ଦେଖିଛୁ। ଏହି ଦୁର୍ଘଟଣାରେ ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ଯନ୍ତ୍ରଣା ଆମ ସମସ୍ତଙ୍କର ଯନ୍ତ୍ରଣା। ଯେଉଁଠାକୁ ବି ସଙ୍କଟ ଆସିଥିଲା, ଆମର ଏନଡିଆରଏଫ-ଏସଡିଆରଏଫ ଏବଂ ଅନ୍ୟାନ୍ୟ ସୁରକ୍ଷା ବାହିନୀ ଲୋକଙ୍କୁ (ପୃଷ୍ଠା ୭ରେ)

## 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅସରନ୍ତି ପ୍ରେରଣାର ଉତ୍ସ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩୧।୮**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚନ୍ଦ୍ରଶେଖରପୁର ଶିଶୁ ବିହାରରେ ସ୍ଥାନୀୟ ଲୋକଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କି ବାତ୍' ରେ ପ୍ରତ୍ୟେକ ଥର ପରି ବିଭିନ୍ନ କ୍ଷେତ୍ରର ସାଧାରଣ ଲୋକଙ୍କ ସଫଳତାକୁ ପ୍ରଶଂସା କରି ଲୋକଲୋଚନକୁ ଆଣିଥିଲେ। ପ୍ରଧାନମନ୍ତ୍ରୀ ଓଡ଼ିଆ ଝିଅ ରଶ୍ମିତା ସାହୁଙ୍କ ସହିତ କଥା ହୋଇ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ରଶ୍ମିତା ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କାନୋଇଙ୍ଗ୍ (ଜଳକ୍ରୀଡା) ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। (ପୃଷ୍ଠା ୭ରେ)

## ଓଡ଼ିଶାର ଯୁବ ଖେଳାଳି ରଶ୍ମିତା ସାହୁଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧।୮**
**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତର ୧୨୫ତମ ଏପିସୋଡରେ ଜାତୀୟ ଏକତା ଏବଂ ପ୍ରଗତିରେ କ୍ରୀଡାର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଶାର କାନୋଇଂ ଚାମ୍ପିଅନ ରଶ୍ମିତା ସାହୁଙ୍କ ପ୍ରତି (ପୃଷ୍ଠା ୭ରେ)

## ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ୧୬ ନୂଆ ଏନ୍‌ଏସି, ୭ ନୂଆ ମ୍ୟୁନିସିପାଲିଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩୧।୮**
**ନ୍ୟୁଜ୍ ବ୍ୟୁରୋ**

୨୦୨୬ ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଗର୍ତ୍ତମୁକ୍ତ ଏବଂ ମୁକୁଳା ଡ୍ରେନ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ସ୍ଥାନୀୟ ରେଳ୍ ଅଡିଟୋରିଅମରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ରେ ଆମେ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଦେଖୁଛୁ। ରାଜ୍ୟର ସହରାଞ୍ଚଳ ଗୁଡିକ ହେଉଛି ବିକାଶର ପ୍ରତିଛବି। ତେଣୁ ଯଦି ସହରାଞ୍ଚଳ ଗୁଡିକର ରାସ୍ତା, ଘାଟ ପରିଷ୍କାର ପରିଚ୍ଛନ୍ନ ନରୁହେ, ଗର୍ତ୍ତମୁକ୍ତ ନରହେ ତେବେ ଆମର ଲକ୍ଷ୍ୟ ଅପୂରଣୀୟ ରହିବ। ତେଣୁ ଆସନ୍ତା ଏପ୍ରିଲ ମାସ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳର ରାସ୍ତାଘାଟ ଗୁଡିକ ଯେପରି ଗର୍ତ୍ତମୁକ୍ତ ହେବ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ, ଆସନ୍ତା ବର୍ଷ ଏପ୍ରିଲରେ ଯେଉଁ ଜନଶୁଣାଣି ହେବ ସେଥିରେ ଯେପରି ରାସ୍ତାଘାଟ, ପଟ୍‌ହୋଲ୍‌ରେ ଭର୍ତ୍ତି ଥିବା ଅଭିଯୋଗ ନ ଆସେ। ୨୦୨୬ ଏପ୍ରିଲ ଶେଷ ସୁଦ୍ଧା ସମସ୍ତ ପୌରାଞ୍ଚଳ ନିଜେ ନିଜେ ସାର୍ଟିଫିକେଟ ଦେବେ ଯେ, ତାଙ୍କ ଅଞ୍ଚଳ ପଟ୍‌ହୋଲ୍ ମୁକ୍ତ ହୋଇସାରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶାସନ ବ୍ୟବସ୍ଥାକୁ ସମାଜର ଶେଷ ସ୍ତରକୁ ଆଣିବା ପାଇଁ, ଶେଷ ଧାଡିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ଏକ ମହତ୍ୱପୂର୍ଣ୍ଣ ବ୍ୟବସ୍ଥା। ଲର୍ଡ ରିପନ୍ ୧୮୮୨ ରେ ଏହାକୁ ଆରମ୍ଭ କରିଥିଲେ ମଧ୍ୟ ୯୦ ଦଶକରେ ଏହା ସାମ୍ବିଧାନିକ ମାନ୍ୟତା ଲାଭକଲା। ମାହାତ୍ମା ଗାନ୍ଧୀ ମଧ୍ୟ ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ଗୁରୁତ୍ୱ ଦେଇ ଆସିଥିଲେ।

ତେବେ ଅନେକ ଛୋଟ ଛୋଟ ସମସ୍ୟା ପାଇଁ ଲୋକମାନେ ସ୍ଥାନୀୟ ପ୍ରତିନିଧିଙ୍କ ଉପରେ ନିର୍ଭର ନହୋଇ ବିଧାୟକ କିମ୍ବା ସାଂସଦଙ୍କୁ ଅନୁରୋଧ କରିଥାନ୍ତି। ଯଦି ସ୍ଥାନୀୟ ସଂସ୍ଥାର ଅଧିକାରୀ କିମ୍ବା ଜନପ୍ରତିନିଧି ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ପାଳନ କରିବେ, ତେବେ ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ଏ ସବୁ ସମସ୍ୟାରେ ମୁଣ୍ଡ ପୁରେଇବାକୁ ଆବଶ୍ୟକ ହୁଅନ୍ତା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କୁ ପରାମର୍ଶ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭାରତ-ଚୀନ ପାଞ୍ଚ ବର୍ଷ ପରେ ପୁଣି ସିଧାସଳଖ ଉଡାଣ ଆରମ୍ଭ କରିବେ।
- ଚିତାବାଘ ଚମଡ଼ା ଚୋରାଚାଲାଣ: ପୂର୍ବତନ ଓଡ଼ିଶା ପୁଲିସ ଅଧିକାରୀ ସହ ୭ଜଣ ଗିରଫ।
- ୧ ସେପ୍ଟେମ୍ବରରୁ ଓଡିଶାରେ ଟ୍ରେନର ଗୁରୁତ୍ୱପୂର୍ଣ୍ଣ ଠିଆଣି ପୁଣି ଆରମ୍ଭ କରିବ ଭାରତୀୟ ରେଳ।
- ଅଗ୍ନି ସତର୍କ ସଙ୍କେତ ପରେ ଦିଲ୍ଲୀକୁ ପୁଣି ଫେରିଲା ଇଣ୍ଡୋରଗାମୀ ଏୟାର୍ ଇଣ୍ଡିଆ ବିମାନ।
- ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୫: ପ୍ରତିଯୋଗିତାରେ ଓଡିଶାରୁ ୩୭ ପାରା ଖେଳାଳି ।
- ଓଡିଶାରୁ ଦିଲ୍ଲୀକୁ ନେଇଯାଉଥିବା ୧୦୦ କିଗ୍ରା ଗଞ୍ଜେଇ ସହ ଟ୍ରକ୍ ଜବତ : ୩ ଗିରଫ।
- ବ୍ୟାଙ୍କ ଠକେଇ ମାମଲାରେ ଓଡିଶାରୁ ଇଡ଼ି ଲକ୍ଷ୍ମୀୟାନ କାର୍ ଓ ସୁପରବାଇକ୍ ଜବତ।
- ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର: ଓଡିଶୀ ଶିଳ୍ପୀ ମାଧବୀ ମୁଦ୍‌ଗଳ ଓ ଅଲେଖ ଚନ୍ଦ୍ର ସାମଲଙ୍କୁ ସମ୍ମାନ।
- ରୁଷିଆରେ ଭୂମିକମ୍ପ – ସୁନାମି ସତର୍କ ସଙ୍କେତ ଓ ୬୦୦ ବର୍ଷ ପରେ ଅଗ୍ନିପର୍ବତ ବିସ୍ଫୋରଣ।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଖରିଫ ୨୦୨୫ରେ ସାର ଯୋଗାଣ ସ୍ଥିତି ତ୍ୱରାନ୍ୱିତ

# ୩୦ ଦୋକାନ ବିକ୍ରୟ ବନ୍ଦ, ୬୨ ଡିଲର ଲାଇସେନ୍ସ ବାତିଲ

**ଭୁବନେଶ୍ୱର, ୩୧।୮**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟକୁ ସାର ଯୋଗାଣସ୍ଥିତି ତ୍ୱରାନ୍ୱିତ କରାଯାଇଛି । ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି । କିନ୍ତୁ ରାଜ୍ୟରେ ସାରର କୃତ୍ରିମ ଅଭାବ ଦର୍ଶାଇ ଚାଷୀ ଭାଇ ଭଉଣୀଙ୍କୁ କୌଣସି ପ୍ରକାର ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ଭୟଭୀତ ନ କରିବାକୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି ।

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ୨୦୨୫ ପାଇଁ ୫୮.୫୦ ଲକ୍ଷ ହେକ୍ଟର ଖରିଫ ଫସଲ



ଯୋଜନା (ଧାନ-୩୪.୯୪ ଲକ୍ଷ ହେକ୍ଟର ଏବଂ ଅଣ-ଧାନ ଫସଲ- ୨୩.୫୬ ଲକ୍ଷ ହେକ୍ଟର) ରହିଛି। ତଦନୁସାରେ, ରାଜ୍ୟକୁ ଆବଣ୍ଟନ ପାଇଁ ୧୦.୦୦ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ସରକାର ଖରିଫ ଋତୁ ପାଇଁ ମାସିକ ଫସଲ କଭରେଜ ଉପରେ ଆଧାର କରି ରାଜ୍ୟକୁ ବିଭିନ୍ନ ଗ୍ରେଡର (ସିଧା ଏବଂ କମ୍ପ୍ଲେକ୍ସ ସାର) ୯.୫୫ ଲକ୍ଷ ମେଟ୍ରିକ ଟନ୍ ସାର ଆବଣ୍ଟନ କରିଥିଲେ। ଖରିଫ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ରାଜ୍ୟ (ପୃଷ୍ଠା ୭ରେ)

## ଜିନପିଙ୍ଗଙ୍କ ସହ ମୋଦୀଙ୍କ ଦ୍ୱିପାକ୍ଷିକ ଆଲୋଚନା

# ସ୍ଥିର ସମ୍ପର୍କ ଓ ସହଯୋଗ ଉଭୟ ଦେଶର ଅଭିବୃଦ୍ଧି ଏବଂ ବିକାଶ ପାଇଁ ଜରୁରୀ

**ନୂଆଦିଲ୍ଲୀ, ୩୧।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତିଆନଜିନ ଠାରେ ଆୟୋଜିତ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ନେତାଙ୍କ ଶିଖର ସମ୍ମିଳନୀ ଅବସରରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ସାକ୍ଷାତ କରିଥିଲେ।

୨୦୨୪ ଅକ୍ଟୋବରରେ ଉଭୟ ନେତା କାଜାନ ଠାରେ ହୋଇଥିବା ଶେଷ ସାକ୍ଷାତ ପରଠାରୁ ଦ୍ୱିପାକ୍ଷିକ ସମ୍ପର୍କରେ ଆସିଥିବା ସକାରାତ୍ମକ ଗତି ଏବଂ ନିରନ୍ତର ପ୍ରଗତିକୁ ସ୍ୱାଗତ କରିଥିଲେ। ସେମାନେ ଜୋର ଦେଇଥିଲେ ଯେ ଦୁଇ ଦେଶ ବିକାଶର



ସହଭାଗୀ, ପ୍ରତିଦ୍ୱନ୍ଦ୍ୱୀ ନୁହେଁ ଏବଂ ସେମାନଙ୍କର ମତଭେଦ ବିବାଦରେ ପରିଣତ ହେବା ଉଚିତ୍ ନୁହେଁ। ପାରସ୍ପରିକ ସମ୍ମାନ, ପାରସ୍ପରିକ ସ୍ୱାର୍ଥ ଏବଂ ପାରସ୍ପରିକ ସମ୍ବେଦନଶୀଳତା ଉପରେ ଆଧାରିତ ଭାରତ ଓ ଚୀନ୍ ଏବଂ ସେମାନଙ୍କର ୨.୮ ବିଲିୟନ ଲୋକଙ୍କ ମଧ୍ୟରେ ଏକ ସ୍ଥିର ସମ୍ପର୍କ ଏବଂ ସହଯୋଗ ଉଭୟ (ପୃଷ୍ଠା ୭ରେ)

## ଅପରେସନ ସିନ୍ଦୂର ପରେ ଗୋଟିଏ ମଞ୍ଚରେ ମୋଦୀ, ଶେହବାଜ, ଜିନପିଙ୍ଗ ଓ ପୁଟିନ୍

**ନୂଆଦିଲ୍ଲୀ, ୩୧।୮**

ଗୋଟିଏ ମଞ୍ଚରେ ମୋଦୀ-ଶେହବାଜ । ଚୀନରେ ଆୟୋଜିତ ଏସସିଓ ସମ୍ମିଳନୀରୁ ସାମ୍ନାକୁ ଆସିଥିବା ଫଟୋରେ ଅଛନ୍ତି ଭାରତର ପ୍ରଧାନମନ୍ତ୍ରୀ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଗୋଟିଏ ମଞ୍ଚରେ ଗୋଟିଏ ଧାଡ଼ିରେ ଦୁହେଁ ରହିଛନ୍ତି । ଯଦିଓ ଅଲଗା ଅଲଗା ଦିଗରେ ଦୁହେଁ ରହିଛନ୍ତି ମାତ୍ର ପ୍ରଥମ ଧାଡ଼ିରେ ଦୁହିଁଙ୍କୁ ଦେଖିବାକୁ ମିଳିଥିବା ବେଳେ ପହଲଗାମ୍ ଆତଙ୍କୀ ହମଲା ଏବଂ ଅପରେସନ ସିନ୍ଦୂର ପରେ ଗୋଟିଏ ଫ୍ରେମରେ ଦୁହିଁଙ୍କୁ ଦେଖିବାକୁ ମିଳିଛି । ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ଡାହାଣ ପଟ ଦିଗରେ ମୋଦୀ ଛିଡା ହୋଇଥିବା ବେଳେ ବାମପଟ ଦିଗରେ ପାକ୍ ପ୍ରଧାନମନ୍ତ୍ରୀ ଛିଡା ହୋଇଛନ୍ତି ।

ଯଦିଓ ଅପରେସନ ସିନ୍ଦୂର ବେଳେ ଚୀନ ପାକିସ୍ତାନକୁ ସହଯୋଗ କରିଥିବାର ଅଭିଯୋଗ ହୋଇଥିଲା ଏବଂ ପ୍ରମାଣ ମିଳିଥିଲା କିନ୍ତୁ ଆଜିର ମୋଦୀ-ଜିନପିଙ୍ଗ ଆଲୋଚନା ବେଳେ ଚୀନକୁ ଆତଙ୍କବାଦ ବିରୋଧରେ ଲଢେଇ କରିବାକୁ ଦାବି କରିଛନ୍ତି ପ୍ରଧାନମନ୍ତ୍ରୀ। (ପୃଷ୍ଠା ୭ରେ)

## ଡିସେମ୍ବରରେ ମହାନଦୀ ବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ତରରେ ଆଲୋଚନା

**ଭୁବନେଶ୍ୱର, ୩୧।୮**
**ନ୍ୟୁଜ୍ ବ୍ୟୁରୋ**

ମହାନଦୀ ବିବାଦର ସମାଧାନ ହେବ । ମୁଖ୍ୟ ଶାସନ ସଚିବ ସ୍ତରରେ ଆଲୋଚନା ହୋଇଛି । ଡିସେମ୍ବରରେ ମୁଖ୍ୟମନ୍ତ୍ରୀ ସ୍ତରରେ ଆଲୋଚନା ହେବ । ଏନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କେସ ନାଁରେ କେବଳ କେସ୍ ହୋଇଥିଲା । ଏଥିରେ ବହୁତ କିଛି ନାହିଁ। କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଆପୋଷ ବୁଝାମଣା ପାଇଁ । ସମୟ ଆମେ ଗଡାଇବୁ ନାହିଁ । ପୂର୍ବ ସରକାରରେ ଥିବା ସମୟରେ କେସ କରିଥିଲେ ସମୟ ଗଡାଇବା ପାଇଁ । କେସ୍ କଲେ କଣ ହେବ, ସେମାନେ ମହାନଦୀ ପାଇଁ ଗୋଟିଏ ବ୍ୟାରେଜ ବି କରିପାରିଲେ ନାହିଁ । ଛତିଶଗଡ଼ କଲା କିନ୍ତୁ ଆମେ କରିପାରିଲେ ନାହିଁ । ଦୋଷ କାହିଁକି ଦେବା ଆମେ। ମହାନଦୀ ଜଳ ବିବାଦ ପାଇଁ ଆପୋଷ ଆଲୋଚନାକୁ ସ୍ୱାଗତ କରୁଛୁ। ବୋଲି ମହାନଦୀ ବଂଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ କହିଛନ୍ତି। ହେଲେ କଲମା ଗେଟ ବନ୍ଦ ସହ ଅଣ ମୌସୁମୀ ବେଳେ କେତେ ଜଳ ଓଡିଶାକୁ ଛଡାଯିବ ତାହା ସୁନିଶ୍ଚିତ କରିବା ଦରକାର ।

## ଜମ୍ମୁ-କଶ୍ମୀରର ପୁଞ୍ଚରେ ୨ ଆତଙ୍କବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

**ଜମ୍ମୁ, ୩୧।୮**

ଜମ୍ମୁ ଏବଂ କଶ୍ମୀରର ସୀମାନ୍ତ ଜିଲ୍ଲା ପୁଞ୍ଚରେ ପୋଲିସ ରବିବାର ଦିନ ଦୁଇ ଜଣ ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ସହିତ ଗିରଫ କରିଛନ୍ତି। ଗିରଫ ଆତଙ୍କବାଦୀ ଆଜମାବାଦର ତାରିକ୍ ଶେଖ ଓ ଚେମ୍ବର ଗାଁର ରିୟାଜ୍ ଅହମଦ୍ ବୋଲି ଜଣାପଡିଛି । ପୋଲିସ କହିଛି ଯେ, ଶେଖଙ୍କ ଘରେ ରେଡ୍ କରି ତାଙ୍କୁ ଓ ତାଙ୍କ ସହଯୋଗୀ ଅହମଦ୍‌କୁ ଗିରଫ କରାଯାଇଛି। (ପୃଷ୍ଠା ୭ରେ)

## ଏକାଳ ପଖାଳ



ଟ୍ରମ୍ପ ଛାତିଟା କୋରି ହେଇଯାଏ
ଏକାଠି ଋଷ, ଭାରତ, ଚୀନ
ପାଚିଲା ମୁଣ୍ଡିଆ ଜୋକର ସେଇଟା
ତା ମୁଣ୍ଡଟା ଯେ ଡଷ୍ଟବିନ
ବଜେଇ ଦେଇକି ଚୀନ
ଡାକିଛି ଟାରିଫ କୀଳାକୁ ଏବେ
ନିଜେ ହେଇଯିବ କ୍ଲିନ୍।

# ନୋବେଲ ପୁରସ୍କାର ପାଇଁ ସମର୍ଥନ ନପାଇ ଶୁଳ୍କ ଲାଗୁ କଲେ ଟ୍ରମ୍ପ



**ନୂଆଦିଲ୍ଲୀ, ୩୧।୮**

ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଶୁଳ୍କ ଯୁଦ୍ଧ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ବନ୍ଧୁତାର କାହାଣୀ ଶତ୍ରୁତାର କାହାଣୀରେ ପରିଣତ ହୋଇଛି। କିନ୍ତୁ ଟ୍ରମ୍ପ୍ କାହିଁକି ରାଗିଗଲେ ? ସେ ଭାରତ ଉପରେ କାହିଁକି ୫୦% ଶୁଳ୍କ ଲଗାଇଲେ ? ଏକ ଆମେରିକୀୟ ଖବରକାଗଜ ଏ ବିଷୟରେ ଚାଞ୍ଚଲ୍ୟକର ଖୁଲାସା କରିଛି।

ଭାରତ-ଆମେରିକା ସମ୍ପର୍କରେ ତିକ୍ତତାର ଗୋଟିଏ କାରଣ ହେଉଛି ଶୁଳ୍କ। ଅନ୍ୟ କାରଣ ହେଉଛି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଆଣିବା ପାଇଁ ଟ୍ରମ୍ପ୍‌ଙ୍କ ବାରମ୍ବାର ଦାବି। ଜୁନ୍ ୧୭ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଏକ ଫୋନ୍ ବାର୍ତ୍ତାଳାପ ହୋଇଥିଲା। ତା'ପରେ ସ୍ଥିତି ଆହୁରି ଖରାପ ହୋଇଥିଲା।

ଏହି କଥାବାର୍ତ୍ତାରେ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କହିଥିଲେ ଯେ, ପାକିସ୍ତାନ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବାକୁ ଯାଉଛି। ଟ୍ରମ୍ପ୍‌ଙ୍କ କହିବାର ଅର୍ଥ ଥିଲା ଯେ, ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଟ୍ରମ୍ପ୍‌ଙ୍କୁ ମନୋନୀତ କରିବା ଉଚିତ୍। ଏହାକୁ ନେଇ ଭାରତୀୟ ନେତା ପ୍ରଧାନମନ୍ତ୍ରୀ ମୋଦୀ ରାଗି ଯାଇଥିଲେ ଏବଂ ସ୍ପଷ୍ଟ ଭାବରେ କହିଥିଲେ ଯେ, ଭାରତ-ପାକିସ୍ତାନ ଯୁଦ୍ଧବିରତି ସହିତ ଟ୍ରମ୍ପ୍‌ଙ୍କର କୌଣସି ସମ୍ପର୍କ ନାହିଁ। ଏନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ନିଷ୍ପତ୍ତି ହୋଇଥିଲା।

ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ମନ୍ତବ୍ୟଗୁଡ଼ିକୁ ଡୋନାଲ୍ଡ ଟ୍ରମ୍ପ୍ ଅଣଦେଖା କରିଥିଲେ । କିନ୍ତୁ ଯୁଦ୍ଧବିରତିକୁ ନେଇ ମତଭେଦ ଦେଖାଦେବାରୁ ଏବଂ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୋବେଲ ପୁରସ୍କାର ବିଷୟରେ କଥା ହେବାକୁ ମନା କରିବାରୁ ଦୁଇ ନେତାଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଗଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଜୁନ୍ ମାସରେ (ପୃଷ୍ଠା ୭ରେ)


## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଡ଼ିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡ଼ିଓ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୧।୮**
**ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ରବିବାର ଏକ ନୂତନ ଅଡ଼ିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡ଼ିଓ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୂତନ ଅଡ଼ିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡ଼ିଓକୁ ଉଦ୍‌ଘାଟନ କରିଥିଲେ।

'ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସ୍ଥାପିତ ହୋଇଥିବା ଏହି ନୂତନ ଅଡ଼ିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡ଼ିଓ ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ନାଟକ ଜଗତକୁ ସମର୍ପିତ। ଏହାଦ୍ୱାରା ଆମ ଓଡ଼ିଶାର କଳାକାରମାନେ ବେଶ୍ ଉପକୃତ ହେବେ। ଓଡ଼ିଶାର ଐତିହ୍ୟ, ସାଂସ୍କୃତିକ ଗୌରବଗାଥାକୁ ବିଶ୍ୱବିଦିତ କରିବା ଏବଂ ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ଜୀବିତ କରିବାରେ ଏହା ସହାୟକ ହେବ। ଆଗାମୀ ଦିନରେ ଏହି ନୂତନ କ୍ରୋମା ଓ ଅଡ଼ିଓ ରେକର୍ଡିଂ ଷ୍ଟୁଡ଼ିଓର ବ୍ୟବହାରକୁ ନେଇ ସଂସ୍କୃତି ବିଭାଗ ତରଫରୁ ଏକ ଏସଓପି ଜାରି କରାଯିବ। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ରେକର୍ଡିଂ କରାଯିବା ସହିତ ଘରୋଇ ସଂସ୍ଥାମାନେ ମଧ୍ୟ ଏହାକୁ ବ୍ୟବହାର କରିପାରିବେ। ଏହି ଷ୍ଟୁଡ଼ିଓରେ ରହିଥିବା ଅତ୍ୟାଧୁନିକ ବ୍ୟବସ୍ଥା (ପୃଷ୍ଠା ୭ରେ)

# ବର୍ଷା ଋତୁରେ ଥଣ୍ଡା-ଜ୍ୱର ଭୟ : ଅଣାୟତ୍ତ କଲାଣି ଏଚ୍୧ଏନ୍୧, ଏଚ୍୩ଏନ୍୨ ଭୂତାଣୁ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ


ବର୍ଷା ଋତୁରେ ଜ୍ୱର ଆଉ ଥଣ୍ଡା ଭୟ । ରାଜ୍ୟରେ ଏବେ ଅଣାୟତ୍ତ କଲାଣି ଏଚ୍୧ଏନ୍୧ ଓ ଏଚ୍୩ଏନ୍୨ ଭୂତାଣୁ ସଂକ୍ରମଣ। ଘରେ ଘରେ ସଂକ୍ରମଣର ପ୍ରଭାବ ଦେଖିବାକୁ ମିଳିଛି । ଜ୍ୱର ସାଙ୍ଗକୁ କମ୍ପରେ ଥରୁଛନ୍ତି । ହସ୍ପିଟାଲ୍‌ରେ ସଂକ୍ରମିତଙ୍କ ଭିଡ଼ ଜମୁଛି। ସଂକ୍ରମିତଙ୍କ ଜ୍ୱର ଭଲ ହେବାକୁ ୫ରୁ ୭ଦିନ ସମୟ ଲାଗିବ। ଏଥିରେ ରୋଗୀଙ୍କ ଶରୀରରେ ଘୋଳାବିନ୍ଧା ହେବା ସହିତ ଦୁର୍ବଳ ଲାଗିବ । ଆଉ ଲମ୍ବା ସମୟ ଧରି କାଶ ଲାଗି ରହିବ । ତେଣୁ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରତା ବଜାଇ ରଖିବା ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି । ଆରଏମ୍‌ଆରସିରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ଏଚ୍୧ଏନ୍୧ ଓ ଏଚ୍୩ଏନ୍୨ ଭୂତାଣୁ ପ୍ରାଦୁର୍ଭାବ ବଢ଼ିଛି । ଏହାର ପ୍ରଭାବରେ ଲୋକ ସଂକ୍ରମିତ ହେଉଛନ୍ତି। ସାଧାରଣତଃ ବର୍ଷା ଋତୁରେ ଅଧିକ ମାତ୍ରାରେ ଦେଖା ଦେଇଥାଏ । ତେଣୁ ଜନସାଧାରଣ ସତର୍କ ରହିବା ସହିତ ବିଶେଷଜ୍ଞ ପରାମର୍ଶ ନେଇ ଚିକିତ୍ସା କରନ୍ତୁ । କ୍ୟାପିଟାଲ ହସ୍ପିଟାଲ ବିଶେଷଜ୍ଞଙ୍କ କହିବା ଅନୁସାରେ, ଏଚ୍୧ଏନ୍୧ ଓ ଏଚ୍୩ଏନ୍୨ ସ୍ୱାଇନ୍ ଫ୍ଲୁ'ର ସବ୍‌ଭାରିଆଣ୍ଟ ଇନ୍‌ଫ୍ଲୁଏଞ୍ଜା-ଏ ସଂକ୍ରମଣ ପାଇଁ ଜ୍ୱର ବ୍ୟାପୁଛି । ଇନ୍‌ଫ୍ଲୁଏଞ୍ଜା-ଏ ହେଉଛି ଋତୁକାଳୀନ ଭାଇରାଲ ଜ୍ୱର । ଏହା ବର୍ଷା ଓ ଶୀତ ଋତୁରେ ବ୍ୟାପିଥାଏ । ମୁଖ୍ୟତଃ ଶିଶୁ, ବୃଦ୍ଧ, ଗର୍ଭବତୀ ଓ ବହୁବିଧ ରୋଗରେ ପୀଡ଼ିତ ବ୍ୟକ୍ତି ଇନ୍‌ଫ୍ଲୁଏଞ୍ଜା ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି । ଏହି ସଂକ୍ରମଣରେ ମାଂସପେଶୀ ଯନ୍ତ୍ରଣା, ଥଣ୍ଡା, ନାକରୁ ପାଣି ବୋହିବା, ଗଳା ଯନ୍ତ୍ରଣା ହେବ । ନିମୋନିଆ ଭଳି ଲକ୍ଷଣ ବି ଦେଖାଯାଇଥାଏ । ଧଇଁସଇଁ ହେବା ସହିତ ହାଲିଆ ଲାଗିବ। ଏଥିପାଇଁ ଭିଡ଼ଠୁ ଦୂରେଇ ରହିବା ଦରକାର ।

## ଶ୍ରୀମନ୍ଦିରରେ ରାଧାଷ୍ଟମୀ ନୀତି ସମ୍ପନ୍ନ

# ନଗର ପରିକ୍ରମା ସହ ଶ୍ରୀଜମ୍ବେଶ୍ୱରଙ୍କ ମନ୍ଦିରରେ ବିଜେ କଲେ ଶ୍ରୀସୁଦର୍ଶନ

ପୁରୀ, ନ୍ୟୁଜ ବ୍ୟୁରୋ

ରବିବାର ବଡ଼ଦେଉଳରେ ରାଧାଷ୍ଟମୀ ଅବସରରେ ଶ୍ରୀମନ୍ଦିରରୁ ଶ୍ରୀସୁଦର୍ଶନ ଦେବ ବାହାରି ନଗର ପରିକ୍ରମା କରିବା ସହ ଶ୍ରୀଜମ୍ବେଶ୍ୱରଙ୍କ ମନ୍ଦିରରେ ବିଜେ ହୋଇଥିଲେ । ଶ୍ରୀଜମ୍ବେଶ୍ୱର ଠାକୁରେ ବଡ଼ଦେଉଳ ଆୟବ୍ୟୟର ହିସାବ ଦେଲେ। ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ହିସାବ ରକ୍ଷକ ଶ୍ରୀଜମ୍ବେଶ୍ୱର ମହାପ୍ରଭୁ । ଜମ୍ବେଶ୍ୱର ମହାଦେବଙ୍କ ପକ୍ଷରୁ ଜଣେ ପୂଜାପଣ୍ଡା ସାମନ୍ତ ଶ୍ରୀମନ୍ଦିରର ବାର୍ଷିକ ଆୟବ୍ୟୟ ପଢ଼ିବାର ଦେବବିଧି ସମ୍ପନ୍ନ ହୋଇଛି। ଶ୍ରୀରାଧାଙ୍କ ଜନ୍ମୋତ୍ସବ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି । ସକାଳଧୂପ ଶେଷ ପରେ ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଯାଇଛି। ସାତ ପାହାଚ ନିକଟରେ ଥିବା ସୁସଜ୍ଜିତ ପାଲିଙ୍କିରେ ଠାକୁରାଣୀ ବିଜେ ହୋଇଥିଲେ।



ସେଠାରୁ ଯାଇ ଲକ୍ଷ୍ମୀଙ୍କ ଜଗମୋହନରେ ଖଟ ଉପରେ ଦେବୀ ଉପବେଶନ କରିଥିଲେ। ମା'ଙ୍କ ମାଜଣା, ଶୀତଳ ଭୋଗ ଓ ବନ୍ଦାପନା ନୀତି ବଢିଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଉଠିବା ପରେ ମହାଲକ୍ଷ୍ମୀଙ୍କୁ ସିଂହାସନ ଉପରେ ବିଜେ କରାଯାଇଥିଲା। ଏହାପରେ ମଧ୍ୟାହ୍ନ ଧୂପ ଶେଷ ହୋଇ ଯଥାବିଧି ରାଧାଷ୍ଟମୀ ନୀତି ସମ୍ପନ୍ନ ହୋଇଛି ।

# ବର୍ଷା ଯୋଗୁ ହେଉଥିବା କ୍ଷୟକ୍ଷତିକୁ ନେଇ ଦୁଃଖ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ :

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ୍' ରେ କହିଛନ୍ତି ଯେ ବର୍ଷା ଋତୁର ଏହି ସମୟରେ ପ୍ରାକୃତିକ ବିଦଗୁଡ଼ିକ ଦେଶର ବଡ଼ ପରୀକ୍ଷା ନେଇଛି। ବନ୍ୟା ଓ ଭୂସ୍ଖଳନ ଦ୍ୱାରା ଘର ଓ କ୍ଷେତ ନଷ୍ଟ ହୋଇଯାଇଛି, ପୋଲ୍ ଓ ସଡ଼କ ଭାସିଯାଇଛି ଏବଂ ଅନେକ ପରିବାର ସଂକଟରେ ପଡ଼ିଛନ୍ତି। ସେ କହିଛନ୍ତି ଯେ, ଯେଉଁ ପରିବାର ତାଙ୍କର ପ୍ରିୟଜନଙ୍କୁ ହରାଇଛନ୍ତି, ସେହି ଦୁଃଖ ସମସ୍ତ ଦେଶର ଦୁଃଖ।

ଧାନମନ୍ତ୍ରୀ ଜଣାଇଛନ୍ତି ଯେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଏନଡିଆରଏଫ, ରାଜ୍ୟ ବିର୍ଯ୍ୟୟ ପ୍ରତିକ୍ରିୟା ବଳ ଓ ସୁରକ୍ଷା ବଳ ଦିନ-ରାତି ରେସକ୍ୟୁ କାର୍ଯ୍ୟରେ ଲାଗିଛନ୍ତି। ପ୍ରଯୁକ୍ତିର ବ୍ୟବହାର ଦ୍ୱାରା ତାପୀୟ କ୍ୟାମେରା, ଜୀବନ ଖୋଜିବା ଯନ୍ତ୍ର, ସନ୍ଧାନୀ କୁକୁର ଓ ଡ୍ରୋନ୍ ଦ୍ୱାରା ନିରୀକ୍ଷଣ କରି ଖୋଜା ଓ ଉଦ୍ଧାର କାର୍ଯ୍ୟ ତ୍ୱରିତ କରାଯାଇଛି। ହେଲିକପ୍ଟର ଦ୍ୱାରା ରିଲିଫ ସାମଗ୍ରୀ ପଠାଯାଇଛି ଏବଂ ଆହତଙ୍କୁ ବିମାନ ମାଧ୍ୟମରେ ଉଦ୍ଧାର କରାଯାଇଛି। ସେ ସେନା, ଡାକ୍ତର, ପ୍ରଶାସନ ଓ ସାଧାରଣ ଲୋକଙ୍କ ଦ୍ୱାରା ସଂକଟ ସମୟରେ ଦିଆଯାଇଥିବା ଅମୂଲ୍ୟ ଅବଦାନ ପ୍ରତି ଶ୍ରଦ୍ଧା ଓ ସ୍ତୁତି ଜଣାଇଛନ୍ତି।

'ମନ କୀ ବାତ୍'ର ୧୨୫ତମ ସଂସ୍କରଣରେ ଧାନମନ୍ତ୍ରୀ ଆଜି ପ୍ରାକୃତିକ ବିଦ, ଜମ୍ମୁ-କଶ୍ମୀରର ଉପଲବ୍ଧି, ଆନ୍ତର୍ଜାତୀୟ ମଞ୍ଚରେ ଭାରତୀୟ ସଂସ୍କୃତିର ପ୍ରଦର୍ଶନ, ବିଜ୍ଞାନ, ପ୍ରଯୁକ୍ତି, ଖେଳ, ଯୁବଶକ୍ତି, ସିଭିଲ୍ ସେବା ଓ ବିଶ୍ୱସ୍ତରରେ ଭାରତର ଉପଲବ୍ଧି ଓ ପର୍ବପର୍ବାଣୀରେ ସ୍ୱଦେଶୀ ଉତ୍ପାଦକୁ ଗୁରୁତ୍ୱ ଦେବା ଉପରେ ମତ ପ୍ରକାଶ କରିଛନ୍ତି।

# ବିଦେଶୀ ନିଶାମାଫିଆଙ୍କ ଟାର୍ଗେଟ୍ ଭୁବନେଶ୍ୱର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନିଶାକାରବାରର ଗଳାବାଟ ପାଲଟିଛି ବିମାନବନ୍ଦର। ବିଦେଶୀ ନିଶା ମାଫିଆଙ୍କ ଟାର୍ଗେଟ୍ ଏବେ ଭୁବନେଶ୍ୱର। କେତେବେଳେ ବ୍ୟାଙ୍କକ୍ ତ କେତେବେଳେ ମାଲେସିଆରୁ ମାରିଜୁଆନା ଆସୁଛି। ବିଦେଶରେ ଥିବା ମାଫିଆ ଓଡ଼ିଶା ଏଜେଣ୍ଟଙ୍କ ମାଧ୍ୟମରେ ମାରିଜୁଆନା ପଠାଇ କୋଟିକୋଟି ଟଙ୍କା ରୋଜଗାର କରୁଛନ୍ତି। ଗତ ୮ମାସ ମଧ୍ୟରେ କଷ୍ଟମ ଓ ଡିଆରଆଇ ବିଭାଗ ୧୧ରୁ ଅଧିକ ଏଜେଣ୍ଟଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୬୩ କୋଟିରୁ ଅଧିକ ଟଙ୍କାର ମାରିଜୁଆନା ଜବତ କରିଛି । ତେବେ ସେମାନେ କାହାପାଖକୁ ଏହି ଦାମୀ ନିଶା ପଠାଉଛନ୍ତି କେଉଁ ବର୍ଗର ଗ୍ରାହକଙ୍କୁ ଟାର୍ଗେଟ୍ କରୁଛନ୍ତି କେଉଁମାନେ ଏତେ ଟଙ୍କା ବ୍ୟୟକରି ମାରିଜୁଆନା କିଣୁଛନ୍ତି ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠୁ ବଡ଼କଥା ହେଲା ଯେ ଉଭୟ ବିଭାଗ ଜଣେ ଏଜେଣ୍ଟ୍ ଗିରଫ




ହେଲେ ନୂଆ ଏଜେଣ୍ଟ ସୃଷ୍ଟି କରି ବିଦେଶୀ ନିଶାମାଫିଆ ପୁଣି ବିମାନ ମାଧ୍ୟମରେ ଏହି କାରବାର କରୁଛନ୍ତି। ତଦନ୍ତ ବେଳେ ଆଉ ଏକ ଦିଗ ପଦାକୁ ଆସିଛି ଯେ ଏପର୍ଯ୍ୟନ୍ତ ଧରାପଡ଼ିଥିବା ଅଧିକାଂଶ ଏଜେଣ୍ଟ ବେଙ୍ଗଲୀ, ଗୁଜରାଟୀ ଓ ଓଡ଼ିଆ ରହିଛନ୍ତି । ଏମିତିକି ଏମାନଙ୍କ ମଧ୍ୟରେ କିଛି ମହିଳା ସଦସ୍ୟ ମଧ୍ୟ ରହିଛନ୍ତି। ତେବେ ଏୟାରପୋର୍ଟରେ ଯାଞ୍ଚ ସମୟରେ ନିଶାଦ୍ରବ୍ୟକୁ ଖସାଇବା ପାଇଁ ମହିଳାଙ୍କୁ ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ଗତ ୮ ମାସ ମଧ୍ୟରେ ୨ ବିଭାଗ ୬ଥର ଚଢ଼ଉକରି ଧରିଥିବା ବେଳେ ଏଭଳି ତଥ୍ୟ ହାତରେ ଲାଗିଛି। ୨୩ ତାରିଖରେ ବ୍ୟାଙ୍କକ୍‌ରୁ ମାରିଜୁଆନା ଧରି ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମ ବିଭାଗ ପ୍ରେମୀଯୁଗଳଙ୍କୁ କାବୁ କରିବା ସହ ୪ କେଜି ଅର୍ଥାତ ୪କୋଟିର ମାରିଜୁଆନା ଜବତ କରିଥିଲା। ସେହିପରି ଗତ ଅଗଷ୍ଟ ୨ତାରିଖରେ ଥାଇଲାଣ୍ଡରୁ ଇଣ୍ଡିଗୋ ବିମାନରେ ମାରିଜୁଆନା ଆସୁଥିବା ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଚଢ଼ଉ କରି ଗୁଜରାଟ ଅହମଦାବାଦର ଜଣେ ଯୁବକଙ୍କୁ ଗିରଫ କରି ୮କୋଟିର ମାରିଜୁଆନା ଜବତ କରିଥିଲା। ଜୁଲାଇ ୨୮ ତାରିଖରେ କଷ୍ଟମ ବିଭାଗ ଚଢ଼ଉ କରି ବ୍ୟାଙ୍କକ୍‌ରୁ ଆସୁଥିବା ୩୦ କେଜି ମାରିଜୁଆନା ଜବତ କରିବା ସହ ୟୁପିର ୩ ଯୁବକଙ୍କୁ ଗିରଫ କରିଥିଲା। ଜାନୁଆରୀ ୧୭ ତାରିଖରେ କଷ୍ଟମ ବିଭାଗ ଜଣେ ଯୁବକଙ୍କୁ ଗିରଫ କରିବା ସହ ୭ କୋଟିର ମାରିଜୁଆନା ଜବତ କରିଥିଲା। ଜାନୁଆରି ୧୪ ତାରିଖରେ ୨ଜଣ ମହିଳାଙ୍କୁ କାବୁ କରି ସେମାନଙ୍କଠାରୁ ୧୦କୋଟିର ମାରିଜୁଆନା ଓ ଜାନୁଆରି ୬ ତାରିଖରେ ୨ଜଣ ଯୁବକଙ୍କଠାରୁ ୪ କୋଟିର ମାରିଜୁଆନା ଜବତ କରାଯାଇଥିଲା।

# ଛତିଶଗଡ ଏଭଳି ଏକ ଗାଁ, ଯେଉଁଠି ପ୍ରତ୍ୟେକଟି ଘରେ ଅଛନ୍ତି ସେନାର ଜଣେ ଜଣେ ଯବାନ

ନୂଆଦିଲ୍ଲୀ :

ଗାଁର ମାଟି, ପାଣି ଓ ପବନରେ ଦେଶପ୍ରେମ। ପିଲାଟିଏ ଜନ୍ମ ହେବା ପରେ ଗୋଟିଏ ସ୍ୱପ୍ନ ଦେଖେ, ତାହା ହେଲା ଦେଶ ସେବା। ଗାଁର ପ୍ରତ୍ୟେକଟି ପୁଅ ବୀର ଯବାନ। ସୀମାରେ ଶତ୍ରୁ ସହ ମୁକାବିଲା କରିବା ସହ ଦେଶ ସୁରକ୍ଷାର ନେଇଛନ୍ତି ପ୍ରତିଜ୍ଞା। ଏଭଳି ଏକ ଗାଁ ହେଉଛି ଛତିଶଗଡର କିରିଟ, ଯାହାର ମାଟି ବୀର ସୁପୁତ୍ରଙ୍କୁ ଜନ୍ମ ଦେଇଛି। କିରିଟ ଗାଁର ୧୦୦ରୁ ଅଧିକ ଯୁବକ ଏବେ ସ୍ଥଳସେନାରେ ଭିନ୍ନ ଭିନ୍ନ ପଦବୀରେ ସୀମାରେ ମୁତୟନ ଅଛନ୍ତି। ଏହାଛଡା ପୋଲିସ, ଆଇଟିବିପି, ସିଆରପିଏଫ, ସିଆଇଏସଏଫରେ ମଧ୍ୟ କାର୍ଯ୍ୟରତ। ଦେଶ ସେବାର ଉତ୍ସାହ ଓ ସେନାରେ ଭର୍ତ୍ତି ହେବାର ପ୍ରଥା ଗାଁରେ ବିଗତ ୪ ଦଶକ ପୂର୍ବରୁ ଆରମ୍ଭ ହୋଇଥିଲା, ଯାହାକି ଏବେ ଯାଏଁ ବି ଚାଲିଛି।



ଏହି ଗାଁର ଜନସଂଖ୍ୟା ୪ ହଜାର, କିନ୍ତୁ ଅଧିକାଂଶ ପିଲା ସେନାରେ ଚାକିରୀ କରିବାର ଇଚ୍ଛା ରଖନ୍ତି। ୬ ଜୁନ ୧୯୮୫ ରେ ସର୍ବ ପ୍ରଥମେ ଗାଁର ଧ୍ୟାନଚନ୍ଦ ଚନ୍ଦ୍ରା ସ୍ଥଳସେନାରେ ନିଯୁକ୍ତି ପାଇଥିଲେ। ଧ୍ୟାନଚନ୍ଦ କେବେ ବି ଭାବିନଥିଲେ, ତାଙ୍କ ପରେ ଗାଁର ଅନ୍ୟ ଯୁବକମାନେ ସେନାରେ ଯୋଗ ଦେବାର ସ୍ୱପ୍ନ ଦେଖିବେ। ତାଙ୍କ ପରଠାରୁ ପ୍ରତିବର୍ଷ ଗାଁର ଯୁବକ ସେନାରେ ଯୋଗ ଦେଉଛନ୍ତି। ସେଥିପାଇଁ ଗାଁ ପିଲାଙ୍କ ସକାଳ ଆରମ୍ଭ ହୁଏ ଟ୍ରେନିଂରୁ। ରନିଂ ସହ ଚାଲେ ଏକ୍ସସରସାଇଜ। ଏପରିକି ପିଲାମାନେ ଦୈନିକ ୧୦ ରୁ ୨୦ କିଲୋମିଟର ପର୍ଯ୍ୟନ୍ତ ପ୍ରତିଦିନ ଦୌଡିଥାନ୍ତି।

କିରିଟ ଗାଁ ଦେଶପ୍ରେମର ମାଟିରେ ବଢ଼ିଥିବା ଏକ ନିଆରା ଗାଁ, ଯେଉଁଠି ପ୍ରତ୍ୟେକ ଘରୁ ଜଣେ ଜଣେ ସୈନିକ ରହିଛନ୍ତି। ଛତିଶଗଡ଼ର ଜାଞ୍ଜଗିର ଚମ୍ପା ଜିଲ୍ଲାରେ ଅବସ୍ଥିତ ଏହି ଛୋଟ ଗାଁ ସମଗ୍ର ଦେଶ ପାଇଁ ପ୍ରେରଣା ପାଲଟିଛି। ଗତ ୪ ଦଶନ୍ଧିରେ, ପ୍ରତିବର୍ଷ ଗାଁରୁ ୫ ରୁ ୬ ଜଣ ଯୁବକଙ୍କୁ ସେନାରେ ସିଲେକ୍ସନ କରାଯାଏ। ଗାଁର ପ୍ରବେଶ ପଥରେ ଯେତେବେଳେ ପଶିଯିବେ, ସେଇଠି ଦେଖିବାକୁ ପାଇବେ ଲେଖାଥିବ ସୈନିକ ନଗର। ନିଶ୍ଚିତ ପକ୍ଷେ ଏଭଳି ଏକ ଗାଁ ପୁରା ଦେଶ ପାଇଁ ଗୌରବ ଆଣି ଦେଇଛି। ଆଗାମୀ ଦିନରେ ବହୁ ସଂଖ୍ୟାରେ ଯୁବପୀଢି ସେନାରେ ଯୋଗଦେବାର ମଧ୍ୟ ଆଶା ରହିଛି।

# ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ବିକାଶକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସହଭାଗିତା ଏକାନ୍ତ ଜରୁରୀ। ଲୋକଙ୍କ ହାତରେ କ୍ଷମତା ପ୍ରଦାନ କରି ତୃଣମୂଳସ୍ତରରୁ ଉତ୍ତମ ଶାସନ ଓ ଉନ୍ନତି ସୁନିଶ୍ଚିତ କରିବା ସ୍ୱାୟତ୍ତ ଶାସନ ଦିବସରେ ସଭିଙ୍କ ସଂକଳ୍ପ ହେଉ।

# ଦୁର୍ଘଟଣା ରୋକିବାକୁ ୩ ତାରିଖରେ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଦୁର୍ଘଟଣା ରୋକିବାକୁ ୩ ତାରିଖରେ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ । ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକ ଡ଼ାକିଛନ୍ତି ରାଜ୍ୟ ସରକାର । ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୩ ତାରିଖରେ ବସିବ ଏହି ବୈଠକ । ଲୋକସେବା ଭବନର ତୃତୀୟ ମହଲାରେ ଅପରାହ୍ନ ୫ ଟାରେ ବସିବ ବୈଠକ ।

## ବଡ଼ଗଡ଼ର ବଡ଼ ଗଣେଶ

# ୬୧ ଫୁଟ ଉଚ୍ଚତାର ଗଜାନନଙ୍କ ୪ ଫୁଟର ରୁପା ବାହନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶା ପ୍ରସିଦ୍ଧ ବଡ଼ଗଡ଼ ବଡ଼ ଗଣେଶଙ୍କ ନିର୍ମାଣ କାର୍ଯ୍ୟ ଜାରି ରହିଛି। ୬୧ ଫୁଟ ଉଚ୍ଚତା ବିଶିଷ୍ଟ ଏହି ବିଶାଳ ମୂର୍ତ୍ତି ପାଇଁ ସୁନ୍ଦର ମୂଷା ନିର୍ମିତ ହୋଇଛି । ଚଳିତ ଥର ଗଜାନନଙ୍କ ପଦ ମଣ୍ଡନ କରିବେ ତାଙ୍କ ଆଦରର ବାହନ ରୁପାରେ ତିଆରି ମୂଷା । ଏହା ସହିତ ଠାକୁରଙ୍କୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଭକ୍ତଗଣଙ୍କୁ ପ୍ରତିବର୍ଷ ନୂଆ ନୂଆ ସାଜସଜ୍ଜା ଭେଟି ଦିଆଯିବ ବୋଲି ଗଣେଶ ମହୋତ୍ସବ କମିଟିର ସଭାପତି ସଂଗ୍ରାମ ମାର୍ଥା କହିଛନ୍ତି ।

ଗତ ବର୍ଷ ବଡ଼ ଗଣେଶଙ୍କ ପାଦ ନିକଟରେ ବିରାଜିତ ହୋଇଥିଲେ ମାଟି ଓ ପ୍ଲାଷ୍ଟର ପ୍ୟାରିସ ନିର୍ମିତ ବାହନ । ଏଥର ବଡ଼ଗଡ଼ ଗ୍ରାମବାସୀ ଓ ମହୋତ୍ସବ କମିଟିର ସଦସ୍ୟ ଗଣ ଆଉ ପାଦେ ଆଗକୁ ଯାଇଛନ୍ତି । ମାଟି ମୂଷାକୁ ସମ୍ପୂର୍ଣ ପରିବର୍ତ୍ତନ କରି ରୁପାରେ ମୂଷା ତିଆରି କରିଛନ୍ତି । ଚାରି ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମୂଷାକୁ କଟକର ତାରକସୀ କାରିଗର ସଞ୍ଜୟ ମହାରଣା ନିର୍ମାଣ କରିଛନ୍ତି । ଏହି ରୁପା ମୂଷାରେ ପାଞ୍ଚ କେଜି ରୁପା ଲାଗିଛି । ବଡ଼ଗଡ଼ ଗ୍ରାମବାସୀ, କମିଟିର ସଦସ୍ୟ ଗଣ ଓ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହଯୋଗରେ ଏହି ରୁପା ମୂଷା ଯୋଗାଡ଼ ହୋଇପାରିଛି । ପୂଜା ଅବସରରେ ଏହି ମୂଷା ଗଣେଶଙ୍କ ପାଦ ନିକଟରେ ବସିବ । ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଏହି ରୁପା ମୂଷାକୁ ସ୍ପର୍ଶ କରି ପାରିବେ । ତା' ସହିତ ମୂଷା ପାଖରେ ଶ୍ରଦ୍ଧାଳୁମାନେ ତାଙ୍କ ନିଜ ମୋବାଇଲ ମାଧ୍ୟମରେ ସେଲ୍‌ଫି ନେଇ ପାରିବେ। ଚଳିତ ମହାସ୍ତବରେ ଏହି ରୁପା ନିର୍ମିତ ମୂଷା ବିଶେଷ ଆକର୍ଷଣ ସାଜିବ ବୋଲି ଗ୍ରାମବାସୀ, ମହୋତ୍ସବର ଆୟୋଜକ ଓ ବ୍ରାଇଟ ଷ୍ଟାର ୟୁଥ୍ ଆସୋସିଏସନ୍ କର୍ମକର୍ତ୍ତାମାନେ ଆଶା କରିଛନ୍ତି।

# ନଥିପତ୍ରରେ ରାଜସ୍ୱ ମାନ୍ୟତା : ହେଲେ ଖୋଜିଲେ ମିଳୁନି ୪୯ଟି ଗାଁ

ସୁନ୍ଦରଗଡ଼, ନ୍ୟୁଜ ବ୍ୟୁରୋ

'ବାହ୍ୟ ମଳମୁକ୍ତ ଗାଁ ସାନବାଲିଚୁଆ ଆପଣଙ୍କୁ ସ୍ୱାଗତ କରୁଛି । ଆମେ ଗାଁକୁ ସ୍ୱଚ୍ଛ ରଖିବା ପାଇଁ ପ୍ରତିଜ୍ଞାବଦ୍ଧ ଅଟୁ' । ରାସ୍ତାକଡ଼ରେ ଲାଗିଥିବା ଏଭଳି ନାମଫଳକରୁ ଜଣାପଡୁଛି ନିକଟରେ ଜନବସତି ଅଛି । ଏଠାରେ କେହି ବାହାରେ ମଳତ୍ୟାଗ କରୁନାହାନ୍ତି । ଅର୍ଥାତ୍ ସମସ୍ତଙ୍କ ଘରେ ପାଇଖାନା ରହିଛି । ଲୋକେ ସ୍ୱଚ୍ଛତା ପ୍ରତି ବେଶ୍ ସତର୍କ । ହେଲେ ବାସ୍ତବ କଥା ଭିନ୍ନ । ସାନବାଲିଚୁଆ ବୋଲି ଘୋଷଣା କରାଯାଇଥିବା ରାଜସ୍ୱ ଗାଁ କେବଳ ସରକାରୀ ନଥିରେ ସୀମିତ । ଏଠାରେ ନା ଅଛି ଜନବସତି ନା ରହୁଛନ୍ତି ଗୋଟିଏ ବି ପରିବାର। କେବଳ ସାନବାଲିଚୁଆ ନୁହେଁ ସୁନ୍ଦରଗଡ଼ ଜିଲ୍ଲାରେ ଏଭଳି ୪୯ଟି ଜନଶୂନ୍ୟ ଗ୍ରାମ ରହିଛି। କେଉଁଠି ଜନବସତି ନ ଥାଇ ଗ୍ରାମକୁ ରାଜସ୍ୱ ଗାଁ ମାନ୍ୟତା ମିଳିଛି ତ ଆଉ କେଉଁଠି ଖଣିଖାଦାନ ଯନ୍ତ୍ରଣା ଓ ବିପନ୍ନ ଜୀବନ ଜୀବିକା ପାଇଁ ଲୋକେ ଚାଷବାସ ଛାଡ଼ି ଅନ୍ୟତ୍ର ଉଠିଯାଇଛନ୍ତି । ଜିଲ୍ଲା ସଦରଠାରୁ ୪୩ କିମି ତଥା ସୁନ୍ଦରଗଡ଼-ହେମଗିର ରାସ୍ତା ପାର୍ଶ୍ୱରେ ଡୁଡୁକା ରାଜସ୍ୱ ସର୍କଲ ଅଧୀନରେ ସାନବାଲିଚୁଆ ବୋଲି ଏକ ରାଜସ୍ୱ ଗ୍ରାମ ରହିଥିବା ସରକାରୀ ନଥି କହୁଛି । ଏଠାରେ ୪୨ଟି ଖତିଆନ ରହିଛି। ମଶାଣି, ହାଟ ପାଇଁ ଜମି ସଂରକ୍ଷିତ କରି ରଖାଯାଇଛି। ଭୂ-ଲେଖରେ ଖୋଳତାଡ଼ ବେଳେ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ୪୨ଟି ଖତିଆନ ମଧ୍ୟରୁ ସବୁଗୁଡ଼ିକ ବାହାର ଲୋକଙ୍କ ନାମରେ ପଞ୍ଜିକୃତ ହୋଇଛି । ଅଥଚ ସେଠାରେ ଗୋଟିଏ ଘର ନାହିଁ କି କେହି ଜଣେ ରହୁନାହାନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ଜିଲ୍ଲାରେ ୧୭୬୨ ରାଜସ୍ୱ ଗ୍ରାମ ରହିଛି। ତନ୍ମଧ୍ୟରୁ ୪୯ଟି ଗ୍ରାମକୁ ଜନଶୂନ୍ୟ ଘୋଷଣା କରାଯାଇଛି । ସୁନ୍ଦରଗଡ଼, ବାଲିଶଙ୍କରା, ଲାଠିକଟା, ନୂଆଗାଁ ବ୍ଲକରେ ଗୋଟିଏ ଲେଖାଏଁ ଏଭଳି ଗାଁ ରହିଛି । ସେହିପରି କୁଆଁରମୁଣ୍ଡା ବ୍ଲକରେ ୨ଟି, କୋଇଡ଼ାରେ ୪ଟି, ରାଜଗାଙ୍ଗପୁରରେ ୪ଟି, ଗୁରୁଣ୍ଡିଆରେ ୬ଟି, ଲହୁଣୀପଡ଼ାରେ ୬ଟି ବାସହୀନ ରାଜସ୍ୱ ଗାଁ ଅଛି । ହେମଗିରିରେ ୧୦ଟି ଏବଂ ବଣାଇଁ ବ୍ଲକରେ ସର୍ବାଧିକ ୧୩ଟି ଏପରି ରାଜସ୍ୱ ଗ୍ରାମ ରହିଥିବା ସରକାରୀ ତଥ୍ୟ କହୁଛି । କିନ୍ତୁ ବାସ୍ତବରେ ଏଭଳି ଜନଶୂନ୍ୟ ଗାଁ ସଂଖ୍ୟା ଢେର ଅଧିକ । ରାଜସ୍ୱ ବିଭାଗର ଜଣେ ଅଧିକାରୀ କହିଛନ୍ତି, ବାଲିଶଙ୍କରା ବ୍ଲକରେ ଏପରି ୧୨ଟି ଗାଁ ରହିଛି । କେତେକ ରାଜସ୍ୱ ଗ୍ରାମର ଲୋକେ ଖଣି, କଳ କାରଖାନା ପାଇଁ ବିସ୍ଥାପିତ ହୋଇଛନ୍ତି। ଅନ୍ୟ କେତେକ ସ୍ଥାନରେ ବସତି ସ୍ଥାପନ ଉଦ୍ଦେଶ୍ୟରେ ସରକାର ଘରଡ଼ିହ ଜମି ପଟ୍ଟା ପ୍ରଦାନ କରି ରାଜସ୍ୱ ଗ୍ରାମର ମାନ୍ୟତା ଦେଇଛନ୍ତି । କିନ୍ତୁ ସେଠାରେ କେହି ଜଣେ ବି ରହୁନାହାନ୍ତି । ସରକାର ଉପରଠଉରିଆ ଭାବେ ରାଜସ୍ୱ ଗ୍ରାମ ଘୋଷଣା କରି ଦାୟିତ୍ୱ ସାରିଦେଲେ। ଯେଉଁ କିଛି ଗାଁରେ ହାତଗଣତି ଲୋକ ରହୁଥିଲେ, ସେମାନଙ୍କୁ ବର୍ଷ ବର୍ଷ ଧରି ମୌଳିକ ସୁବିଧା ମିଳିଲାନି । ଜୀବନଜୀବିକା ସଂଘର୍ଷରେ ହାରିଯିବା ପରେ ସେମାନେ ଗାଁ ଛାଡ଼ି ପଳାଇଛନ୍ତି । ଅନୁରୂପ ଭାବେ ଅନେକ ବସତି ଖଣିଖାଦାନ ପାଇଁ ପ୍ରଭାବିତ ହେଲା । କେଉଁଠି ବିସ୍ଥାପନ, କାମ ଅଭାବ ପାଇଁ ଲୋକେ ଘରଦ୍ୱାର ଛାଡ଼ିଦେଲେ । ଦୂରଦୃଷ୍ଟି ନ ଥାଇ ଅପନ୍ତରା ଅଞ୍ଚଳକୁ ରାଜସ୍ୱ ଗାଁ ମାନ୍ୟତା ଦେଇ ଦେଲେ । ପରବର୍ତ୍ତୀ ସମୟରେ ଏଭଳି ଗାଁଗୁଡ଼ିକୁ ଚିହ୍ନଟ କରି ସରକାର ଜନଶୂନ୍ୟ ବୋଲି ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବା ଯୋଗ୍ୟତା ଥିବା ଅନେକ ଗାଁ ରହିଛି । ଦଶନ୍ଧି ଦଶନ୍ଧି ଧରି ଆନ୍ଦୋଳନ, ପ୍ରତିବାଦ, ଭୋଟବର୍ଜନ ସତ୍ତ୍ୱେ ସେସବୁ ଗ୍ରାମକୁ ରାଜସ୍ୱ ଗାଁର ମାନ୍ୟତା ଦେବାକୁ ପ୍ରଶାସନ ପକ୍ଷରୁ ଆନ୍ତରିକତା ପ୍ରକାଶ ପାଉନାହିଁ । ହେଲେ ଜନଶୂନ୍ୟ ଜନବସତିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯିବାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି ।

# ବାଇକ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାଇକ ରାଇଡରଙ୍କ ସନ୍ଦେହଜନକ ମୃତ୍ୟୁ । ବାଇକ ରାଇଡିଂ କୁ ନିଜ ନିଶା ବନାଇଥିବା ସନ୍ଦୀପ କୁମାର ଦାସଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ । ପୁନାମା ଗେଟ ନିକଟ ରେଲୱେ କ୍ରସିଂ ଉପରୁ ମିଳିଛି ସନ୍ଦୀପଙ୍କ କ୍ଷତବିକ୍ଷତ ମୃତଦେହ । ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚିଛି ।

# କଟକ-ପୁରୀ ବାଇପାସ୍‌ରେ ଅନ୍ଧାର ରାଜୁତି: ୨.୮୫ କୋଟିର ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ଅଚଳ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସୁରକ୍ଷିତ ଯାତାୟାତ ନିଶ୍ଚିତ କରିବା ଉଦ୍ଦେଶ୍ୟରେ କଟକ-ପୁରୀ ବାଇପାସ୍ ରାସ୍ତାକୁ ଆଲୋକୀକରଣ କରାଗଲା। ଦାମୀ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଗଲା। ମାତ୍ର ୩ ବର୍ଷ ଭିତରେ ଏହି ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇଗଲାଣି । ଅଳ୍ପ କିଛି ଷ୍ଟ୍ରିଟ୍‌ଲାଇଟ୍‌କୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଲାଇଟ୍ ଖରାପ। ଫଳସ୍ୱରୂପ ରାତିରେ ରାସ୍ତାସାରା ଅନ୍ଧାର ରାଜୁତି କରୁଛି। ପାଦେ ପାଦେ ଦୁର୍ଘଟଣା ଓ ଚୋରିର ଭୟ ଘାରୁଛି। ୬ ମାସ ହେଲାଣି ଏଭଳି ସ୍ଥିତି ଲାଗି ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ଫେବ୍ରୁୟାରୀ ୩ରେ କଟକ-ପୁରୀ ବାଇପାସ ରାସ୍ତା ଆଲୋକୀକରଣ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ୩୮୭ଟି ପୋଲ୍‌ରେ ୭୭୪ଟି ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଥିଲା। ଲିଙ୍ଗିପୁର, କେଶୁରା ଓ ପାଣ୍ଡରାରେ ତିନୋଟି ଉଚ୍ଚ କ୍ଷମତାସଂପନ୍ନ ହାଇମାଷ୍ଟ ଲାଇଟ୍ ଲଗାଯାଇଥିଲା। ବିଏମ୍‌ସି ଏ ବାବଦରେ ୨.୮୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ପର୍ଯ୍ୟଟନ ବିଭାଗ ପ୍ରକଳ୍ପ ଖର୍ଚ୍ଚ ବହନ କରିଥିଲା। ସେ ସମୟରେ ସରକାର ଡିଣ୍ଡିମ ପିଟିଥିଲେ ଯେ ଏହି ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ବିଦ୍ୟୁତ ଖର୍ଚ୍ଚ ହ୍ରାସ କରିବ। ସଡ଼କ ଦୁର୍ଘଟଣା ଓ ଅପରାଧକୁ ରୋକିବ। ସ୍ଥାନୀୟ ଲୋକଙ୍କ କହିବା କଥା, ଆରମ୍ଭରୁ ସବୁକିଛି ଠିକ୍ ଥିଲା। କିନ୍ତୁ ଏବେ



ଅଧିକାଂଶ ଲାଇଟ୍ ଅଚଳ ହୋଇଗଲାଣି। ମରାମତି କି ରକ୍ଷଣାବେକ୍ଷଣ କରାଯାଉନି। ପଳାଶୁଣୀ ଛକରୁ ଲିଙ୍ଗିପୁର ଛକ ପର୍ଯ୍ୟନ୍ତ ୧୨ କିଲୋମିଟର ରାସ୍ତା ସଂପୂର୍ଣ୍ଣ ଅନ୍ଧାରରେ। ଚଳିତ ବର୍ଷାରେ ରାତି ସମୟ ଅଧିକ ବିପଦପୂର୍ଣ୍ଣ ହୋଇପଡ଼ିଛି। ଦୁର୍ଘଟଣା ଓ ଚୋରି ଆଶଙ୍କା ବଢ଼ିଯାଇଛି। ରାତିରେ ବହୁ ସଂଖ୍ୟାରେ ବୁଲା ଷଣ୍ଢ ଓ ଗାଈ ରାସ୍ତାରେ ଶୋଉଛନ୍ତି। ଅନ୍ଧାରରେ ଏମାନଙ୍କ ଦେହରେ ପିଟି ହୋଇ ଉଭୟ ଚାଳକ ଓ ଗାଈଗୋରୁ ମୃତାହତ ହେଉଛନ୍ତି। ପାଣ୍ଡରା ଓ କେଶୁରା ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି ଯେ ଏ ସଂପର୍କରେ ସେମାନେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଅନେକଥର ଅଭିଯୋଗ କଲେଣି। କିନ୍ତୁ ଫଳ ଶୂନ୍। ତୁରନ୍ତ ଅଚଳ ଲାଇଟ୍ ମରାମତି ସହ ବୁଲା ଗୋରୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି ଯେ ଏହି ରାସ୍ତାର କିଛି ଅଂଶ ଜାତୀୟ ରାଜପଥ ବିଭାଗ ଅଧୀନରେ ଓ କିଛି ଅଂଶ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ରହିଛି। ତଥାପି କେଉଁଠି ତ୍ରୁଟି ରହିଛି, ଅନୁଧାନ କରିବୁ। ଯଦି ଜାତୀୟ ରାଜପଥ ବିଭାଗ ଅଧୀନ ଲାଇଟ୍ ଖରାପ ହୋଇଥିବ, ବିଭାଗକୁ ଜଣାଇବୁ।

# ରାଜ୍ୟ ସରକାରଙ୍କ ସ୍ୱଚ୍ଛ ବାୟୁ ଅଭିଯାନ

## କଳିଙ୍ଗନଗର, ରାଉରକେଲା, ତାଳଚେରର ବିଗୁଡ଼ିଛି ସ୍ଥିତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାୟୁ ପ୍ରଦୂଷଣ ହ୍ରାସ ପାଇଁ ରାଜ୍ୟ ସରକାର ସ୍ୱଚ୍ଛ ବାୟୁ ଅଭିଯାନକୁ ଆହୁରି ଜୋରଦାର କରିବେ । ଏଥିରେ ଆସନ୍ତା ୫ ବର୍ଷରେ ୧୫୦ କୋଟି ଟଙ୍କା ଖର୍ଚ୍ଚ ପାଇଁ ପ୍ରସ୍ତାବ ରହିଛି। ଏହି କାର୍ଯ୍ୟକ୍ରମ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ। ଚଳିତ ବର୍ଷ ଜୁନ୍ ୫ ତାରିଖରେ ନୂଆ ଭାବେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆଗାମୀ ୫ ବର୍ଷରେ ବାୟୁମଣ୍ଡଳରେ ପ୍ରଦୂଷିତ ଧୂଳିକଣା ପିଏମ୍ ୧୦ ଓ ପିଏମ ୨.୫ରେ ୪୦% ହ୍ରାସ ପାଇଁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟସ୍ତରୀୟ ବାୟୁ ଗୁଣାବତ୍ତା ମନିଟରିଂ କମିଟିର ଦଶମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରୁ ଜଣାପଡ଼ିଛି, ରାଜ୍ୟର ୭ଟି ସହରରେ ପିଏମ୍ ୧୦ ବାୟୁ ପ୍ରଦୂଷଣ ସ୍ତରରେ ସୁଧାର ଆସିଛି। ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ ପିଏମ୍ ୧୦ ସାନ୍ଦ୍ରତାରେ ୨୯% ହ୍ରାସ ସହିତ ସ୍ୱଚ୍ଛ ବାୟୁ କ୍ଷେତ୍ରରେ କଟକ ସହରର ସ୍ଥିତିରେ ବଡ଼ ସୁଧାର ଆସିଛି । ଅନୁଗୁଳରେ ୨୮%, ବାଲେଶ୍ୱରରେ ୨୬% ପିଏମ ୧୦ ଧୂଳିକଣା ସ୍ତର ହ୍ରାସ ପାଇଛି । ଅନ୍ୟପକ୍ଷରେ କଳିଙ୍ଗନଗର, ରାଉରକେଲା, ତାଳଚେରରେ ବାୟୁ ପ୍ରଦୂଷଣ ସ୍ଥିତି ପୂର୍ବାପେକ୍ଷା ଅଧିକ ବିଗିଡ଼ିଛି । ସ୍ୱଚ୍ଛ ବାୟୁ କ୍ଷେତ୍ରରେ କଳିଙ୍ଗନଗରରେ ୧୩%, ତାଳଚେରରେ ୧୨%, ରାଉରକେଲାରେ ୨.୭% ଅବନତି ଘଟିଛି। ୨୦୨୩-୨୪ ସ୍ୱଚ୍ଛ ବାୟୁ ସର୍ବେକ୍ଷଣର ବର୍ଗ-୨ ସହରରେ (୩ ଲକ୍ଷରୁ ୧୦ ଲକ୍ଷ ଜନସଂଖ୍ୟା) ଭୁବନେଶ୍ୱର ସପ୍ତମ, କଟକ ନବମ, ରାଉରକେଲା ଦ୍ୱାଦଶ ସ୍ଥାନରେ ଥିଲା। ବର୍ଗ-୩ ସହରରେ (୩ ଲକ୍ଷରୁ କମ୍ ଜନସଂଖ୍ୟା) ତାଳଚେର ଚତୁର୍ଥ, ଅନୁଗୁଳ ଷଷ୍ଠ, ବାଲେଶ୍ୱର ସପ୍ତମ ସ୍ଥାନରେ ଥିଲା । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ କଳିଙ୍ଗନଗର, ରାଉରକେଲା ସର୍ବନିମ୍ନ ସ୍କୋର ପାଇଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ସେପ୍ଟେମ୍ବର ୨୦୨୫ ସୋମବାର





## ସୋଆ ପ୍ରତିଷ୍ଠାତା ସଭାପତି ଓ ଏନ୍‌ଆଇଟି ଅରୁଣାଚଳ ପ୍ରଦେଶର ନିର୍ଦ୍ଦେଶକଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକଙ୍କୁ ଶନିବାର ସୋଆ ମୁଖ୍ୟ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି, ଅରୁଣାଚଳ ପ୍ରଦେଶର ନିର୍ଦ୍ଦେଶକ ପ୍ରଫେସର ମୋହନ ଭି. ଅଓ୍ୱାରେ। ଏହି ସାକ୍ଷାତ ଆଲୋଚନା ସମୟରେ ଦୁଇ ବିଶିଷ୍ଟ ଶିକ୍ଷାବିତ୍ ଶିକ୍ଷା କ୍ଷେତ୍ରକୁ ନେଇ ଅନେକ ଆଲୋଚନା କରିଥିଲେ।




### ବାଲିଯାତ୍ରା କଟକ ଉତ୍ସବ -୨୦୨୫ ପ୍ରସ୍ତୁତି ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରାଥମିକ ବୈଠକ

## ଚଳିତବର୍ଷ ବାଲିଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରାଯିବ

**କଟକ, ନ୍ୟୁଜ ବ୍ୟୁରୋ**

ବାଲିଯାତ୍ରା କଟକ ଉତ୍ସବ -୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ବାଲିଯାତ୍ରାର ପ୍ରସ୍ତୁତି ନିମନ୍ତେ ଏହି ପ୍ରାକ-ପ୍ରସ୍ତୁତି ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରି ଆଲୋଚନାରେ ଭାଗନେଇଥିଲେ। ଚଳିତବର୍ଷ କଟକ ବାଲିଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ ପତ୍ୟେକ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ। ବାଲିଯାତ୍ରାର ଭିତ୍ତିଭୂମି ନିର୍ମାଣ, ପରିମଳ



ବ୍ୟବସ୍ଥା, ଧୂଳି ନିୟନ୍ତ୍ରଣ ଆଦି କାର୍ଯ୍ୟକୁ ଅଧିକ ଉନ୍ନତ ମାନର କରିବା ସହ ପୂର୍ବାପେକ୍ଷା ଅଧିକ ଜନୋପଯୋଗୀ କରିବା ନିମନ୍ତେ ଗୁରୁତ୍ୱ ଦେବାକୁ ଆଲୋଚନା କରଯାଇଥିଲା। ବାଲିଯାତ୍ରା ପରିସରଭୁକ୍ତ ପଡିଆର ସମଗ୍ର ଅଞ୍ଚଳକୁ ଚଳଚଞ୍ଚଳ ବ୍ୟବହାର ସହ ଯାତ୍ରୀ ପରିବହନ ଓ ଯାନବାହନ ରଖିବା ବ୍ୟବସ୍ଥାକୁ ଅଧିକ ସୁବିଧାଜନକ କରିବା ଉପରେ ମଧ ଗୁରୁତ୍ୱାରୋପ କରଯାଇଥିଲା। ବାଲିଯାତ୍ରା କାର୍ଯ୍ୟକ୍ରମର ପ୍ରତ୍ୟେକ ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ନୋଡାଲ ଅଧିକାରୀ ଭାବେ ଦାଇତ୍ୱ ବହନ କରିବେ। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ କରିବା, କଟକ-ଇନ-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ସୁରକ୍ଷା ପ୍ରମାଣପତ୍ର ମାନ ସୁନିଶ୍ଚିତ କରିବାକୁ କହିଥିଲେ। ବାଲିଯାତ୍ରା ସ୍ମରଣିକାକୁ ଅଧିକ ପାଠକାଦୃତ କରିବା ସହ ଏହାକୁ ଉଚିତ ସମୟରେ ପାଠକଙ୍କ ନିମନ୍ତେ ଉପଲବ୍ଧ କରାଇବା ପାଇଁ ସେ କହିଥିଲେ। ଉଠାଦୋକାନୀଙ୍କ ଠାରୁ ଆରମ୍ଭ କରି ସମସ୍ତବର୍ଗର ଭାଗୀଦାର ଏବଂ ଯାତ୍ରୀମାନଙ୍କ ନିମନ୍ତେ ସର୍ବୋପଯୋଗୀ ଯୋଜନାମାନ ପ୍ରସ୍ତୁତ କରି ଚଳିତ ବାଲିଯାତ୍ରାକୁ ସ୍ମରଣୀୟ କରିବା ନିମନ୍ତେ ସମସ୍ତେ କର୍ତ୍ତବ୍ୟନିଷ୍ଠଭାବେ କାର୍ଯ୍ୟକରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରଯାଇଥିଲା। ଆଜିର ଏହି ପ୍ରାଥମିକ ବୈଠକରେ କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରନଦିପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ଶ୍ରୀ ପ୍ରଣବ କୁମାର ବେହେରା, ସଚିବ କଟକ ଉନ୍ନୟନ କର୍ତ୍ତୃପକ୍ଷ ଶ୍ୱେତ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଲାଞ୍ଚୁଆ କନିଷ୍ଠ ଯନ୍ତ୍ରୀଙ୍କୁ ୨ ବର୍ଷ କାରାଦଣ୍ଡାଦେଶ


**ବାରିପଦା, ନ୍ୟୁଜ ବ୍ୟୁରୋ**

ଆୟ ବହିର୍ଭୁତ ସମ୍ପତି ମାମଲାରେ ଲାଞ୍ଚୁଆ କନିଷ୍ଠ ଯନ୍ତ୍ରୀଙ୍କୁ ୨ବର୍ଷର କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ବାରିପଦା ସ୍ଥିତ ସତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ପକ୍ଷରୁ ଜଜ ପୂର୍ଣ୍ଣିମା ଜେନା ଉକ୍ତ ମାମଲାର ବିଚାର କରି ଶନିବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୧ଲକ୍ଷ ଟଙ୍କା ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାୟରେ ଉଲ୍ଲେଖ ରହିଛି। ସେ ହେଲେ ଗଜପତି ଜିଲ୍ଲା ପରଳାଖେମୁଣ୍ଡି ଅଞ୍ଚଳର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଜେନା। ସେ ବାରିପଦା ସ୍ଥିତ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ପୂର୍ବତନ ବୈଷୟିକ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ସମୟରେ ଅନୈତିକ ଉପାୟରେ ଆୟ ବହିର୍ଭୁତ ଅର୍ଥ ଉପାର୍ଜନ କରିଥିଲେ। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଯାହାକୁ ନେଇ ଗତ ତାଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିଲା। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ ହୋଇଥିଲା। ତାଙ୍କର ବାର୍ଷିକ ଆୟର ଅଧିକ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଦ୍ୱାରା ଠାବ ହୋଇଥିଲା। ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତି କରି ଜଜ୍ ଉପରୋକ୍ତ ଶୁଣାଣୀ କରିଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ହେବା ନେଇ ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ସରକାରୀ ଆଇନଜୀବୀ ଶାନ୍ତନୁ କୁମାର ଦାଶ ପରିଚାଳନା କରୁଥିଲେ।

## ଶିଶୁକନ୍ୟାମାନଙ୍କ ସୁରକ୍ଷା ଓ ବିକାଶ ଉପରେ ଗୁରୁତ୍ୱାରୋପ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡର ସଦଭାବନା ଗୃହରେ ଆଜି ବେଟି ବଚାଓ ବେଟି ପଢାଓ ଉପରେ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା ସ୍ଥାନାନ୍ତରଣ, ସ୍କୁଲ ପରିତ୍ୟାଗ ଓ ଶିଶୁ ଶ୍ରମିକ, ପ୍ଲାଟଫର୍ମ ଶିଶୁମାନଙ୍କ ସଂଖ୍ୟାରେ ବୃଦ୍ଧି ଓ ତାଙ୍କର ଥଇଥାନ, ଅଳ୍ପ ବୟସରେ ଗର୍ଭଧାରଣ, ଶିଶୁ ଚାଲାଣ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା ଏବଂ ତାହାର ସମାଧାନ ପନ୍ଥା ଗୁଡ଼ିକ ମଧ ଆଲୋଚନା କରାଯାଇଥିଲା । ସେହିଭଳି ଶିଶୁମାନଙ୍କ ସୁରକ୍ଷା ସମ୍ପର୍କିତ ଥିବା ବିଭିନ୍ନ ଅସୁବିଧା ଗୁଡ଼ିକ ଉପରେ ମଧ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର



ସହଯୋଗରେ ଶିଶୁମାନଙ୍କ ଅଧିକାର ଗୁଡିକର ସୁରକ୍ଷା କରାଯାଇ ପାରିବ। ବାଲ୍ୟ ବିବାହ ନିରୋଧ, କନ୍ୟା ଭ୍ରୂଣ ହତ୍ୟା, ଲିଙ୍ଗ ଭିତ୍ତିକ ତାରତମ୍ୟର ମୂଳୋତ୍ପାଟନ ନିମନ୍ତେ ସମସ୍ତ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ଉନ୍ନୟନ, ଗୃହ ବିଭାଗର ସହଯୋଗିତାରେ କନ୍ୟା ମାନଙ୍କର ସାମଗ୍ରିକ ବିକାଶ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ଚଳିତ ବର୍ଷ ଜୁନ ମାସ ଠାରୁ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ 'ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କଣ କଣ ପଦକ୍ଷେପ ନିଆଯିବ ସେ ସମ୍ବନ୍ଧିତ ସଂପୂର୍ଣ୍ଣ ବିବରଣୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କ୍ରିଷ୍ଣା କୁମାରୀ ନନ୍ଦ ଉପସ୍ଥାପନା କରିଥିଲେ। ଏହି ସଭାରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଯୋଗ ଦେଇ ତୃଣମୂଳ ସ୍ତରରେ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇ ଏ ଏସ ସିକ୍ଷାନବିଷ ସୁଶ୍ରୀ ଫାବୀ ରସିଦ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଶିଶୁ ବିକାଶ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ଯତ୍ନ ଅନୁଷ୍ଠାନ, ଶିଶୁ କଲ୍ୟାଣ କମିଟି ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

## ଚୌଦ୍ୱାରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ


**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ତରଫରୁ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ-ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ୧ କୋଟି ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨ନମ୍ବର ଓ ୧୦ ନମ୍ବର ୱାର୍ଡ଼ରେ ୬ଟି ନୂତନ ଅଙ୍ଗନୱାଡ଼ି ଗୃହ ଏବଂ ୧୦ ଓ ୧୯ ନମ୍ବର ୱାର୍ଡ଼ରେ ୭ଟି ରାସ୍ତା ଓ ଡ୍ରେନ୍‌ର ଶୁଭ ଉଦ୍‌ଘାଟନ କରିଥିଲେ । ଏଥି ସହିତ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ପୌର କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର, ଝୋଟି ପ୍ରତିଯୋଗିତା ଏବଂ ମହିଳା ମାନଙ୍କର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ବିଧାୟକ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ଟାଙ୍ଗୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଚନ୍ଦିକା କୁମାରୀ ମହାପାତ୍ର, ସୁପରଭାଇଜର ଆରତୀ ମହାନ୍ତି, ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଇଂ ସଂଜୟ ସାମଲ, ବିମଳ କୁମାର ବେଉରା, ସମସ୍ତ କାଉନସିଲର ଏବଂ ପୌର କର୍ମଚାରୀ ଏହି ସବୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ଉପରେ ଗୁରୁତ୍ୱ

**ବାଲେଶ୍ୱର, ନ୍ୟୁଜ**

ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଏବଂ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ସହଯୋଗରେ "ଭୂସ୍ଖଳନ ବିପଦ ଆକଳନ: ଭୂ-ବିଜ୍ଞାନ ପଦ୍ଧତି ଓ ବିଶ୍ଳେଷଣାତ୍ମକ ସଫ୍ଟୱେର୍ ଉପକରଣ" ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ପ୍ରାକୃତିକ ବିପଦର ଭୟାବହତା, ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନର ଗୁରୁତ୍ୱ ସହିତ ଆଧୁନିକ ଭୂ-ବିଜ୍ଞାନ ପଦ୍ଧତିର ବିଷୟରେ ଗଭୀରତାର ସହ ଆଲୋଚନା କରିଥିଲେ। କର୍ମଶାଳାର ଆୟୋଜନ ସମ୍ପର୍କରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ



ତାହାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବର୍ତ୍ତମାନ ସମୟରେ ବିପର୍ଯ୍ୟୟ ପରିଚାଳନା-ଦକ୍ଷତା ବିକାଶର ଆବଶ୍ୟକତା ବିଷୟରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ଡକ୍ଟର ୟୁନୁସ୍ ଅଲି ପୁଲପଦନ ଯୋଗଦେଇ, ଭୂସ୍ଖଳନ ଓ ଭୂଚଳନର ବିଭିନ୍ନ କାରଣ, ମୂଲ୍ୟାଙ୍କନ ପ୍ରକ୍ରିୟା ଓ ସଫ୍ଟୱେର୍ ଉପକରଣ ବ୍ୟବହାର ଉପରେ ଆଲୋକପାତ କରି ଏହାସହିତ ସଂପର୍କିତ ସବିଶେଷ ବିଶ୍ଳେଷଣାତ୍ମକ ତଥ୍ୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ମାନବ ସମ୍ବଳ ବିକାଶ କେନ୍ଦ୍ରର ଡ଼କ୍ଟର ରାଜଶ୍ରୀ ଦତ୍ତ, ଡ଼କ୍ଟର ପ୍ରହଲ୍ଲାଦ ଖିଲ, ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଅଧ୍ୟାପକ ଶ୍ରୀ ଅରୁଣ କୁମାର ନାୟକ, ଡ଼କ୍ଟର ସ୍ମୃତିରେଖା ସାହୁ, ଡ଼କ୍ଟର ପଙ୍କଜିନୀ ମହାନ୍ତ ଓ ସଂଯୁକ୍ତ ପ୍ରଫେସର ରବୀନ୍ଦ୍ରନାଥ ହୋତା ସହ ଅନେକ ବିଶେଷଜ୍ଞ ତଥା ଅନୁଭବୀ ଶିକ୍ଷାବିତ ଉପସ୍ଥିତ ଥିଲେ। ସେମାନେ ନିଜର ମୂଲ୍ୟବାନ ବକ୍ତବ୍ୟରେ , ଭୂସ୍ଖଳନର ପ୍ରାକୃତିକ ଓ ମାନବ-ସୃଷ୍ଟ କାରଣ, ଅସ୍ଥିରତା, ମୃତ୍ତିକା କ୍ଷୟ, ଜଙ୍ଗଲ ଉଚ୍ଛେଦ, ଖଣିଖନନ, ଜଳ ନିଷ୍କାସନ ଓ ସହରୀକରଣ ପରି ବିଭିନ୍ନ ପ୍ରବୃତ୍ତିର ପ୍ରଭାବ ଓ ତଥ୍ୟ ଉପରେ ଚର୍ଚ୍ଚା କରିଥିଲେ। ଦୁଇଦିନର ବିଭିନ୍ନ ବୈଷୟିକ ଅଧିବେଶନରେ ଡକ୍ଟର ରାଜେଶ କୁମାର ଦାଶ, ଡକ୍ଟର ୟୁନୁସ୍ ଅଲି ପୁଲପଦନ ଓ ଡକ୍ଟର ବଙ୍କିମ ମହାନ୍ତ ନିଜ ଆଲୋଚନାରେ ଭୂସ୍ଖଳନର ପ୍ରକାର, ପରିଣାମ, ବର୍ତ୍ତମାନିକ ଅବସ୍ଥା ଓ ଭବିଷ୍ୟତ ପ୍ରସ୍ତୁତି, ସହଜ-ସ୍ୱୟଂଚାଳିତ ମାନଚିତ୍ରୀକରଣ, କୃତ୍ରିମ ବୁଦ୍ଧିମତା ଆଧାରିତ ଭୂସ୍ଖଳନ ମାପ, ଭଗ୍ନାବଶେଷ ପ୍ରବାହ ମଡେଲିଂ ଓ ବିଷୟ ସଂରଚନା ତଥା ବିଶ୍ଳେଷଣ ଉପରେ ଗଭୀର ଆଲୋଚନା କରିଥିଲେ। କର୍ମଶାଳାର ଉଦଯାପନ ବୈଠକରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଅଧ୍ୟକ୍ଷତା କରିବାସହ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି ମାନପତ୍ର ପ୍ରଦାନ କରିଥିଲେ। ଶ୍ରୀ ଅରୁଣ କୁମାର ନାୟକ କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ ଓ ଡ଼କ୍ଟର ସ୍ମୃତିରେଖା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମାରୁତି ସୁଜକି ସହ ୪୪କେଜି ଗଞ୍ଜେଇ ଜବତ : ୨ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଚୋରା ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତକୁ ଗିରଫ ସହ ଏକ ମାରୁତି ସୁଜକି ଗାଡି ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ। ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର ପଟାଭାଡି ଛକ ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ସକାଳ ୮.୩୦ମି ପଟା ଭାଡି ଛକରେ ଯାଞ୍ଚ କଲା ସମୟରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ମାରୁତି ସୁଜକି ଗାଡି ଟି ନମ୍ବର ବିହୀନ ଗାଡି ଆସୁଥିବା ବେଳେ ତାକୁ ସନ୍ଦେହରେ ପଟାଭାଡି ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୪୪ କେଜି ଗଞ୍ଜେଇ ମିଳିଥିଲା। ଏବଂ ମାରୁତି ସୁଜକି ଗାଡିରେ ଥିବା ବରଗଡ଼ ଜିଲ୍ଲା ସଦର ଥାନାର ଶିବ ପଣ୍ଡା (୨୭) ଓ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ଥାନା ଏସ, କଳାପଥର ର ଦୟାମନ୍ତ ବାଗ (୩୭) ବର୍ଷଙ୍କୁ



ଗିରଫ କରାଯାଇଛି। ଅଭିଯୁକ୍ତ ମାନେ ଏହା ବୌଦ୍ଧ ଜିଲ୍ଲାରୁ ବାହାର ଜିଲ୍ଲାକୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି। ଏ ନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗର ପକ୍ଷରୁ ଏକ ମାମଲା ୧୭୪/୨୫ /୨୬ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ମାରୁତି ସୁଜକି ଗାଡି ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନ୍ସପେକ୍ଟର ପ୍ରକାଶ କୁମାର ସା, ଇନ୍ସପେକ୍ଟର ହରପ୍ରସାଦ ରଣା, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସଆଇ ବିଶ୍ୱନାଥ ଭୋଇ , ଇଏସ ଆଇ ସନ୍ତୋଷ କୁମାର ସ୍ୱାଇଁ, ଇଏସଆଇ ଅଭିଲାଷ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ କେନ୍ଦୁଝର ଗସ୍ତ

**କେନ୍ଦୁଝର, ନ୍ୟୁଜ**


ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି କେନ୍ଦୁଝର ଗସ୍ତରେ ଆସି ମଣ୍ଡୁଆ ଓ ବଣିଆପାଟରେ ଥିବା ସଖି ଶକ୍ତି ସଦନ ଗସ୍ତ କରି ଅନ୍ତେବାସିନୀ ମାନଙ୍କ ସହ ଭାବ ବିନିମୟ କରିବା ସହ ସୁବିଧା ଅସୁବିଧା ପଚାରି ବୁଝିଥିବାର ଜଣାପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପରିଦର୍ଶନ କରି ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ଜିଲ୍ଲା ମଣ୍ଡଳ କାରାଗାର ଗସ୍ତ କରି ମହିଳା କଏଦୀ ମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଓ ସେମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେନେଇ ଆଲୋକପାତ କରିଥିଲେ। ସଦର ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କ ପରିଦର୍ଶନରେ ଯାଇ ମହିଳା ଓ ଶିଶୁ ମାନଙ୍କ ଲାଗି ଉଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟାର ତଦାରଖ କରିଥିଲେ। ଶ୍ରୀମତୀ ମହାନ୍ତିଙ୍କ ଏହି ଗସ୍ତ ଅବସରରେ ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ ଏବଂ ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା ସାମିଲ ହୋଇଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧।୯।୨୦୨୫, ଭାଦ୍ରବ ଦି୧୬ନ, ସୋମବାର**


**ସୂର୍ଯ୍ୟୋଦୟ- ଘ୫।୩୧।୧୨ ଚନ୍ଦ୍ରୋଦୟ- ଦିଘ ୧।୦୭।୦୯**

**ନବମୀ-** ରାଘ ୨।୪୩ ପର୍ଯ୍ୟନ୍ତ। **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ରାଘ ୭।୫୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୭।୫୪ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୭।୫୪ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୨।୪୩ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୭।୦୭ ମଧ୍ୟେ । ଦିଘ ୧୦।୩୨ ଗତେ ଘ ୧।୦୧ ମଧ୍ୟେ । **ପର୍ବୋତ୍ସବ-** ତାଳ ନବମୀ, ଅନୁକୂଳ ଚନ୍ଦ୍ର ଜୟନ୍ତୀ ।


**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।


**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।


**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।


**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।


**ସିଂହ:** ସମସ୍ତ ସୁବିଧା ଥିଲେ ମଧ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।


**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।


**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।


**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।


**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।


**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।


**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୯।୨୦୨୫, ଭାଦ୍ରବ ଦି୧୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୧।୨୫ ଚନ୍ଦ୍ରୋଦୟ- ଦିଘ ୨।୦୧।୦୭**

**ଦଶମୀ-** ରାଘ ୩।୫୩ ପର୍ଯ୍ୟନ୍ତ। **ମୂଳାନକ୍ଷତ୍ର-** ରାଘ ୬/୫୦ ପର୍ଯ୍ୟନ୍ତ। **ଧନୁଚନ୍ଦ୍ର-** ଅହୋରାତ୍ର। **ଘାତ ଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। **ଘାତଚନ୍ଦ୍ର -** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କରମ ଶାକ ରାଘ ୩/୫୩ରେ ଶିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୩୨ ମଧ୍ୟେ । ଦିଘ ୪।୨୫ ଗତେ ଘ ୫।୦୮ ମଧ୍ୟେ ।

ପର୍ବୋତ୍ସବ- ବିଶ୍ୱନାରୀକେଳ ଦିବସ

ସମ୍ପାଦକୀୟ

# ତେଲ ବଜାରରେ ଅଧିକ ଲାଭ

ବିଶ୍ୱ ତୈଳ ବଜାରରେ ଏକ ବଡ଼ ଧରଣର ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପାରମ୍ପରିକ ତୈଳ ଯୋଗାଣକାରୀ ଦେଶର ସମୂହ 'ଓପେକ୍'ର ଗଡ଼ କୁହାଯାଉଥିବା ବଜାରଗୁଡ଼ିକରେ ଦ୍ରୁତ ଗତିରେ ଆମେରିକା ଏହାର ଆଧିପତ୍ୟ ସାବ୍ୟସ୍ତ କରିବାରେ ଲାଗିଛି। ବିଶେଷ କରି ରୁଷ୍ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇବା ପରେ ଆମେରିକାର ତେଲ ଯୋଗାଣକାରୀମାନେ ସେହି ଅଭାବ ପୂରଣ କରିବା ଲାଗି ଆଗେଇ ଆସିବା ସହ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ କରୁଛନ୍ତି।

ବିଶ୍ୱର ଦୁଇ ପ୍ରମୁଖ ତେଲ ଯୋଗାଣକାରୀ ଦେଶ ରୁଷ୍ ଏବଂ ଭେନେଜୁଏଲା ଉପରେ କଟକଣା ଲଗାଯିବା ପରେ ଯଦି କୌଣସି ଦେଶକୁ ତାହାର ସର୍ବାଧିକ ଲାଭ ମିଳିଛି ତେବେ ତାହା ହେଉଛି ଆମେରିକା। ଏହା ଦ୍ରୁତ ଗତିରେ ଓପେକ୍ର ଗଡ଼ କୁହାଯାଉଥିବା ଦେଶଗୁଡ଼ିକରେ ପ୍ରବେଶ କରୁଛି। ଆମେରିକାରୁ ୟୁରୋପ ଓ ଏସିଆର ବିଭିନ୍ନ ଦେଶକୁ ତେଲ ଯୋଗାଣ ବୃଦ୍ଧି ପାଇଛି। ଅବଶ୍ୟ ଏବେ ସୃଷ୍ଟି ହୋଇଥିବା ସ୍ଥିତି ଲାଗି ଓପେକ୍+ ମଧ୍ୟ କିଛି ପରିମାଣରେ ଦାୟୀ। ସେମାନେ ନିଜ ଆଡ଼ୁ ତେଲ ଯୋଗାଣ କମ୍ କରିବାରୁ ଆମେରିକା ସେହି ବଜାରଗୁଡ଼ିକରେ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହୋଇଥିଲା। ଗୋଟିଏ ପଟେ ଆମେରିକା ଏହାର ତେଲ ଉତ୍ପାଦନ ବଢ଼ାଇଥିବା ବେଳେ ଓପେକ୍ ଓ ରୁଷ୍ ସେମାନଙ୍କ ଉତ୍ପାଦନ ହ୍ରାସ କରିଛନ୍ତି। ସେଥିପାଇଁ ତେଲ ବଜାରରେ ଆମେରିକାର ଭାଗ ବୃଦ୍ଧି ପାଇଛି। ଯୁଦ୍ଧ ପରେ ରୁଷ୍ରୁ ସର୍ବାଧିକ ତେଲ ମଗାଉଥିବା ଭାରତ ମଧ୍ୟ ଆମେରିକାରୁ ତେଲ କିଣିବା ଆରମ୍ଭ କରିଛି। ମାର୍ଚ୍ଚରେ ଆମେରିକାରୁ ଅଧିକ ପରିମାଣର ତେଲ ଭାରତ ଆସିଛି ବୋଲି କେପ୍ଲର୍ ତଥ୍ୟରୁ ଜଣାପଡ଼ିଛି। ରୁଷ୍ର ସୋମକମ୍ପ୍ଲେଟ୍ ଟ୍ୟାଙ୍କରରେ ଆସୁଥିବା ତେଲ ଗ୍ରହଣ କରିବାକୁ ଭାରତ ମନା କରିଦେଇଥିବାରୁ ଆଗାମୀ ଦିନରେ ରୁଷ୍ ତେଲ ଆହୁରି ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ରୁଷ୍ର ସ୍ଥାନ ନେବା ଭଳି ସ୍ଥିତିରେ ଆମେରିକା ଏପର୍ଯ୍ୟନ୍ତ ପହଞ୍ଚିପାରିନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**



ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସ୍ଥା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

# ଭାରତୀୟ ସଂସ୍କୃତିର ବାହକ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ–୯୪୩୭୬୪୨୯୪୭

ଭାରତ ଭୂମିର ଏକ ବଡ଼ ଅଂଶ ବଣ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ । ଭାରତୀୟ ନାଗରିକଙ୍କ ପାଇଁ ଏହା ପ୍ରକୃତିର ଏକ ଅନନ୍ୟ ଉପହାର ବୋଲି ବିବେଚନା କରାଯାଇପାରେ । ଏହି ଜଙ୍ଗଲର ରକ୍ଷଣାବେକ୍ଷଣ ମୁଖ୍ୟତଃ ଆଦିବାସୀ ସମାଜ କରିଆସୁଛି। ନିଜ ଭୋକ ମେଣ୍ଟାଇବା ଓ ନିଜକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଆଦିବାସୀ ସମାଜର ବିକାଶ ଯାତ୍ରା କେବଳ ଜଙ୍ଗଲ ଚାରିପାଖରେ ଚାଲିଛି। ସେଥିପାଇଁ ଆଦିବାସୀ ସମାଜକୁ ମାଟିର ପୁତ୍ର ମଧ୍ୟ କୁହାଯାଏ । ପ୍ରାଚୀନ କାଳରୁ ପ୍ରକୃତିକୁ ଆଦିବାସୀ ସମାଜର ସମ୍ପତ୍ତି ଭାବରେ ବିବେଚନା କରାଯାଏ, ଯାହା ମାଧ୍ୟମରେ ସେମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ପରିବେଶଗତ ଆବଶ୍ୟକତା ପୂରଣ ହୋଇଥାଏ । କୁହାଯାଏ ଯେ ପ୍ରାଚୀନ କାଳରୁ ଆଦିବାସୀ ସଂସ୍କୃତି ଓ ଜଙ୍ଗଲ ପରସ୍ପର ଜଡିତ ଏବଂ ଆଦିବାସୀ ସମାଜର ଜନବସତି ଜଙ୍ଗଲ ଭିତରେ ରହିଛି। ଆଦିବାସୀ ଜୀବନ ଓ ସଂସ୍କୃତିର ଉତ୍ପତ୍ତି, ବିକାଶ ଓ ସଂରକ୍ଷଣରେ ଜଙ୍ଗଲ ନିଜର ମୌଳିକ ଭୂମିକା ଗ୍ରହଣ କରିଛି ବୋଲି କୁହାଯାଇପାରେ। ଜଙ୍ଗଲରେ ଉତ୍ପାଦିତ ବିଭିନ୍ନ ସାମଗ୍ରୀକୁ ଆଦିବାସୀ ସମାଜ ଜୀବିକା ପାଇଁ ବ୍ୟବହାର କରିଆସୁଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଦିବାସୀ ସମାଜ ଉଦ୍ଭିଦ ଓ ଉତ୍ପାଦଗୁଡ଼ିକୁ କେବଳ ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟବହାର କରୁଥିଲା, କିନ୍ତୁ ସାମ୍ପ୍ରତିକ ସମୟରେ ଏହି ଗଛଗୁଡ଼ିକ ବ୍ୟବସାୟିକ ଭାବରେ ମଧ୍ୟ ବ୍ୟବହୃତ ହେଉଛି । ବାଣିଜ୍ୟିକ ବ୍ୟବହାରର ଫାଇଦା ଆଦିବାସୀ ସମାଜ ନୁହେଁ ବରଂ ସମାଜର ଅନ୍ୟ ବର୍ଗର ଲୋକମାନେ ନେଉଛନ୍ତି। ଉଦ୍ଭିଦ ଓ ଉତ୍ପାଦର ବାଣିଜ୍ୟିକ ବ୍ୟବହାରରେ ପ୍ରକୃତିର ରକ୍ଷଣାବେକ୍ଷଣ ପରିବର୍ତ୍ତେ ଏହାର ଶୋଷଣ ଆରମ୍ଭ ହୋଇଛି କାରଣ ଏହି ଉତ୍ପାଦଗୁଡ଼ିକୁ ଅନେକ ଶିଳ୍ପ କଞ୍ଚାମାଲ ଭାବରେ ବ୍ୟବହାର କରୁଛନ୍ତି। ଦେଶର ଅର୍ଥନୀତିର ବିକାଶକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଆଦିବାସୀ ସମାଜ ଅତ୍ୟନ୍ତ ସଫଳ ଢଙ୍ଗରେ ନିଜର ଭୂମିକା ନିର୍ବାହ କରୁଥିବା ବେଳେ ଅର୍ଥନୀତିର ବିକାଶର ସୁଫଳ ଆଦିବାସୀଙ୍କ ପାଖରେ ଠିକ୍ ପରିମାଣରେ ପହଞ୍ଚି ପାରିନାହିଁ। ଏବେ ଆଦିବାସୀ ସମାଜ ଧୀରେ ଧୀରେ କୃଷି ଓ ପଶୁପାଳନ ଭଳି ଅନ୍ୟାନ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଆରମ୍ଭ କରିଛନ୍ତି । ଆଦିବାସୀ ସମାଜ ଚାଷ କାମ ପାଇଁ ପ୍ରଥମେ ଜଙ୍ଗଲ କାଟି ପୋଡ଼ି ଦେଉଥିଲା। ଜମିକୁ ସଫା କରି ଚାଷ ଉପଯୋଗୀ କରାଗଲା ଏବଂ ପଶୁପାଳନକୁ ପ୍ରୋତ୍ସାହିତ କରାଗଲା। ବିକାଶର ଧାରାରେ ଆଗକୁ ବଢ଼ି ଧୀରେ ଧୀରେ ବିଭିନ୍ନ ଗାଁ ଓ ସହର ଗଢ଼ି ଉଠିଥିଲା। ଆଜି ବି ଆଦିବାସୀ ସମାଜର ଅଧିକାଂଶ ଜନସଂଖ୍ୟା ଅପହଞ୍ଚ ଅଂଚଳରେ ବସବାସ କରନ୍ତି । ଏସବୁ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଅଭାବ ରହିଛି। ଧୀରେ ଧୀରେ ଏହି ଦୁର୍ଗମ ଅଂଚଳକୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯାଉଥିଲେ ମଧ୍ୟ ଆଦିବାସୀ ସମାଜ କୃଷି ସମ୍ବନ୍ଧୀୟ ଉନ୍ନତ ପଦ୍ଧତି ବିଷୟରେ ଅଜ୍ଞ । ଜଳସେଚନର ଅଭାବ ଓ ଉର୍ବର ଜମି ଅଭାବରୁ ଏହି ଲୋକମାନେ ପାରମ୍ପରିକ କୃଷି ପଦ୍ଧତି ଆପଣାଉଛନ୍ତି ଏବଂ ସେମାନଙ୍କର ଉତ୍ପାଦକତା କମ୍ ରହିଛି। ଆଦିବାସୀ ସମାଜ ଜଙ୍ଗଲ ସହାୟତାରେ ନିଜର ସଂସ୍କୃତିର ବିକାଶ କରିଥିଲା । ଘଞ୍ଚ ଜଙ୍ଗଲରେ ବୁଲୁଥିବା ବେଳେ ବନ୍ୟଜନ୍ତୁଙ୍କୁ ଏଡ଼ାଇବା ପାଇଁ ସେମାନେ ଶିକାରକୁ ଆପଣାଇଥିଲେ। ଜଙ୍ଗଲ ଓ ପାହାଡ଼ର ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରି ଆଜି ବି ଅନେକ ଶିକାର କରି ଜୀବିକା ନିର୍ବାହ କରୁଛନ୍ତି। ଘଞ୍ଚ ଜଙ୍ଗଲରେ ଆଦିବାସୀ ସମାଜକୁ ସ୍ୱଚ୍ଛ ପରିବେଶ, ବିଶୁଦ୍ଧ ଜଳ, ନଦୀ, ଝରଣା, ଜଳପ୍ରପାତ, ପଶୁ ପକ୍ଷୀଙ୍କ କାକଳି ଶବ୍ଦ, ସୀମିତ ତାପମାତ୍ରା, ସବୁଜିମା, ଆର୍ଦ୍ରତା, ଠିକ୍ ସମୟରେ ବର୍ଷା, ମୃତ୍ତିକା କ୍ଷୟ ରୋକିବା, ଝଡ଼ ଓ ବାତ୍ୟାରୁ ରକ୍ଷା, ପ୍ରାକୃତିକ ସାର, ବନ୍ୟା ନିୟନ୍ତ୍ରଣ, ବନ୍ୟଜନ୍ତୁ ଶିକାର ଓ ମନୋରଞ୍ଜନ ଆଦି ପ୍ରାକୃତିକ ଭାବେ ଉପଲବ୍ଧ । ଫଳରେ ଘଞ୍ଚ ଜଙ୍ଗଲରେ ମଧ୍ୟ ଆଦିବାସୀ ସମାଜ ସନ୍ତୋଷ ଓ ଆନନ୍ଦରେ ଜୀବନ ଯାପନ କରୁଛି। ଆଦିବାସୀ ସମାଜକୁ ଏବେ ବି ଭାରତୀୟ ସଂସ୍କୃତିର ବାହକ ଭାବରେ ବିବେଚନା କରାଯାଏ କାରଣ ଏହି ସମାଜ ସନାତନ ହିନ୍ଦୁ ସଂସ୍କୃତିକୁ ପୂର୍ଣ୍ଣ ଶୃଙ୍ଖଳାର ସହ ଅନୁସରଣ କରୁଥିବା ଦେଖାଯାଏ । ଆଦିବାସୀ ସମାଜ ଏବେ ବି ଆଧୁନିକ ଗ୍ଲାମରରୁ ନିଜକୁ ରକ୍ଷା କରୁଛି। ଅପରପକ୍ଷେ ସହରରେ ବସବାସ କରୁଥିବା ସମାଜ ନିଜ ସୁବିଧା ଅନୁସାରେ ସମୟ ସମୟରେ ଭାରତୀୟ ପରମ୍ପରାକୁ ପରିବର୍ତ୍ତନ କରିଚାଲିଛି। ସାମ୍ପ୍ରତିକ ସମୟରେ ଅତ୍ୟଧିକ ଅର୍ଥନୈତିକ ଅଭିଳାଷ ଯୋଗୁଁ ଜଙ୍ଗଲକୁ ଅଦୂରଦର୍ଶୀ ଢଙ୍ଗରେ ଶୋଷଣ କରାଯାଉଛି। ବିଶ୍ୱ ପରିବେଶ ଓ ବିକାଶ ଆୟୋଗ ଅନୁଯାୟୀ ବିଶ୍ୱରେ ପ୍ରତିବର୍ଷ ୧୧୦ ଲକ୍ଷ ହେକ୍ଟର ଜମି ନଷ୍ଟ ହେଉଛି। ପରିବେଶ ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକ ଦେଶରେ ଉପଲବ୍ଧ ଜମିର ପ୍ରାୟ ୩୩ ପ୍ରତିଶତ ଜଙ୍ଗଲ ହେବା ଆବଶ୍ୟକ। ଯଦି ଜଙ୍ଗଲର ଜଙ୍ଗଲ ନଷ୍ଟ ଏଭଳି ଜାରି ରହେ, ତେବେ ଆଦିବାସୀ ସମାଜ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ସ୍ୱାଭାବିକ। ଏ ଦିଗରେ ଭାରତ ଅନେକ ପ୍ରୟାସ ଜାରି ରଖିଛି। ୨୦୧୫ରୁ ୨୦୧୭ ମଧ୍ୟରେ ଦେଶରେ ଜଙ୍ଗଲ ନଷ୍ଟ ରୋକିବା ପାଇଁ ୮ ଲକ୍ଷ ହେକ୍ଟର ବୃକ୍ଷ ଓ ଜଙ୍ଗଲ ବୃଦ୍ଧି ପାଇଛି। ସେହିପରି ଜଙ୍ଗଲ ନଷ୍ଟ ରୋକିବା ପାଇଁ ଭାରତ ୨୦୩୦ ସୁଦ୍ଧା ୨. ୧୦କୋଟି ହେକ୍ଟର ଜମିକୁ ୨. ୬୦ କୋଟି ହେକ୍ଟରକୁ ପୁନରୁଦ୍ଧାର କରିବାକୁ ଲକ୍ଷ୍ୟ ରଖିଛି। ୨୦୧୧ ମସିହାର ଭାରତୀୟ ଜନଗଣନା ଅନୁସାରେ, ଭାରତରେ ଅନୁସୂଚିତ ଜନଜାତିର ମୋଟ ଜନସଂଖ୍ୟା ୧୦.୪୩ କୋଟି, ଯାହା କି ଭାରତର ମୋଟ ଜନସଂଖ୍ୟାର ୮.୬ ପ୍ରତିଶତ ଅଟେ। ଦେଶର ଅର୍ଥନୈତିକ ବିକାଶରେ ଆଦିବାସୀ ସମାଜକୁ ସାମିଲ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଯୋଜନା ପରିଚାଳିତ ହେଉଛି ଯାହାଦ୍ୱାରା ଏହି ସମାଜର କଠିନ ଜୀବନଶୈଳୀକୁ କିଛି ମାତ୍ରାରେ ସହଜ କରାଯାଇପାରିବ ।

# ଆମ୍ବ ଟାକୁଆର ପୁନରାବୃତ୍ତି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଆମ୍ବ ଟାକୁଆ (କୋଇଲି)ରୁ ପ୍ରସ୍ତୁତ ଜାଉ ଖାଇ କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡି ବ୍ଲକ ଅନ୍ତର୍ଗତ ଗଦାପୁର ଗ୍ରାମ ପଞ୍ଚାୟତର ମାଣ୍ଡିପଙ୍କା ଗ୍ରାମପଡାସାହିର ଦୁଇଜଣ ମହିଳାଙ୍କ ମୃତ୍ୟୁ ସହ ଅନ୍ୟ ୬ଜଣ ଗୁରୁତ୍ୱର ଅସୁସ୍ଥ ହେବା ଘଟଣା ରାଜ୍ୟରେ ଦାରିଦ୍ର୍ୟ, ଅଭାବ, କ୍ଷୁଧା ସ୍ଥିତି ନେଇ କେବଳ ସଙ୍କେତ ପ୍ରଦାନ କରିନାହିଁ, ଅନାହାର ମୃତ୍ୟୁ ଘଟଣାକୁ ପୁଣି ସ୍ମରଣ କରାଇ ଦେଇଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଏହା ନିଃସନ୍ଦେହ ଯେ, ଆମ୍ବ ଟାକୁଆର କୋଇଲିରୁ ପ୍ରସ୍ତୁତ ଜାଉ ଆଦିମ ଅଧିବାସୀଙ୍କର ଏକ ପାରମ୍ପରିକ ଖାଦ୍ୟ ଭାବେ ବିବେଚିତ ହେଉଥିବାବେଳେ ଉତ୍କଟ ଦାରିଦ୍ର୍ୟ ଏବଂ ଖାଦ୍ୟାଭାବ ସମୟରେ ସେମାନେ ଏହାକୁ ଖାଇବାକୁ ବାଧ ହୋଇଥାନ୍ତି ବୋଲି କୁହାଯାଇଥାଏ। କୁହାଯାଏ, ଉତ୍କଟ ତିରୋଟ ସମୟରେ ଆଦିମ ଅଧିବାସୀମାନେ ସାଇତି ରଖିଥିବା ଆମ୍ବ ଟାକୁଆ ଭିତରେ ଥିବା କୋଇଲି ଗୁଣ୍ଡକୁ ଜାଉ କରି ନିଜର ଖାଦ୍ୟଭାବେ ବ୍ୟବହାର କରିଥାନ୍ତି। କିନ୍ତୁ ବେଳେବେଳେ କୋଇଲିରୁ ପ୍ରସ୍ତୁତ ଖାଦ୍ୟ ବିଷାକ୍ତ ହୋଇଯିବା ଯୋଗୁଁ ମୃତ୍ୟୁ ଘଟିଥାଏ। କହିବା ବାହୁଲ୍ୟ ଯେ, ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା ଆମ ରାଜ୍ୟରେ ନୂଆ ନୁହେଁ। ଅତୀତରେ ୨୦୦୧ ମସିହାରେ ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ପିତାଯୋଡି, ବିଲାମର, ପଣସଗୁଡାସାହି ସମେତ ୫ଟି ଗ୍ରାମରେ ୨୪ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୧୬ ମସିହାରେ ମଧ୍ୟ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ ଏହି ଘଟଣା କେବଳ ରାଜ୍ୟ ନୁହେଁ ସାରା ଦେଶରେ ଘୋର ଆଲୋଡନ ସୃଷ୍ଟି କରିଥିଲା। ତେବେ ଏଥିରୁ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ କିଛି ଶିକ୍ଷା କରିପାରିଛନ୍ତି ମନେହୁଏ ନାହିଁ। କହିବା ବାହୁଲ୍ୟ ଯେ, ଘଟଣା ଘଟିଲେ ତଦନ୍ତ ନିର୍ଦ୍ଦେଶ ଦେଇ ସରକାର ନିଜର କାର୍ଯ୍ୟ ସାରି ଦେଇଥାନ୍ତି। ଭବିଷ୍ୟତରେ ଏପରି ଘଟଣାରେ ଯେପରି ପୁନରାବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦେଇନଥାନ୍ତି କିମ୍ବା କିଛି ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିନଥାନ୍ତି। ମାଣ୍ଡିପଙ୍କା ଗ୍ରାମ ଘଟଣା ଖାଦ୍ୟ ବିଷାକ୍ତ ଯୋଗୁଁ ଘଟିଥିବା ରାଜ୍ୟ ସରକାର କହିଛନ୍ତି। ଉଲ୍ଲେଖଯୋଗ୍ୟ ରାଜ୍ୟର ଗରିବ ଲୋକଙ୍କୁ ଜାତୀୟ ଖାଦ୍ୟସୁରକ୍ଷା ଏବଂ ରାଜ୍ୟସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ମୁଣ୍ଡପିଛା ମାସିକ ୫କିଲୋ ପୁଷ୍ଟିକର ଚାଉଳ ମାଗଣାରେ ଯୋଗାଇ ଦେଉଛନ୍ତି। ଏହା ସତ୍ତ୍ୱେ ଆମ୍ବ ଟାକୁଆ ଖାଇ ଦୁଇଜଣ ମହିଳାଙ୍କର ମୃତ୍ୟୁ ଘଟିବା ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ) ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଲା ୩ମାସ ଧରି ପଡକାର୍ଡରେ ଦିଆଯାଇଥିବା ଚାଉଳ ତଥା ଖାଦ୍ୟ ସାମଗ୍ରୀ ଦିଆଯାଇନଥିବା ଅଭିଯୋଗ ହୋଇଛି। ଅବଶ୍ୟ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଯୋଗାଣମନ୍ତ୍ରୀ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। କିନ୍ତୁ ଏହା ସତ୍ୟ ଯେ, ଗତ ସେପ୍ଟେମ୍ବର ମାସ ଠାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପିଡିଏସ ଜରିଆରେ ମାଗଣା ଚାଉଳ ହିତାଧିକାରୀଙ୍କୁ ଦିଆଯାଇନାହିଁ। ଏବେ କେତେକ ଜିଲ୍ଲାରେ ଦିଆଯାଉଥିବା ଜଣାଯାଏ। କହିବା ବାହୁଲ୍ୟ ଯେ, ଭୋକ ଜ୍ୱାଳାରେ ଲୋକ ଅଖାଦ୍ୟ ଖାଇବାକୁ ବାଧ ହୋଇଥାଏ। ଆମ୍ବ ଟାକୁଆ ସେହିଭଳି ଏକ ଖାଦ୍ୟ ଯାହା ଅଭାବ ସମୟରେ ଖିଆଯାଇଥାଏ। ଭୋକ ଦାଉରୁ ରକ୍ଷା ପାଇଁ ସେମାନେ କୋଇଲିରୁ ପ୍ରସ୍ତୁତ ଜାଉ ଖାଇଥାନ୍ତି। ଯାହାକୁ କି ସେମାନଙ୍କ ପାରମ୍ପରିକ ଖାଦ୍ୟ କୁହାଯାଉଛି। କୋଇଲିର ସ୍ୱାଦ ହେଉଛି କଷା। ଯାହାକୁ ପାଟିରେ ଦେଇହୁଏନାହିଁ। କିନ୍ତୁ ଏହା ନିସନ୍ଦେହରେ କୋଇଲି ବିଷାକ୍ତ ନୁହେଁ। କିନ୍ତୁ କୋଇଲିକୁ ଶୁଖାଇବା, ସାଇତି ରଖିବାରେ ତ୍ରୁଟି ତଥା ଫିମ୍ପି ଲାଗି ବିଷାକ୍ତ ହୋଇଯାଇଥାଏ। ତେବେ ପ୍ରଶ୍ନ ଉଠୁଛି ସ୍ୱାଦହୀନ ଯୁକ୍ତ କୋଇଲିକୁ ପାରମ୍ପରିକ ଖାଦ୍ୟ ଭାବେ ଗ୍ରହଣ କରିଛନ୍ତି କାହିଁକି ? ଏହାର ଅନୁଧ୍ୟାନ ହେବା ଜରୁରୀ। ଏହାକୁ ଏକ ପାରମ୍ପରିକ ଖାଦ୍ୟ ବୋଲି ଦର୍ଶାଇ ଯୁକ୍ତି କରିବାର ବିଶେଷ ଆବଶ୍ୟକତା ନାହିଁ। କୋଇଲି ଖାଇ ମୃତ୍ୟୁ ଘଟିବା ଆମ ରାଜ୍ୟରେ ବାରମ୍ବାର ଘଟି ଆସୁଛି। ମଦ ମୃତ୍ୟୁ ପରି ଏହି ଘଟଣାକୁ ବେଶ ରାଜନୈତିକ ଗୁରୁତ୍ୱ ଦିଆଯାଉଛି। ଏବେ ହସପିଟାଲ ଏବଂ ମାଣ୍ଡିପଙ୍କା ଗ୍ରାମକୁ ବିଭିନ୍ନ ଦଳର ନେତାଙ୍କ ସୁଅ ଛୁଟିଲାଣି। କିନ୍ତୁ ମନେ ରଖିବାକୁ ହେବ ଯେ, ଏହା ରାଜନୀତିର ସମୟ ନୁହେଁ। ଆଉ ଏକ କହି ରଖୁଛୁ, ବିଶ୍ୱ କ୍ଷୁଧା ତାଲିକାରେ ଭାରତ ୧୨୭ଟି ରାଷ୍ଟ୍ରଙ୍କ ମଧ୍ୟରେ ୧୦୫ତମ ସ୍ଥାନରେ। ଏଥିରୁ ଆମ ଦେଶରେ କ୍ଷୁଧାର ଜ୍ୱଳା କେତେ ସହଜରେ ଅନୁମେୟ। ଏହାକୁ ଦୃଷ୍ଟିରେ ରଖି ସରକାର ପିଡିଏସ ଜରିଆରେ ଯୋଗାଉଥିବା ଖାଦ୍ୟ ସାମଗ୍ରୀ ପ୍ରତିମାସରେ ନିୟମିତ ଭାବେ ଯୋଗାଇ ଦେବା ସହ ଆମ୍ବ ଟାକୁଆ ଜାଉ, ବଣୁଆ ଛତୁ ଏବଂ ସ୍ୱାସ୍ଥ୍ୟ ପ୍ରତି ଅହିତକର ବିଷଯୁକ୍ତ ଖାଦ୍ୟ ନଖାଇବାକୁ ଲୋକଙ୍କୁ ସଚେତନ କରାଇବା ଉଚିତ। ସେହିପରି ଆମେ ଏହି ସ୍ତମ୍ଭରେ ମାସିକ ମୁଣ୍ଡପିଛା ୫କେଜି ରିହାତି ବା ମାଗଣା ଚାଉଳ ଯଥେଷ୍ଟ ନୁହେଁ, ଏହା ବାରମ୍ବାର ଦର୍ଶାଇ ଆସିଛୁ। ଏନେଇ ସରକାର ଅନୁଧ୍ୟାନ ପୂର୍ବକ ପଦକ୍ଷେପ ନେବେ ବୋଲି ଆମର ଆଶା।

# ପବିତ୍ର ତୁଳସୀର ଉପକଥା



କବିତା ମିଶ୍ର
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ନିଳାଦ୍ରୀ ବିହାର, ଭୁବନେଶ୍ୱର-୨୧
ମୋ- ୯୯୩୭୦୩୩୭୫୦

ବ୍ରହ୍ମବୈବର୍ତ୍ତ ପୁରାଣ ଅନୁଯାୟୀ ତୁଳସୀ ଏକ ଗୋପିକା ବିଶେଷ। ସେ ଗୋଲକରେ କୃଷ୍ଣପ୍ରିୟା ରାଧିକାଙ୍କର ସହଚରୀ ଥିଲେ । ରାଧିକା ଦେଖିଲେ ତୁଳସୀ ଶ୍ରୀକୃଷ୍ଣଙ୍କ ସହିତ କ୍ରୀଡାରତ ହେଉଛି । ତେଣୁ ରାଧା ତାକୁ ଅଭିଶାପ ଦେଲେ, ତୁ ମର୍ତ୍ତ୍ୟରେ ମନୁଷ୍ୟ ଜନ୍ମ ଲାଭକର । ତୁଳସୀ ଏଥିପାଇଁ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେଲା । ଶ୍ରୀକୃଷ୍ଣ କହିଲେ ତୁ ମାନବୀ ହେଲେ ମଧ୍ୟ ତପସ୍ୟା ବଳରେ ମୋର ଅଂଶପ୍ରାପ୍ତି ହେବୁ। ରାଧିକାଙ୍କ ଅଭିଶାପରେ ତୁଳସୀ ଧର୍ମରାଜ ରାଜାଙ୍କ ପତ୍ନୀ ମାଧବୀଙ୍କ ଗର୍ଭରୁ ଜନ୍ମ ହେଲେ । ଏହି କନ୍ୟାର ରୂପ ଲାବଣ୍ୟ ଦେଖି ସମସ୍ତେ ଅନ୍ୟମାନଙ୍କ ସହିତ ତାହାକୁ ତୁଳନା କରିବାକୁ ଅସମର୍ଥ ହେବାରୁ, ଏହାର ନାମ ରଖାଗଲା ତୁଳସୀ । ଯାହାର ତୁଳନା ନାହିଁ। କାର୍ତ୍ତିକ ମହାତ୍ମ୍ୟ ଅନୁଯାୟି – ଦୈତ୍ୟରାଜ ଜଳନ୍ଧରଙ୍କ ପତ୍ନୀ ବୃନ୍ଦାବତୀ ମହାସତୀ ଥିଲେ । ଦୈତ୍ୟରାଜ ବ୍ରହ୍ମାଙ୍କ ଠାରୁ ବରଲାଭ କରି ତ୍ରିପୁର ବିଜୟ ଲାଭ କଲା ଏବଂ ଦେବତାମାନଙ୍କୁ ଅନେକ କଷ୍ଟ ଦେଲା। ସେ ନାରଦଙ୍କ ଠାରୁ ଦେବୀ ପାର୍ବତୀଙ୍କ ସୌନ୍ଦର୍ଯ୍ୟ ବିଷୟରେ ଶୁଣି ତାଙ୍କୁ ପ୍ରାପ୍ତି ଆଶାକରି ଶିବଙ୍କ ପାଖକୁ ଦୂତ ପଠାଇଲା । ଏଥିରେ ଶିବ କ୍ରୋଧିତ ହୋଇ ତା ସହିତ ଯୁଦ୍ଧ କଲେ। ଜଳନ୍ଧର ସ୍ତ୍ରୀ ପତିବ୍ରତା ସତୀନାରୀ ଥିବାରୁ ଜଳନ୍ଧରର କିଛି କ୍ଷତି ହେଲା ନାହିଁ । କାରଣ ବ୍ରହ୍ମାଙ୍କ ଠାରୁ ବରଲାଭ କରିଥିଲା, ତା ସ୍ତ୍ରୀର ସତୀତ୍ୱ ନଷ୍ଟ ନ ହେଲେ ସେ ମୃତ୍ୟୁବରଣ କରିବ ନାହିଁ। ଦେବୀ ପାର୍ବତୀ ଆକୁଳ ପ୍ରାର୍ଥନା କରି ବିଷ୍ଣୁଙ୍କୁ ଡାକିଲେ । ବିଷ୍ଣୁ ଜଳନ୍ଧର ରୂପଧାରଣ କରି ବୃନ୍ଦାଙ୍କ ସତୀତ୍ୱ ନଷ୍ଟ କରିବା ପରେ ଜଳନ୍ଧରର ମୃତ୍ୟୁ ହେଲା। ମୃତ୍ୟୁ ପୂର୍ବରୁ ସେ ସ୍ତ୍ରୀ ବୃନ୍ଦାକୁ ଅଭିଶାପ ଦେଇ କହିଲା, ତୋର ସତୀତ୍ୱ ନଷ୍ଟ ହେବାରୁ ମୁଁ ମୃତ୍ୟୁବରଣ କଲି । ତୁ ଯୁଗେ ଯୁଗେ ଆଉ ମଣିଷ ଜନ୍ମ ପାଇବୁ ନାହିଁ । ନିଜ ସତୀତ୍ୱ ନଷ୍ଟ ହୋଇଛି ଜାଣି ବୃନ୍ଦା ଚକ୍ଷୁରୁ ଅଗ୍ନି ବର୍ଷଣ ହେଲା । ସେ ନାରାୟଣଙ୍କୁ ଅଭିଶାପ ଦେଲା– ତୁମେ ପାଷାଣ ହୋଇ କଳିଯୁଗରେ ଶାଳଗ୍ରାମ ରୂପେ ପୂଜାପାଅ। ନାରାୟଣ କହିଲେ ତୁମର ଶରୀର ଗଣ୍ଡକି ନଦୀ ହେଉ । ତୁମର କେଶଗୁଡିକ ତୁଳସୀ ବୃକ୍ଷରୂପେ ଜନ୍ମଲାଭ କରୁ। ତୁମେ ଲକ୍ଷ୍ମୀ ଭଳି ମୋର ପ୍ରିୟା ହେବ । ବୃନ୍ଦା କହିଲେ ପ୍ରଭୁ, ମୁଁ ତୁମ ମସ୍ତକରେ ପୂଜା ପାଇବି। ମୋ ପତ୍ର ଅମୃତ ମଣୋହୀ ହେବ । କଳିଯୁଗରେ ପ୍ରତି ଘର ଅଗଣାରେ ରହି ମୁଁ ପୂଜା ପାଇବି। ମୋ ଦେହରେ ସବୁ ଦେବଦେବୀ ବାସ କରିବେ । ମୋର ମୂଳରେ ସ୍ୱୟଂ ଗଂଗାଦେବୀ ରହିବେ । ମୋ ପତ୍ରରେ ବିଷ୍ଣୁ ରହିବେ। ଶ୍ରୀ ଜଗନ୍ନାଥଙ୍କ ଗଳାରେ ତୁଳସୀମାଳ ମୁଖ୍ୟ ହେବ । ସକାଳୁ ସ୍ନାନ ସାରି ଓଦାବସ୍ତ୍ର ପରିଧାନ କରି ମତେ ପୂଜା କଲେ ବୈକୁଣ୍ଠ ପ୍ରାପ୍ତି ହେବ। ମୋ ପତ୍ର ପ୍ରସାଦରେ ପଡିଲେ ସେ ଅମୃତ ସମାନ ହୋଇଯିବ ।

ଆଜିର ବିଜ୍ଞାନ କହେ – ତୁଳସୀ ଆମର ଉପକାରୀ ବଂଧୁ ଅଟେ । ଏହାର ବହୁତ ଔଷଧୀୟ ଗୁଣ ଅଛି। ତେଣୁ ସମସ୍ତଙ୍କୁ ଅନେକ ରୋଗରୁ ମୁକ୍ତି ଦେଇ ପାରୁଛି। ତୁଳସୀ ଗଛର ବାସ୍ନାରେ ମଶାମାନେ ଦୂରେଇ ଯାଆନ୍ତି। ଏହା ପରିବେଶକୁ ସୁନ୍ଦର କରେ । ପ୍ରତି ଘର ଦ୍ୱାର ମୁହଁରେ ତୁଳସୀ ବୃକ୍ଷ ଥିଲେ ସମସ୍ତ ପ୍ରକାର ନାକାରାତ୍ମକ ଶକ୍ତି ଦୂର ହୁଏ । ତୁଳସୀ ଗଛକୁ ଦର୍ଶନ କରି ଯେ କୌଣସି ସ୍ଥାନକୁ ଗଲେ ଶୁଭଫଳ ମିଳିଥାଏ । ତେଣୁ ଯୁଗେ ଯୁଗେ ତୁଳସୀ ମହାନ୍ ଏବଂ ପବିତ୍ର ଅଟେ ।

# ବାତ୍ୟା ଛନକା



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ–୭୨୦୫୧୦୦୮୩୯

ବାତ୍ୟାର ନାମ କାନରେ ପଡିଲେ ଓଡ଼ିଶାର ସାଧାରଣ ଲୋକଙ୍କ ମନରେ ଛନକା ପଶେ। ବାତ୍ୟା ଓ ଓଡ଼ିଶାର ଯେମିତି ଘନିଷ୍ଠ ସମ୍ପର୍କ ରହିଛି। ପ୍ରତି ବର୍ଷ ଊଣା ଅଧିକେ ଦୁଇ ତିନୋଟି ବାତ୍ୟା ଆସି ଓଡ଼ିଶାକୁ କ୍ଷତ ବିକ୍ଷତ କରି ଚାଲିଯାଆନ୍ତି। ଧାନ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଯାଏ। ଗାଁ ଓ ସହରରେ ପାଣି ଜମିଯାଇ ବାତ୍ୟା ପରିସ୍ଥିତି ସ୍ପଷ୍ଟ କରେ। ଦିନ ଦିନ ଧରି ବିଜୁଳି ରହେନି। ବତୀ ଖୁଣ୍ଟ ଗୁଡିକୁ ଉପୁଡ଼ାଇ ଦେଇ କିମ୍ବା ବଙ୍କା କରି ଦେଇ ବାତ୍ୟା ଚାଲିଯାଏ। ଲୋକଙ୍କୁ ମାସ ମାସ ଲାଗିଯାଏ ପୁଣି ସ୍ୱାଭାବିକ ପରିସ୍ଥିତିକୁ ଫେରିବା ପାଇଁ । ଓଡ଼ିଶାର ସରକାର ରୀତିମତ ଚେଷ୍ଟା କରନ୍ତି ଜିରୋ କାଜୁଆଲିଟି ପାଇଁ। ତଥାପି କିଛି ଲୋକଙ୍କ ମୃତ୍ୟୁ ହୋଇଥାଏ। ଏବଂ ଯେଉଁ ପରିବାର ତାର ପ୍ରିୟ ମଣିଷକୁ ହରାଇ ଥାଏ ସେଇ ପରିବାର ଏହି ଦୁର୍ଦ୍ଦିନକୁ ଭୁଲି ପାରେନି।

ଓଡ଼ିଶା ପଚିଶ ବର୍ଷ ତଳେ ସୁପର ସାଇକ୍ଲୋନକୁ ଭୋଗିଛି। ଏହି ସୁପର ସାଇକ୍ଲୋନ ଓଡ଼ିଶା ମାଟିରେ ସତେ ଯେମିତି ମୃତ୍ୟୁର ତାଣ୍ଡବ ରଚିଯାଇଛି। ସରକାରଙ୍କ ହିସାବରେ ସୁପର ସାଇକ୍ଲୋନରେ ଦଶ ହଜାର ଲୋକ ମରିଥିବା ବେଳେ ପ୍ରକୃତରେ ଏହା ଠାରୁ ଢେର ବେଶି ଲୋକ ମରିଥିବାର ଆଶଙ୍କା କରାଯାଏ। ଘର ଦ୍ୱାର ଭାସି ଯାଇଛି। ହଜାର ହଜାର ଲୋକଙ୍କର ସୁନାର ସଂସାର ଭାଙ୍ଗିଯାଇଛି। ୧୯୯୯ର ୨୯ ଅକ୍ଟୋବର, ବଙ୍ଗପୋସାଗରରେ ସୃଷ୍ଟି ହୋଇଥିବା ଭୟଙ୍କର ଝଡ଼ ଓଡ଼ିଶା ମୁହା ହୋଇ ଧାଇଁ ଆସିଛି ଏବଂ ଲ୍ୟାଣ୍ଡଫଲ କରିଛି ଜଗତସିଂହପୁରରେ। ଓଡ଼ିଶାବାସୀ ଏମିତି ଏକ ପ୍ରଳୟଙ୍କାରୀ ବାତ୍ୟା ପାଇଁ ପ୍ରସ୍ତୁତ ନଥିଲେ। ୩୦୦ କିମି ବେଗରେ ପବନ ବହୁଥିଲା ଏବଂ ୮ମିଟର ଉଚ୍ଚ ଜୁଆର ଉଠିଥିଲା। ପାରାଦୀପ, କୁଜଙ୍ଗ ଏବଂ ଏରସମା ବ୍ଲକ୍ ଏହି ମହାବାତ୍ୟାରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଥିଲା। କେନ୍ଦ୍ରପଡ଼ା, ଭଦ୍ରକ, ପୁରୀ ଏବଂ ଖୋର୍ଦ୍ଧା ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛି। ବାତ୍ୟା ପରେ ପରେ ପୁଣି ପ୍ରବଳ ବର୍ଷା ରିଲିଫ କାମରେ ବାଧା ସୃଷ୍ଟି କରିଥିଲା। ସୁପର ସାଇକ୍ଲୋନ୍ ପରେ ଅନେକ ବାତ୍ୟା ଆସି ଓଡ଼ିଶା ରାଜ୍ୟର ବୁକୁ ଉପରେ ନାଚି ଚାଲିଯାଇଛନ୍ତି। ଫାଇଲିନ, ଗଞ୍ଜାମ ମାଟିକୁ ଅସ୍ତବ୍ୟସ୍ତ କରି ଦେଇଛି। ଅକ୍ଟୋବର ୧୨, ୨୦୧୩ ତାରିଖ ଓଡ଼ିଶା ଉପକୂଳରେ ତାଣ୍ଡବ ରଚିଥିଲା ଫାଇଲିନ । ଯଦିଓ ସୁପର ସାଇକ୍ଲୋନ ତୁଳନାରେ ଏହାର ବିଭୀଷିକା କମ ରହିଥିଲା ତଥାପି ଜନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା।

ଏହାପରେ ୨୦୧୯ ରେ ଅନ୍ୟ ଏକ ବାତ୍ୟାକୁ ଓଡ଼ିଶା ମୁକାବିଲା କରିଥିଲା ତାର ନାମ ଥିଲା ଫନି। ପାଣିପାଗ ବିଶେଷଜ୍ଞ ଏହାକୁ ଟ୍ରପିକଲ୍ ସାଇକ୍ଲୋନ ବୋଲି କୁହନ୍ତି। ମେ ଦୁଇ ତାରିଖରେ ଏହା ପୁରୀରେ ଲ୍ୟାଣ୍ଡଫଲ୍ କରିଥିଲା। ଏହା ପରେ ବାଂଲାଦେଶ ଅଭିମୁଖି ହୋଇଥିଲା। ଭାରତ ଏବଂ ବାଂଲାଦେଶରେ ତାଣ୍ଡବ ଲୀଳା ରଚିଥିଲା। ଫନି ଦ୍ୱାରା ୮୯ ଲୋକ ପ୍ରାଣ ହରାଇଥିଲେ। ଅନେକ କ୍ଷୟ କ୍ଷତି କରି ଫନି ଚାଲିଯାଇଥିଲା। ନିକଟରେ ଦାନା ଓଡ଼ିଶା ମାଟିକୁ ଛୁଇଁଯାଇଛି। ବାତ୍ୟା ଜନିତ ଅନୁଭୂତି ଓଡ଼ିଶାବାସୀଙ୍କୁ ଭୟଭୀତ କରିଛି। ରାସ୍ତାରେ ଘରେ ପାଣି ପଶିଛି। ଲୋକ ନାହଁ ନଥିବା ଅସୁବିଧା ଭୋଗୁଛନ୍ତି। ବାତ୍ୟା ଏକ ନିଶ୍ଚିତ ସଙ୍କଟ ଭାବରେ ଆଜି ଠିଆ ହୋଇଛି। ପରିବେଶ ବିଶେଷଜ୍ଞଙ୍କ ମତରେ ଏହି ଅଦିନିଆ ପୁଣି ମୁହୂର୍ତ୍ତ ମୁହୂର୍ତ୍ତ ବାତ୍ୟାର ମୁଖ୍ୟ କାରଣ ହେଲା ପ୍ରଦ୍ୟୁଷଣ। ବିଶୃଙ୍ଖଳିତ ପରିବେଶ। ବାୟୁ ମଣ୍ଡଳ ଭିତରେ ବିଭିନ୍ନ ପ୍ରକାରର କ୍ଷତିକାରକ ଗ୍ୟାସ ଜମା ହେଉଛି ଏବଂ ବାୟୁମଣ୍ଡଳର ଉତ୍ତାପ ବଢୁଛି । ଆମ ଦେଶର ରାଜନେତା ଓ ବୁଦ୍ଧିଜୀବୀ ମାନେ ଦେଶକୁ ବଞ୍ଚାଇବା ପାଇଁ କୌଣସି ଏକ ଠୋସ କଦମ ଉଠାଇବାର ଏହା ପ୍ରକୃତ ସମୟ। ସମୁଦ୍ର କୂଳରେ ଯଦି ଝାଉଁ ଗଛ ବା କିଆ ଗଛ ଲଗାଯାଏ ତାହେଲେ ଏହି ଗଛ ଗୁଡ଼ିକ ସମୁଦ୍ର ପାଣିକୁ ସହରରେ ବା ଗାଁରେ ପଶିବା ଉପରେ କିଛିକାଂଶରେ ନିୟନ୍ତ୍ରଣ କରି ପାରିବେ। ସମୁଦ୍ର ବାଲିକୁ ଧରି ରଖି ପାରିବେ। ଯେତେବେଳେ ବାତ୍ୟା ଆସୁଛି ସମୁଦ୍ରରେ ବଡ଼ ବଡ଼ ଲହରୀ ଉଠୁଚି, ସମୁଦ୍ରକୁ ପଶୁଥିବା ନଦୀ ପାଣି ସମୁଦ୍ର ଭିତରକୁ ପଶି ପାରୁନି ବରଂ ବଡ଼ ବଡ଼ ଢେଉର ଧକ୍କା ଖାଇ ସହର ଓ ଗାଁରେ ବନ୍ୟା ସୃଷ୍ଟି କରୁଛି। ପ୍ରତି ବର୍ଷ ବାତ୍ୟାରେ ଓଡ଼ିଶାରେ କୋଟି କୋଟି ଟଙ୍କାର କ୍ଷୟ କ୍ଷତି ଦେଖିବାକୁ ମିଳୁଛି। ଯଦି ଏହି ପରି କ୍ଷୟ କ୍ଷତି ଚାଲିବ ତାହେଲେ ରାଜ୍ୟ ଆଗକୁ କିପରି ବଢିବ। ରାଜ୍ୟର ରାଜକୋଷ କେବଳ ବାତ୍ୟା ଜନିତ କ୍ଷୟ କ୍ଷତି ପୂରଣ କରିବାରେ ସରିବ। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପାଇଁ କୌଣସି ସୁଦୃଢ଼ ପଦକ୍ଷେପ ନେବା ଉଚିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ହଜିବାକୁ ବସିଲାଣି ବାଇଚଢ଼େଇ ବସା:ଆଉ ଶୁଭୁନି କିଚିରିମିଚିରି ଶବ୍ଦ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଶିଶୁ ବେଳୁ ମଣିଷ ସହ ଯୋଡ଼ି ହୋଇଯାଇଛି ବାଇ ଚଢ଼େଇ । ପକ୍ଷୀ ଜଗତର ଶିଳ୍ପୀ ବା ଯନ୍ତ୍ରୀ କୁହାଯାଉଥିବା ଏହି ପକ୍ଷୀକୁ ମାନବ ସମାଜ ଗୁରୁ ଭାବେ ମାନିନେଇଛି । ଏହି ପକ୍ଷୀ ଠାରୁ ମିଳେ ବଞ୍ଚିବାର ପ୍ରେରଣା । ସବୁ ଝଡ଼ଘଞ୍ଜାକୁ କିପରି ସାମ୍ନା କରିହେବ ତାର ବଳିଷ୍ଠ ଉଦାହରଣ ବାଇ ଚଢ଼େଇ ବ୍ୟତୀତ ଆଉ କିଏ ଦେଇପାରିବ । ସହର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ତାଳ ଗଛରେ ଏକାଧିକ ବାଇ ଚଢ଼େଇ ବସା ଝୁଲୁଥିବା ଦେଖିବାକୁ ମିଳିଛି । ଧୀରେ ଧୀରେ ଜୀବଜଗତରୁ ଲୋପ ପାଇବାକୁ ବସିଥିବା ଏହି ପକ୍ଷୀଟିର ବସା ଆଧୁନିକ ଯୁଗରେ କାଁ ଭାଁ ଦେଖିବାକୁ ମିଳୁଛି । ଯେଉଁଥିଲାଗି ପ୍ଲାଷ୍ଟିକ୍ ବାଇ ଚଢ଼େଇ ବସା ଏବେ ବଜାରରେ ବିକ୍ରି ହେଉଛି । ଯାହାକୁ ଆଜିକାଲି ପିଲାମାନେ ଦେଖି ବାଇ ଚଢ଼େଇ ବସା ବିଷୟରେ ଅନେକ ଜ୍ଞାନ ହାସଲ କରୁଛନ୍ତି । ମାତ୍ର ମନତାରାରେ ଝୁଲୁଥିବା ପ୍ରକୃତ ବାଇ ଚଢ଼େଇ ବସା ଦେଖିବାକୁ ବାଟୋଇ ଘଡ଼ିଏ ଛିଡ଼ା ହୋଇଯାଉଛନ୍ତି । ପବନରେ ସୁଁ ସୁଁ ଗର୍ଜନରେ ଝୁଲୁଥିବା ବସା ଭିତରେ ବାଇ ଚଢ଼େଇର ମନମତାଣିଆ କିଚିରି ମିଚିରି ଶବ୍ଦ ସୃଷ୍ଟି କରୁଛି ସଙ୍ଗୀତର ଅପୂର୍ବ ମୂର୍ଚ୍ଛନା । ଯାହା ସାଧାରଣ ଲୋକଟିଏ ବି କବିତାରେ ପରିଣତ କରିବା କିଛି ନୂଆ କଥା ନୁହେଁ । ଓଡ଼ିଶାରେ ସାଧାରଣତଃ ତିନୋଟି ପ୍ରଜାତିର ବାଇ ଚଢ଼େଇ ଦେଖିବାକୁ ମିଳନ୍ତି । ସାଧାରଣତଃ ମଇ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ଏହି ପକ୍ଷୀମାନେ ବସା ବାନ୍ଧୁଥିବା ଦେଖିବାକୁ ମିଳେ । ବିଶେଷ କରି ତାଳ ଗଛ ପରି ବୃହତ୍ ଉଚ୍ଚତା ବିଶିଷ୍ଟ ଗଛରେ ଏହି ପକ୍ଷୀମାନେ ବସା ତିଆରି କରନ୍ତି । ମାଈ ପକ୍ଷୀମାନେ କୁନି କୁନି ଅଣ୍ଟରେ କାଠି କୁଟା ଗୋଟେଇ ଆଣି ବସା ବାନ୍ଧନ୍ତି । ଏହି ବସାର ମୁହଁ ତଳକୁ ରହେ । ଫଳରେ ବର୍ଷା ହେଲେ ବସାରେ ପାଣି ପଶିପାରେ ନାହିଁ । ପବନ ବର୍ଷାକୁ ଦୋହଲାଏ ସତ କିନ୍ତୁ ଭାଙ୍ଗି ପାରେନାହିଁ । ବସା ତିଆରି କରିବା ପରେ ଏହା ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବାଇ ଚଢ଼େଇ ରହନ୍ତି । ଏହି ସମୟ ମଧ୍ୟରେ ସେମାନେ ଅଣ୍ଡା ପ୍ରଦାନ କରନ୍ତି । ସେପ୍ଟେମ୍ବର ଶେଷ ସୁଦ୍ଧା ଶାବକ ଚଢ଼େଇ ବଡ଼ ହୋଇଯାଆନ୍ତି । ଜଙ୍ଗଲ କ୍ଷୟ ଯୋଗୁଁ ଏହି ପକ୍ଷୀ ଆଉ ବିଶେଷ ଭାବେ ଦେଖିବାକୁ ମିଳୁନାହାନ୍ତି । କଂକ୍ରିଟ୍ ଜଙ୍ଗଲ ମଧ୍ୟରେ ଧୀରେ ଧୀରେ ନିଜର ସତ୍ତା ହରାଇବାକୁ ବସିଲାଣି । ମଣିଷ ସମାଜକୁ ଶିକ୍ଷା ଦେଉଥିବା ଏହି ପକ୍ଷୀର ବଂଶ ଲୋପ ପାଇବା ପୂର୍ବରୁ ବଂଶବୃଦ୍ଧି ନିମନ୍ତେ ବଡ଼ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି ।

# ଅଲୋଡ଼ା ହୋଇପଡ଼ିଛି କମାରଶାଳ:ହଜିବାକୁ ବସିଛି କୌଳିକ ବୃତ୍ତି

**ରଙ୍ଗେଇଲୁଣ୍ଡା, ନ୍ୟୁଜ୍ ବ୍ୟୁରୋ**

ଆଧୁନିକତାର ତାଡ଼ନାରେ ହଜିଯିବାକୁ ବସିଛି କୌଳିକ ବୃତ୍ତି । ଆଧୁନିକ ଯନ୍ତ୍ରପାତି ଯୋଗୁଁ କମାରଶାଳ ଏବେ ଖାଁ ଖାଁ ଲାଗୁଛି । ଦିନେ ବେପାର ହେଲେ ଆଉ ଦିନେ ନାହିଁ । ଲିଭିବାରେ ଲାଗିଲାଣି କମାରଶାଳରେ ଜଳୁଥିବା ନିଆଁ । ବହୁ କଷ୍ଟରେ ଜୀବିକା ବଞ୍ଚାଇବାକୁ ରଖିବାକୁ ସଂଘର୍ଷ ଚାଲୁଥିବା ବେଳେ ସୀମିତ ଆୟରେ ପେଟପାଟଣା ପୋଷିବା ଦିନକୁ ଦିନ କାଠିକର ହୋଇପଡୁଛି । ଦିନ ସାରା ହାଡ଼ଭଙ୍ଗା କଷ୍ଟ ପଡ଼ିଲେ ସୁଦ୍ଧା ଯାହା ମାସକୁ ଉପାର୍ଜିତ ହୁଏ ସେଥିରେ ମାସ ସାରା ଚଳିବା କଷ୍ଟସାଧ୍ୟ ହୋଇପଡୁଛି । ଏଭଳି ଦୃଶ୍ୟ ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡା ଗ୍ରାମରେ ଦେଖିବାକୁ ମିଳୁଛି । ରଣ୍ଡା ଗ୍ରାମର କିଶୋର ମହାରଣା । ଗୋସେଇଁ ବାପା, ବାପା ଅମଳରୁ ରହିଛି ତାଙ୍କର କମାରଶାଳ । କୌଳିକ ବୃତ୍ତିକୁ ନିଜ ପେଶା ଭାବେ ଆଦରି ଏପର୍ଯ୍ୟନ୍ତ ବଜାୟ ରଖିଛନ୍ତି । ସେ କହନ୍ତି ମୋର ଭାଇ ଓ ପୁଅ ମଧ ଏହି କାମରେ ଲାଗିଛନ୍ତି । ମହୁରୀ ରାଜା ଆମକୁ ଏଠାରେ ଥଇଥାନ କରିଥିଲେ । ଚାଷୀମାନେ ବାର୍ଷିକ ମହାସୁଲ ଧାନ ଦିଅନ୍ତି । ତା ବଦଳରେ ଫୁଲତା, ଖକୁରିଆରୁ ଆରମ୍ଭ କରି ଇଚ୍ଛାପୁର



ପର୍ଯ୍ୟନ୍ତ ଅଞ୍ଚଳର ଶହ ଶହ ଶଗଡ଼ ମରାମତି ପାଇଁ ଆସି ଶାଳ ପାଖରେ ଗଦା ହୁଏ । ଏପରିକି ହୁମ୍ମା, ଗଞ୍ଜାମ ଅଞ୍ଚଳରୁ ମଧ ଲୁଣବୁହା ହେଉଥିବା ଶଗଡ଼ ସହ ଚାଷୀମାନେ ଆସୁଥିଲେ । ସେତେବେଳେ କାମ ଏତେ ଥିଲା ଯେ, ଠିକ୍ ଭାବେ ଖାଇବାକୁ ମଧ୍ୟ ସମୟ ମିଳୁନଥିଲା । ଶଗଡ଼ର ଲୁହା କାମୀ, ନାଶା, ବଳା ପକାଇବା ସହ ଚାଷୀଙ୍କ କୃଷି ଉପକରଣ ତଥା ଦାଆ, କୁରାଢ଼ି, କାତି, ଫାଳ୍‌ଡ଼ା, ଶାବଳ ଆଦି ସମେତ ଘରୋଇ ଉପକରଣ ପନିକି, ଛୁରୀ ସଜାଡ଼ିବାକୁ ଭିଡ଼ ଜମୁଥିଲା । କିନ୍ତୁ ଆଜି ଆଉ ସେ ସ୍ଥିତି ନାହିଁ । ବର୍ତ୍ତମାନ ଶୋଳ ଅଣାରୁ କେବଳ ଅଣାଏ କାମ ହେଉଛି । ଯେଉଁଠି ୫୦ ଜଣ ମଜୁରୀ ଲାଗୁଥିଲେ ସେଠାରେ ଏବେ ଗୋଟିଏ ମେସିନ୍ ଆମ ସମସ୍ତଙ୍କ କାମ ଛଡ଼ାଇ ନେଉଛି । ଗରୀବ ଚାଷୀ, ଶ୍ରମିକ ଯେଉଁମାନେ ମେସିନ୍ ବ୍ୟବହାର କରିବାକୁ ସକ୍ଷମ ନୁହଁନ୍ତି ସେମାନେ ହିଁ ଦାଆ କୁରାଢ଼ି ଧାର କରିବାକୁ ଆସୁଛନ୍ତି । ଫଳରେ ଯାହା କିଛି ରୋଜଗାର ହେଉଛି, ନଚେତ୍ ଖାଲିରେ ବସିଥାଉ । ରାଜା ରାଜୁଡ଼ା ସମୟରେ ଯୁଦ୍ଧ ଉପକରଣ ତଥା ତୋପ, କମାଣ, ଖଣ୍ଡା, ଢାଲ ଇତ୍ୟାଦି ତିଆରି ହେଉଥିଲା । ବର୍ତ୍ତମାନ ଯାହା ରୋଜଗାର କରନ୍ତି ଦୁଇ ପରିବାରକୁ ମଧ୍ୟ ନିଅଣ୍ଟ । ଶାଳ ଲାଗିବାକୁ ହେଲେ ତିନି ଜଣ ଦରକାର । ଜଣେ ନିଆଁ ଜାଳିବ, ଜଣେ ଚକ ବୁଲାଇବ ଓ ଆଉ ଜଣେ ଲୁହାକୁ ପିଟି ସଜାଡ଼ିବ । ହେଲେ ୩୦୦-୪୦୦ ଟଙ୍କାରେ କେମିତି ପେଟ ପୁରିବ ବୋଲି କହନ୍ତି କିଶୋର । ପିଲାଙ୍କ ପାଠ ପଢ଼ା ସାଙ୍ଗକୁ ପରିବାର ପ୍ରତିପୋଷଣ କାଠିକର ହୋଇ ପଡୁଛି । ଯେଉଁ ଜାଗାରେ ଆମର ଶାଳ ଅଛି, ଯଦିଓ ଖଜଣା ଦେଉଛୁ ହେଲେ ସେଠାକାର ପଟ୍ଟା ମିଳିନି । ଉପଯୁକ୍ତ ମଜୁରୀ ନ ମିଳିବାରୁ ବହୁ ଲୁହା କାରିଗର କୌଳିକ ବୃତ୍ତି ଛାଡ଼ି ସାରିଲେଣି । କଷ୍ଟ ସାଧ୍ୟ ସମୟସାପେକ୍ଷ ବ୍ୟାପାର ଥିବାରୁ ନୂଆ ପିଢ଼ି ମୁହଁ ଫେରାଇ ନେଉଛନ୍ତି । ସରକାର ଭତ୍ତା ପ୍ରଦାନ ନିମନ୍ତେ ବିଚାର କରିବାକୁ ନିବେଦନ କରିଛନ୍ତି ରଣ୍ଡାର ଲୁହା କାରିଗର । ଆଉ ଜଣେ କମାରଶାଳ କାରିଗର ବିଜୟ ମହାରଣାଙ୍କ କହିବା ଅନୁଯାୟୀ ୨୦୧୦ ମସିହାରୁ ଶଗଡ଼ ଗାଡ଼ି କାମ ବନ୍ଦ ହୋଇ ଆସିଲାଣି । ବର୍ତ୍ତମାନ କେବଳ ଗରିବ ଲୋକ ଓ ଚାଷୀ ଆଣୁଥିବା କାମରୁ ହିଁ ଆମର ରୋଜଗାର । ଧାନ କାଟିବା, କାଠ ହାଣିବାକୁ ଗଲେ ପେଟକୁ ଦାନା ଯୋଗାଡ଼ ହୁଏ । ନଚେତ୍ ଆମେ ଭୋକରେ ଦିନ କାଟୁଛୁ । ତାଙ୍କ କମାରଶାଳଟି ଭାଙ୍ଗି ରୁଜିଯାଇଛି । ହେଲେ ରୋଜଗାର କମ୍ ହେତୁ ସଜାଡ଼ି ପାରୁନାହାନ୍ତି ।

## ଝୋଟ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ:ପ୍ରୋତ୍ସାହନ ନାହିଁ, ୭ ଜିଲ୍ଲାରେ ଅଭାବୀ ବିକ୍ରି

# ନଳିତା ଚାଷରେ ୧ ନମ୍ବର କେନ୍ଦୁଝର ସ୍ଥିତି ସଂଗିନ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଥିବା ଝୋଟକଳଗୁଡ଼ିକ ବନ୍ଦ ହୋଇଯିବା ପରେ ଏବେ ନଳିତା ଚାଷ ଉଜୁଡ଼ିବାକୁ ବସିଛି । ପ୍ରୋତ୍ସାହନ ଅଭାବରୁ ଏହି ଚାଷ ଖୁବ୍‌ଶୀଘ୍ର ବନ୍ଦ ହୋଇଯିବାର ଆଶଙ୍କା ଉପୁଜିଛି । ଖର୍ଚ୍ଚ ତୁଳନାରେ ଆୟ ହେଉନଥିବା ଏବଂ ଅଭାବୀ ବିକ୍ରି କାରଣରୁ ଚାଷୀ ସେଥିରୁ ମୁହଁ ଫେରାଇ ନେଉଛନ୍ତି । ଝୋଟ ଚାଷୀଙ୍କୁ ଆବଶ୍ୟକ ସହାୟକ ମୂଲ୍ୟ ପ୍ରଦାନ କରାନଗଲେ ଏହି ଚାଷ ସଂପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଚାଷୀମାନେ ମତ ରଖିଛନ୍ତି । ପୂର୍ବରୁ ଧାନମଣ୍ଡଳ, ଚୌଦ୍ୱାର ଓ ଢେଙ୍କାନାଳରେ ଝୋଟକଳ ଥିଲା । ଚାଷୀମାନେ ଝୋଟ ବିକ୍ରି କରି ଅଧିକ ମୂଲ୍ୟ ପାଉଥିଲେ । ହେଲେ ବର୍ତ୍ତମାନ ଚାଷୀଙ୍କୁ ଆବଶ୍ୟକ ଦର ଓ ପ୍ରୋତ୍ସାହନ ମିଳୁନଥିବାରୁ ଚାଷୀମାନେ ଚାଷ କରିବାକୁ ଆଗ୍ରହ ଦେଖାଉନାହାନ୍ତି । ସରକାରୀ ତଥ୍ୟ ଅନୁସାରେ, ରାଜ୍ୟର ବାଲେଶ୍ୱର,



ଭଦ୍ରକ, କଟକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲାରେ ନଳିତା ଚାଷ ହେଉଛି । ୨୦୨୩-୨୪ ଆର୍ଥିକ ବର୍ଷରେ ବାଲେଶ୍ୱରରେ ୭୬୦ ହେକ୍ଟର, ଭଦ୍ରକ ଜିଲ୍ଲାରେ ୪୧୦ ହେକ୍ଟର, କଟକ ଜିଲ୍ଲାରେ ୭୬୦ ହେକ୍ଟର, ଢେଙ୍କାନାଳରେ ୧୮୦ ହେକ୍ଟର, ଯାଜପୁରରେ ୮୧୦ ହେକ୍ଟର, କେନ୍ଦ୍ରାପଡ଼ା ଜିଲ୍ଲାରେ ୭୪୦ ହେକ୍ଟର ଓ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୧୩୦୦ ହେକ୍ଟର ଜମିରେ ନଳିତା ଚାଷ ହୋଇଥିଲା । କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକ ମଧ୍ୟରୁ ମାତ୍ର ତିନିଟି ଘସିପୁରା, ଆନନ୍ଦପୁର ଓ ହାଟଡିହିରେ ନଳିତା ଚାଷ କରାଯାଉଛି । ବିଶେଷ କରି ଶାଳବଣି, ଖଡ଼ିପାଳ, ମୋଚିନ୍ଦା, ପରଙ୍ଗ, ଛତ୍ରକଣା, ବଳଦଚୁଆଁ, ଫକୀରପୁରରେ ଏହି ଚାଷ ଅଧିକ ପରିମାଣରେ ହେଉଛି । ପ୍ରୋତ୍ସାହନ ଅଭାବ ଓ ଚାଷରୁ ଭଲ ଆୟ ହେଉନଥିବାରୁ ପ୍ରତିବର୍ଷ ଏହି ଚାଷ କମିବାରେ ଲାଗିଛି । ପୂର୍ବରୁ ଆନନ୍ଦପୁର ବ୍ଲକ୍ ମୋଚିନ୍ଦା ଗ୍ରାମରେ ପ୍ରାୟ ୧୦୦ଟି ପରିବାର ନଳିତା ଚାଷ କରୁଥିଲେ । ଝୋଟର ଅଭାବୀ ବିକ୍ରି ପାଇଁ ଏବେ ମାତ୍ର ୧୫ରୁ ୨୦ଟି ପରିବାର ଚାଷ କରୁଛନ୍ତି । ଚାଷୀଙ୍କ କହିବା କଥା ହେଲା, ନଳିତା ଚାଷ ପାଇଁ ଯେତିକି ଖର୍ଚ୍ଚ ହେଉଛି, ଝୋଟ ତାହାଠାରୁ କମ୍ ଦରରେ ବିକ୍ରି ହେଉଛି । ଗୋଟିଏ ଗୋଛା ନଳିତାରୁ ୧ କେଜି ଝୋଟ ବାହାରିଥାଏ । ଏଥିପାଇଁ ହଳ, ବେଉଷଣ, ବଛାବଛିକୁ ଛାଡ଼ିଦେଲେ ଗୋଟିଏ ଗୋଛା ନଳିତା କାଟିବାକୁ ୨୦ ଟଙ୍କା, ପାଣିରେ ବୁଡ଼ାଇ ରଖିବାକୁ ୫ ଟଙ୍କା, ପିଟିବାକୁ ୨୦ ଟଙ୍କା ଓ ଘରକୁ ଆଣି ଥାକ ମାରିବାକୁ ମଜୁରି ବାବଦରେ ୧୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଅର୍ଥାତ୍ ଗୋଟିଏ ଗୋଛା ନଳିତାରୁ ଝୋଟ ପ୍ରସ୍ତୁତି ପାଇଁ ପ୍ରାୟ ୫୦ ଟଙ୍କା ଖର୍ଚ୍ଚ ହୋଇଥାଏ । କିନ୍ତୁ ୧ କେଜି ଝୋଟର ଦାମ୍ ମାତ୍ର ୪୨ ଟଙ୍କା । ଯେଉଁ ଚାଷୀଙ୍କ ପରିବାରର ଏକାଧିକ ସଦସ୍ୟ ପରିଶ୍ରମ କରୁଛନ୍ତି, ସେମାନେ କେବଳ ମଜୁରି ଉଠିବା ଲକ୍ଷ୍ୟରେ ଏହି ଚାଷ କରୁଛନ୍ତି । ଏ ସମ୍ପର୍କରେ ମୋଚିନ୍ଦା ଗ୍ରାମର ଲକ୍ଷ୍ମଣ ସାହୁ କହିଛନ୍ତି, ଆମ ଗାଁ ଓ ଆଖପାଖ ଅଞ୍ଚଳରେ ପୂର୍ବରୁ ପ୍ରାୟ ୧୦ଟି ଟ୍ରକ୍‌ରେ ଝୋଟ ବିକ୍ରି ପାଇଁ ଯାଉଥିଲା । ଏବେ ଗୋଟିଏ ଟ୍ରକ୍ ବି ଝୋଟ ବାହାରୁନାହିଁ । ସରକାର ଏହି ଚାଷ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଏହାର ସହାୟକ ମୂଲ୍ୟ ବୃଦ୍ଧି ନକଲେ ଆଉ କିଛିବର୍ଷ ପରେ ଝୋଟ ଚାଷ ସଂପୂର୍ଣ୍ଣ ବନ୍ଦ ହୋଇଯିବ ।

## ଗଞ୍ଜାମରେ ଝଲସୁଛି ସପ୍ତାଶ୍ଚର୍ଯ୍ୟ:ମୁଖ୍ୟ ଆକର୍ଷଣ ପାଲଟିଛି ତାଜମହଲ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱର ସପ୍ତାଶ୍ଚର୍ଯ୍ୟ ଦେଖିବା ପାଇଁ ଆଉ ଦେଶବିଦେଶ ବୁଲିବାକୁ ପଡ଼ିବ ନାହିଁ । ଓଡ଼ିଶାରେ ହିଁ ଏବେ ସପ୍ତାଶ୍ଚର୍ଯ୍ୟ ଦେଖିବାକୁ ମିଳୁଛି । ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରରେ ଗୋଟିଏ ସ୍ଥାନରେ ସପ୍ତାଶ୍ଚର୍ଯ୍ୟର ପ୍ରତିକୃତି ନିର୍ମାଣ କରାଯାଇଛି । ଏକ ସ୍ମାର୍ଟପାର୍କରେ ତିଆରି ହୋଇଥିବା ଏହି ଆକର୍ଷଣୀୟ ପ୍ରତିକୃତି ପର୍ଯ୍ୟଟକଙ୍କୁ ସେଠାକୁ ଟାଣି ନେଉଛି । ସେହି ପାର୍କରେ ତିଆରି ହୋଇଥିବା ପ୍ରେମ ସମ୍ପର୍କର ପ୍ରତୀକ ତାଜମହଲ ମୁଖ୍ୟ ଆକର୍ଷଣ ପାଲଟିଛି । ତାଜମହଲ ସାମ୍ନାରେ



ପର୍ଯ୍ୟଟକମାନେ ଫଟୋ ଓ ସେଲ୍‌ଫି ନେବା ପାଇଁ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି । ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନଶିଳ୍ପକୁ ଏହି ସପ୍ତାଶ୍ଚର୍ଯ୍ୟ ଆଉ ଏକ ପାଦ ଆଗେଇ ନେଇଛି ବୋଲି କହିବା ଅତ୍ୟୁକ୍ତି ହେବନାହିଁ । ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଗଞ୍ଜାମ ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ପର୍ଯ୍ୟଟକଙ୍କୁ ଗଞ୍ଜାମ ଜିଲ୍ଲା ପ୍ରତି ଆକୃଷ୍ଟ କରିବାପାଇଁ ଇକୋ ରିଟ୍ରିଟ୍ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ମହୋତ୍ସବ ଆୟୋଜନ କରାଯାଉଛି । ଏହା ସହିତ ସୌନ୍ଦର୍ଯ୍ୟକରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଗୋପାଳପୁର ବେଳାଭୂମି, ସୁନାପୁର ବେଳାଭୂମି, ତପ୍ତପାଣି, ତାରାତାରିଣୀ, ନାରାୟଣୀ, ବୁଢ଼ଖୋଲ ସହିତ ଏକାଧିକ ପ୍ରସିଦ୍ଧ ଦେବାଦେବୀ ମନ୍ଦିର ରହିଛି । ଏବେ ପର୍ଯ୍ୟଟନ ଋତୁ ପାଖେଇ ଆସୁଥିବା ବେଳେ ଏହି ସବୁ ସ୍ଥାନରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଜମିବ । ଛତ୍ରପୁରରେ ତିଆରି ହୋଇଥିବା ସପ୍ତାଶ୍ଚର୍ଯ୍ୟ ପାର୍କ ମଧ୍ୟ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ଆଶା । ଛତ୍ରପୁର ନୂଆ ପୋଲିସ ଲାଇନ୍‌ର ପୋଲିସ ହାଇସ୍କୁଲ ନିକଟରେ ୧.୫ ଏକର ପରିମିତ ଜମିରେ ଏହି ପାର୍କ ନିର୍ମାଣ କରାଯାଇଛି । ଏହାର ନାମ ସେଭେନ୍ ୱାଣ୍ଡର୍ସ ସ୍ମାର୍ଟ ପାର୍କ ରଖାଯାଇଛି । ବିଶ୍ୱର ସପ୍ତାଶ୍ଚର୍ଯ୍ୟଗୁଡ଼ିକର ପ୍ରତିକୃତି ଏଥିରେ ସ୍ଥାନିତ କରାଯାଇଛି । ସେଠାରେ ପର୍ଯ୍ୟଟନମାନେ ଗୋଟିଏ ଜାଗାରେ ସପ୍ତାଶ୍ଚର୍ଯ୍ୟ ଦେଖିବାର ଅନୁଭୂତି ପାଇପାରୁଛନ୍ତି । ଛତ୍ରପୁର ଏନ୍‌ଏସି ତରଫରୁ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଏହି ସ୍ମାର୍ଟ ପାର୍କ ନିର୍ମାଣ କରିଛନ୍ତି । ପାର୍କ ବାହାରେ ବାଇକ୍ ଓ କାର୍ ପାର୍କିଂ ପାଇଁ ମଧ୍ୟ ସୁବିଧା କରାଯାଇଛି । ପାର୍କ ଭିତରେ ଲୋକଙ୍କ ବସିବା ପାଇଁ ଘାସ ଗାଲିଚା ରହିଥିବା ବେଳେ ଶୌଚାଳୟ ମଧ୍ୟ ରହିଛି । ସପ୍ତାଶ୍ଚର୍ଯ୍ୟର ପ୍ରତିକୃତି ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶି କିଛି ଘଣ୍ଟା ସେଠାରେ ରହିବା ପାଇଁ ବାଧ୍ୟ କରୁଛି । ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ତାଜମହଲର ଉଚ୍ଚତା ପ୍ରାୟ ୨୫ ଫୁଟ୍ ଉଚ୍ଚତା ରହିଥିବା ବେଳେ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ଉଚ୍ଚତା ପ୍ରାୟ ୩୦ ଫୁଟ୍ ପର୍ଯ୍ୟନ୍ତ ରହିଛି । ସେହିପରି ଯୀଶୁଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ପ୍ରାୟ ୩୦ ଫୁଟ୍ ରହିଥିବା ବେଳେ ଗ୍ରେଟ୍ ୱାଲ୍ ଅଫ୍ ଚାଇନାର ଉଚ୍ଚତା ୪୫ ଫୁଟ୍, ଆଇଫିଲ୍ ଟାୱାରର ଉଚ୍ଚତା ୪୫ ଫୁଟ୍, ପିରାମିଡ୍‌ର ଉଚ୍ଚତା ପ୍ରାୟ ୨୦ ଫୁଟ୍ ରହିଥିବା ବେଳେ କଲେକିୟମ୍‌ର ଉଚ୍ଚତା ପ୍ରାୟ ୩୦ ଫୁଟ୍ ରହିଛି । ସେହିପରି ସ୍ମାର୍ଟ ପାର୍କରେ ବାର୍ଡ଼ ହାଉସ୍, ବଟର ଫ୍ଲାଏ ହାଉସ୍, ଶିବଙ୍କ ପ୍ରତିମୂର୍ତ୍ତି ସହିତ ୱାଟର ଫାଉଣ୍ଟେନ୍ ସହିତ ମନୋରଞ୍ଜନ ପାଇଁ ଅନେକ ସୁବିଧା କରାଯାଇଛି ।

## ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ 'ସାପକାଟିଆ ମଠ' ଏବେ ଜରାଜୀର୍ଣ୍ଣ ଅବସ୍ଥାରେ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ଦୋବଲ ହାଇସ୍କୁଲ ପାଖରେ ଥିବା ସାପକାଟିଆ ମଠଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ରାଜା ରାଜୁଡ଼ା ଅମଳରୁ ଚାଲି ଆସିଥିବା ମଠଟି ଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଥିଲା । ଇତିହାସର ମୂକ ସାକ୍ଷୀ ଗୋହିରାଟିକିରି ଠାରୁ ଅଳ୍ପ କିଛି ବାଟ ଦୂରରେ ଥିବା ଏହି ମଠଟି ପ୍ରାୟ ୩୫ ହଜାର ବର୍ଗଫୁଟ୍ ଅଞ୍ଚଳରେ ଚୋରିକୋଣିଆ ଅଞ୍ଚଳରେ ମଠଟି ରହିଛି । ମଠରେ ମଦନମୋହନ, ଶାଳଗ୍ରାମ, ଜଗତ ମାତା ବିମଳା, ମହାପ୍ରଭୁ ଜଗନ୍ନାଥ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରହୁଛନ୍ତି । ପ୍ରତିବର୍ଷ ଏଠାରେ ଶ୍ରୀମଦ୍ ଭାଗବତ ଜନ୍ମ, କୃଷ୍ଣ ଜନ୍ମାଷ୍ଟମୀ, ବିମଳା ପୂଜା ଓ ଘୋଷଯାତ୍ରା ଆଦି ଆଧାତ୍ମିକ ମହୋତ୍ସବ ମହା ସମାରୋହରେ ପାଳନ ହୋଇଥାଏ । ଉନବିଂଶ ଶତାବ୍ଦୀରେ ବେଙ୍ଗଲ ପ୍ରେସିଡେନ୍ସି ଅଧିନରେ ବିହାର, ବଙ୍ଗଳା ଓ ଓଡ଼ିଶା ଥିଲା । ସେତେବେଳେ ତିନି ଅଞ୍ଚଳରେ ବ୍ରିଟିଶ ଶାସନ ଚାଲିଥିଲା । ଏହି ସମୟରେ ଜଣେ ଅଣ ଓଡ଼ିଆ ସାଧୁ ନନ୍ଦଲାଲ ବିଭିନ୍ନ ଧର୍ମସ୍ଥଳୀ ବୁଲିବା ଭିତରେ ଏହି ସ୍ଥାନରେ ରହିଯାଇଥିଲେ । ଛୋଟିଆ ଚାଳ ଛପର ଘର କରି ରହି ଧର୍ମ ଚର୍ଚ୍ଚା କରୁଥିଲେ । ଦିନେ ଜଣେ ମୋଗଲ ଜମିଦାର ଘୋଡ଼ା ଚଢ଼ି ଯିବାବେଳେ ଶୋଷ ଲାଗିବାରୁ ଏହି ସ୍ଥାନରେ ଅଟକି ଯାଇ ବାବାଙ୍କ ପାଖରୁ ପାଣି ପିଇବା ସହ ବିଶ୍ରାମ ନେଇଥିଲେ । ସେହିଦିନ ଜମିଦାର ୪ ଠେକି ପାଣି ପିଇଥିବାରୁ, ୪ଟି ଜିନିଷ ଦାନ କରିବାକୁ ମନସ୍ଥ କରିଥିଲେ । ଏହାପରେ ସଂପୃକ୍ତ ମୋଗଲ ଜମିଦାର ୪ ଏକର ଜମି ମଠକୁ ଦାନ କରିଥିଲେ । ଏହାସହ ବାବା ନନ୍ଦଲାଲ ମଧ ମାଗଣ କରି ବହୁ ଜମି ମଠ ନାଁରେ କରିଥିଲେ । ଅଲୌକିକ ଶକ୍ତିର ଅଧିକାରୀ ବାବା ନନ୍ଦଲାଲ ଏଠାରେ ରହି ଧର୍ମ ଚର୍ଚ୍ଚା କରିବା ସହ ଆଖପାଖ ଲୋକଙ୍କ ପାଇଁ ବୈଦ୍ୟରାଜ ଥିଲେ । ମଠ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଓ ଗୁଳ୍ମ ଲଗାଇ ଲୋକଙ୍କୁ ଚିକିତ୍ସା କରୁଥିଲେ । ବ୍ରିଟିଶ ଅମଳରେ ଏହି ମଠଟି ଥିଲା ଆଖପାଖ ଅଞ୍ଚଳ ପାଇଁ ଡାକ୍ତରଖାନା । ତେବେ ଜଙ୍ଗଲ ହୋଇଥିବାରୁ ଏଠାରେ ନାନା ପ୍ରଜାତିର ସାପ ସବୁ ରହୁଥିଲେ । ବାବା ନନ୍ଦଲାଲ ଏହି ସାପଙ୍କୁ ନିଜର ସନ୍ତାନ ସନ୍ତତି ଭଳି ପାଳୁଥିଲେ । ଏଣୁ ମଠ ବାଡ଼ିରେ ଚାରିଆଡ଼େ ସାପ କାତି ଦେଖିବାକୁ ମିଳୁଥିଲା । ଧିରେ ଧିରେ ଲୋକେ ଏହାକୁ ସାପ କାତିଆ ମଠ କହିଲେ । ତେବେ ବାବାଙ୍କ ଦେହାବସାନ ପରେ ସାପଗୁଡ଼ିକ ମଧ ମଠ ଅଞ୍ଚଳରେ ଆଉ ଦେଖାଗଲେନି । ତେବେ ସ୍ୱାଧିନତା ପରେ ଦେବୋତ୍ତର ବିଭାଗ ଏହି ମଠକୁ ନିଜ ହେପାଜତକୁ ନେଇ ଆଞ୍ଚଳିକ ଟ୍ରଷ୍ଟ ବୋର୍ଡ ମାଧ୍ୟମରେ ତାଦରଖ କଲା । ୨୦୧୪ରେ ମଠରେ ଥିବା ପୁରୁଣା ଘର ଭୁଶୁଡ଼ି ପଡ଼ିଲା । ଆଞ୍ଚଳିକ ଟ୍ରଷ୍ଟି ଥିବା ମହେଶ୍ୱର ସାହୁ ନିଜ ଉଦ୍ୟମରେ ମଠ ପରିସରରେ ଗୋଟିଏ ସାଧୁ ନିବାସ ତିଆରି କରିଛନ୍ତି । ଏହାସହ ଗୋଟିଏ ଜଗନ୍ନାଥ ମନ୍ଦିର ମଧ ନିର୍ମାଣ ଆରମ୍ଭ କରିଥିଲେ । ହେଲେ ଅର୍ଥ ଅଭାବ ଓ ସହଯୋଗ ଅଭାବରୁ ଆରମ୍ଭ ଅବସ୍ଥାରେ ଦୀର୍ଘ ବର୍ଷ ହେଲା ପଡ଼ି ରହି ମନ୍ଦିରଟି ନଷ୍ଟ ହୋଇଗଲାଣି । ଏଣୁ ବହୁଦିନ ହେଲା ଏ ମନ୍ଦିର ନିର୍ମାଣ ଓ ମଠର ପୁନରୁଦ୍ଧାର ଲାଗି ଲୋକେ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି । ହେଲେ କେହି ଏଥିପ୍ରତି ନଜର ଦେଉନାହାନ୍ତି । ମଠର ସମ୍ପତ୍ତି ପାଖାପାଖି ୧୨ ଏକର ମଠବାଡ଼ି ମଧ ହଡ଼ପ ହେବାରେ ଲାଗିଛି । ଆୟ ନଥିବାରୁ ମଠର ଚାରିପଟ ସୀମାରେ ବାଡ଼ ନିର୍ମାଣ କରାଯାଇପାରୁନି । ନିର୍ବାଚନ ବେଳେ ମଠ ପରିସରରେ ବିଭିନ୍ନ ସଭା ସମିତି କରୁଥିଲେ ବି ଏହାର ବିକାଶ ପାଇଁ କେହି ପଦକ୍ଷେପ ନେଉନଥିବା ଲୋକେ କହିଛନ୍ତି । ଏଣୁ ସ୍ଥାନୀୟ ପ୍ରଶାସନକୁ ସାପକାଟିଆ ମଠ ପୁନରୁଦ୍ଧାର ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

## ସମସ୍ତେ ଜାଣି ଅଜଣା:ବିପଜ୍ଜନକ ଭାବରେ ବସ୍‌ରେ ଯାଉଛନ୍ତି ଶିଶୁ

**ଜଟଣୀ, ନ୍ୟୁଜ୍ ବ୍ୟୁରୋ**

କେତେବେଳେ ଅଟୋ ତ କେତେବେଳେ ଭ୍ୟାନ୍ ଆଉ କେତେବେଳେ ସ୍କୁଲ୍ ବସ୍ ସବୁଠି ଓଭର୍‌ଲୋଡ୍ । ଅତି ବିପଜ୍ଜନକ ଭାବେ ସ୍କୁଲ୍ ଯିବାଆସିବା କରୁଛନ୍ତି କୋମଳମତି ଶିଶୁ । ପରିବହନ ବିଭାଗର ସମସ୍ତ ନିୟମକୁ ଫୁ କରି ଗାଡ଼ି ଚାଳକମାନେ କ୍ଷମତା ଠାରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗାଡ଼ି ଭିତରେ ଭର୍ତ୍ତି କରୁଛନ୍ତି । ପ୍ରତ୍ୟେକ ଦିନ ଜଟଣୀ ଅଞ୍ଚଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ସମେତ ଅନ୍ୟ କିଛି ଘରୋଇ ବିଦ୍ୟାଳୟ ସମ୍ମୁଖରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ଘର ପର୍ଯ୍ୟନ୍ତ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି । ଅଧିକ ଛାତ୍ରଛାତ୍ରୀଙ୍କୁ ନେଲେ ଖର୍ଚ୍ଚ କମ୍ ହେଉଥିବାରୁ ଅଭିଭାବକ ମୁହଁ ଖୋଲୁନାହାନ୍ତି ଆଉ ସବୁଠାରୁ ଅଧିକ ଦାୟିତ୍ୱହୀନ ହୋଇପଡ଼ିଛି ପ୍ରଶାସନ । ସରକାର ମାର୍ଗଦର୍ଶିକା ଜାରି କରି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇ ବସିପଡ଼ିଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ ବର୍ଷ ବର୍ଷ ଧରି ଯାଞ୍ଚ କରୁନାହାନ୍ତି । ଫଳରେ ଏହା ଗାଡ଼ିଚାଳକଙ୍କୁ ସୁହାଉଛି ଶିଶୁଙ୍କ ଜୀବନ । ବାଜିରେ ଲଗାଇ ସେମାନେ ବେପାରରେ ମାତିଛନ୍ତି । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଯାତ୍ରା ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ ମାର୍ଗଦର୍ଶିକା ଜାରି କରିଛନ୍ତି । କ୍ଷମତା ଠାରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନନେବା, ପ୍ରତ୍ୟେକ ଗାଡ଼ିର ରଙ୍ଗ ସମାନ ହେବା, ଧାର୍ଯ୍ୟ ବେଗରୁ ଅଧିକା ଓ ମଦ୍ୟପାନ କରି ଗାଡ଼ି ନଚଳାଇବା ପ୍ରଭୃତି ନିୟମ କରାଯାଇଛି । ଏହି ନିୟମ ପାଳନ ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ଓ ମୋଟରଯାନ ନିରୀକ୍ଷକ କ୍ଷମତାପ୍ରାପ୍ତ ହୋଇଛନ୍ତି କିନ୍ତୁ ଜଟଣୀରେ ଦିନେ ହେଲେ ଏଭଳି ଗାଡ଼ିମୋଟର ଯାଞ୍ଚ ହେବା ଦେଖାଯାଉନାହିଁ ବରଂ ଏହି ବିଭାଗରେ ହିଁ ସବୁଠାରୁ ଦୁର୍ନୀତିର ଅଭିଯୋଗ ରହିଛି । ମୋଟା ଅଙ୍କର ହାତଗୁଞ୍ଜା ନେଇ ଅଧିକାରୀ ବସିପଡୁଥିବାରୁ ଗାଡ଼ିମାଲିକ ତଥା ଚାଳକଙ୍କ ପାଇଁ ପୁଷମାସ ହୋଇଛି । କେବଳ କ୍ଷମତା ଠାରୁ ଅଧିକ ନୁହେଁ, ବରଂ କେତେକ ଗାଡ଼ି ଧାର୍ଯ୍ୟ ଠାରୁ ଅଧିକ ବେଗରେ ଚଳାଉଛନ୍ତି । ଫଳରେ ପ୍ରତ୍ୟେକ ମୁହୂର୍ତ୍ତରେ ଦୁର୍ଘଟଣାର ଆଶଙ୍କା ରହୁଛି । ଛୋଟ ପିଲାମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି । ବଡ଼କଥା ହେଉଛି ଅଟୋ କିମ୍ବା ଛୋଟ ଗାଡ଼ିରେ ସ୍କୁଲ୍ ପିଲାଙ୍କୁ ନେବା ଆଣିବା ବେଆଇନ୍ ସ୍କୁଲ୍ ବସ୍ କିମ୍ବା ସ୍କୁଲ୍‌ର ସ୍ୱୀକୃତିପ୍ରାପ୍ତ ଗାଡ଼ିରେ ପିଲାମାନଙ୍କୁ ନେବା ନିୟମ ରହିଛି । କ୍ଷମତା ଠାରୁ ଅଧିକ ନେବା, ଛିଡ଼ା ହୋଇଯାଉଥିଲେ ଗାଡ଼ିକୁ ଜବତ କରାଯିବା ନିୟମ ରହିଛି । ଚାଳକଙ୍କ ଲାଇସେନ୍ସ ମଧ ରଦ୍ଦ କରାଯିବା ନିୟମ ରହିଛି । ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅଘଟଣ ଘଟିଲେ କିଏ ଦାୟୀ ରହିବ ପ୍ରଶ୍ନ ଉଠିଛି । ଏ ନେଇ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ରଶ୍ମୀବାଳା ପରିଡ଼ା କହିଛନ୍ତି ଯେ, ବିଭିନ୍ନ ବିଦ୍ୟାଳୟକୁ ଏନେଇ ଅବଗତ କରାଯାଇଛି । ଅନେକ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ନିୟମ ମାନିବାକୁ ଗାଡ଼ିମାଲିକଙ୍କୁ ତାଗିଦ କରୁଛନ୍ତି । ଯେଉଁମାନେ ନିୟମ ମାନୁନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।



## ବୁଲା ଗୋରୁଗାଈଙ୍କ କବ୍‌ଜାରେ ରାଜ ରାସ୍ତା:ଦୁର୍ଘଟଣାଗ୍ରସ୍ତ ପଥଚାରୀ



**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ଦିନକୁ ଦିନ ବୁଲା ଗାଈ ଗୋରୁଙ୍କ ବୃଦ୍ଧି ପାଇ ଦୁର୍ଘଟଣାର ମୂଳ କାରଣ ପାଲଟିଛି । କାରଖାନା ମାନଙ୍କୁ ଯାଇଥିବା ରାସ୍ତା, ଗ୍ରାମ ଓ ବଜାର ଏବଂ ଯାଇଥିବା ଜାତୀୟ ରାଜପଥ ଉପରେ ବୁଲା ଗୋରୁଗାଈଙ୍କ ସହିତ କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି, ବୁଲା ଗୋରୁଙ୍କ କବ୍‌ଜାରେ ରାଜରାସ୍ତା ଥିବାବେଳେ ଅନେକ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ଓ ନିହତ ମଧ୍ୟ ହେଉଛନ୍ତି । ଦିନ ଅପେକ୍ଷା ରାତିରେ ରାସ୍ତା ଉପରେ ବୁଲା ଗୋରୁ, ବୁଲା କୁକୁରଙ୍କ ସଂଖ୍ୟା ଅଧିକ ହେଉଥିବା ବେଳେ ଦାନଗଦି ବ୍ଲକ, ପଞ୍ଚାୟତ, ବ୍ୟାସନଗର ପୌରପରିଷଦ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କାଞ୍ଜିଆହୁଦା ନାମକୁ ମାତ୍ର ରହିଛି । କଳିଙ୍ଗ ନଗର ଶିଳ୍ପାନୁଷ୍ଠାନଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଜଖପୁରା ରାସ୍ତା, ରାବଣା ଛକ, ତେଲିବହଲି ଛକ, ଦାନଗଦି ବଜାର, ବାରଗଡ଼ିଆ ଛକ, ଡୁବୁରୀ ଛକ, ଢୋଲ ପଥର ଛକ, ମିରିଗିଚରା ଛକ, ବଙ୍ଗଳା ଛକ, ପଙ୍କପାଳ ଶାସନ ଛକ, ଦିଗାମ୍ବରପୁର ଛକ, ମାନତୀରା ଛକ ଉପରେ ବୁଲା ଗୋରୁଗାଈ ଓ କୁକୁର ମାନଙ୍କ ବହୁଳ ମାତ୍ରାରେ ଯାଆ ଆସ କରୁଥିବା ସହିତ ରାତି ସାରା ରାସ୍ତା ଅବରୋଧ କରି ଶୋଇରହୁଛନ୍ତି । କଳିଙ୍ଗ ନଗର ଥିବା ବଜାର କଲୋନୀ ଓ ଯାଜପୁର ରୋଡ ରାସ୍ତାଘାଟ କଲୋନୀ ଗୁଡିକ ବୁଲା ଗୋରୁଗାଈଙ୍କ ଚରାଭୂଇଁ ପାଲଟିଥିବାରୁ ସହରବାସୀଙ୍କ ପାଇଁ ଯିବା ଆସିବା କରିବା ବହୁ ଅସୁବିଧା ହେଉଛି । ବୁଲା ଗୋରୁ ଗାଈଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ କଳିଙ୍ଗ ନଗରବାସୀ ଓ ସହରବାସୀ ପୂର୍ବରୁ ଅନେକ ଥର ପ୍ରଶାସନ ନିକଟରେ ଅଭିଯୋଗ କଲାପରେ କିଛି ସମାଧାନ ନହେବାରୁ ଦିନକୁ ଦିନ ବଢୁଥିବା ବେଳେ ଅଧିକ ସମସ୍ୟା ସୃଷ୍ଟି କରିଛି । ପ୍ରାୟ ସମୟରେ ଜାତୀୟ ରାଜପଥ ଓ ସହର ରାସ୍ତା ମଝିରେ ଗୋରୁ ଗାଈଙ୍କ ଶୋଇ ରହିବା ଯୋଗୁ ବାରମ୍ବାର ଦୁର୍ଘଟଣାମାନ ଘଟିଥିବା ବେଳେ ଅନେକ ସମୟରେ ପ୍ରଶାସନ ତରଫରୁ ପ୍ରଚାର ପ୍ରସାର ଯୋଗେ ଗୋରୁ ଗାଈମାନଙ୍କୁ ରାସ୍ତାକୁ ନଛାଡିବା ପାଇଁ ତାଗିଦ୍ କରାଯାଇଥିଲେ ମଧ୍ୟ ବୁଲା ଗୋରୁଗାଈ ମାଲିକଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହେବା କିମ୍ବା କାହା ଚାପ ରହି ଯାଉଥିବାରୁ ତାପରେ ସ୍ଥିତି ପୂର୍ବ ଅବସ୍ଥାକୁ ଫେରୁଥିବା ଲୋକେ ଅଭିଯୋଗ କରିଛନ୍ତି । ତେବେ ଦିନକୁ ଦିନ ଏହି ବୁଲା ଗୋରୁଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବୃଦ୍ଧି ପାଇ ରାଜ ରସ୍ତରେ ଗୋରୁଗୁଡିକ ଶୋଇ ରହୁଥିବାର ଦେଖାଇବାକୁ ମିଳେ । ବୁଲା ଗାଈଗୋରୁଙ୍କୁ ରଖିବା ନିମନ୍ତେ ଗୋଶାଳା ଓ କାଞ୍ଜିଆହୁଦା ନିର୍ମାଣ କରାଗଲେ ରାସ୍ତା ବଜାର ଉପରେ ବୁଲୁଥିବା ଗୋରୁଗାଈଙ୍କୁ ସେଠାରେ ରଖାଯାଇପାରନ୍ତା । ଏଥିପ୍ରତି ପ୍ରଶାସନ ତରଫରୁ ବୁଲା ଗୋରୁଗାଈଙ୍କ ମାଲିକମାନଙ୍କୁ ଚିହ୍ନଟ କରି ଦଣ୍ଡ ସହିତ ଅର୍ଥଦଣ୍ଡ କରାଗଲେ ଘଟୁଥିବା ସମସ୍ୟା ବହୁ ପରିମାଣରେ କମିପାରନ୍ତା । ବୁଲା ଗୋରୁ ଗାଈଗୁଡିକ ରାସ୍ତା ମଝିରେ ମଳତ୍ୟାଗ କରି ପରିବେଶ ଦୂଷିତ କରିବା ସହ ବିଭିନ୍ନ ଲୋକମାନଙ୍କର ଘରବାଡି ବିଲରେ ପଶି ଧାନ, ବିରି, ବାଦାମ, ପନିପରିବା, ଫଳ, ଫୁଲ ବଗିଚା, ଫସଲ ଓ ଫୁଲ ଗଛଗୁଡିକୁ ଖାଇ ଦେଉଛନ୍ତି । ଲୋକ ଓ ପଥଚାରୀ ମାନଙ୍କ ଅସୁବିଧା ଦୃଷ୍ଟିରେ ରଖି ତୁରନ୍ତ ପ୍ରଶାସନ ପକ୍ଷରୁ ଠୋସ୍ ପଦକ୍ଷପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ହକି ଏସିଆ କପ୍ ୨୦୨୫: ଭାରତୀୟ ଦଳର ଲଗାତାର ଦ୍ୱିତୀୟ ବିଜୟ, ଜାପାନ ୩-୨ ଗୋଲରେ ପରାସ୍ତ

**ବିହାର**

ହକି ଏସିଆ କପ୍ ୨୦୨୫ର ପୁଲ୍ ଏ ଗ୍ରୁପର ରୋମାଞ୍ଚକର ମୁକାବିଲାରେ ମଜଭୁତ ଭାରତୀୟ ପୁରୁଷ ହକି ଦଳ ଜାପାନକୁ ୩-୨ ଗୋଲରେ ପରାସ୍ତ କରି ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ବିହାର ସ୍ପୋର୍ଟ୍ସ ୟୁନିଭର୍ସିଟି ହକି ଷ୍ଟାଡିୟମରେ ରବିବାର ସନ୍ଧ୍ୟା ୩ଟାରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଅଧିନାୟକ ହରମନପ୍ରୀତ ସିଂହ ପୁଣିଥର ଚମକିଥିଲେ। ତାଙ୍କର ୨ ଗୋଲ ଭାରତକୁ ବିଜୟୀ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଏହି ବିଜୟ ସହିତ ଭାରତ ପୁଲ୍ ଏରେ ଶୀର୍ଷରେ ରହିବାର ପଥ ସୁନ୍ଦର ହୋଇଛି।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ୨-୦ ଗୋଲରେ ଆଗୁଆ ହୋଇଥିଲା। ମନ୍ଦୀପ ସିଂହ (୪ମିନିଟ୍) ଉତ୍କୃଷ୍ଟ ଖେଳ ଖେଳି ପ୍ରଥମ ଗୋଲ କରିଥିଲେ, ଯାହା ଭାରତକୁ ଆରମ୍ଭରୁ ଆତ୍ମବିଶ୍ୱାସୀ କରିଦେଲା। ତା'ପରେ ହରମନପ୍ରୀତ (୫ମିନିଟ୍, ୪୬ ମିନିଟ୍) ପେନାଲ୍ଟି କର୍ଣ୍ଣରୁ ଡ୍ରାଗ୍ ଫ୍ଲିକ୍ ସହିତ ଗୋଲ କରି ଲିଡ୍ ବଢ଼ାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଜାପାନ ମିଡ୍‌ଫିଲ୍ଡ୍‌ରେ ପ୍ରୟାସ କରିଥିଲା, କିନ୍ତୁ ଭାରତୀୟ ଗୋଲକିପର କ୍ରିଷନ ପାଠକ୍‌ଙ୍କ ରକ୍ଷଣ ଅତୁଟ ରହିଥିଲା।

ତୃତୀୟ କ୍ୱାର୍ଟରରେ ଜାପାନର କୋସେଇ କାୱାବେ (୩୮ମିନିଟ୍) ଏକ ଗୋଲ କରିଥିଲେ, ଯାହା ମ୍ୟାଚ୍‌କୁ ସ୍କୋରକୁ ୨-୧ ସ୍ଥିତିକୁ ନେଇ ଆସିଥିଲା। କିନ୍ତୁ ଶେଷ କ୍ୱାର୍ଟର ଆରମ୍ଭରେ ଭାରତ ପେନାଲ୍ଟି କର୍ଣ୍ଣର ପାଇ ହରମନପ୍ରୀତ (୪୬ ମିନିଟ୍)



ପୁଣିଥର ଗୋଲ କରି ସ୍କୋରକୁ ୩-୨ କରିଥିଲେ ତେବେ ଶେଷ ମିନିଟ ପୂର୍ବରୁ କୋସେଇ କାୱାବେ (୫୯ ମିନିଟ୍)ରେ ଆଉ ଏକ ଗୋଲ କରିଥିଲେ।

ଏହି ବିଜୟ ପୂର୍ବରୁ ଚାଇନାକୁ ୪-୩ ଗୋଲରେ ପରାସ୍ତ କରିଥିବା ଭାରତ ଏବେ ପୁଲ୍‌ଏରେ ୬ ପଏଣ୍ଟ୍ ସହିତ ଟପ୍‌ରେ ଅବସ୍ଥିତ। ଜାପାନ ୩ ପଏଣ୍ଟ୍ ସହିତ ଦ୍ୱିତୀୟ, ଯାହା ପୂର୍ବରୁ କାଜାଖସ୍ତାନକୁ ୭-୦ ଗୋଲରେ ପରାସ୍ତ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟର ବିଜେତା ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ରେ ସିଧାସଳଖ ଯୋଗଦେବ। ଭାରତ, ଯାହା ୨୦୦୩, ୨୦୦୭ ଓ ୨୦୧୭ରେ ଏହି ଟାଇଟଲ୍ ଜିତିଛି, ଏବେ ଚତୁର୍ଥ ଥର ଟ୍ରଫି ଜିତିବାର ଲକ୍ଷ୍ୟରେ ଅଗ୍ରସର ହେଉଛି।

# ଧୋନୀଙ୍କ ଉପରେ ପକ୍ଷପାତ ଅଭିଯୋଗ ଆଣିଲେ ପୂର୍ବତନ କ୍ରିକେଟର

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ମନୋଜ ତିୱାରୀ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହଙ୍କ ଉପରେ ପକ୍ଷପାତ ଅଭିଯୋଗ ଲଗାଇଛନ୍ତି। ଧୋନୀଙ୍କ କ୍ୟାପ୍ଟେନ୍ସିରେ ୨୦୦୮ ଅଷ୍ଟ୍ରେଲିଆ ଗସ୍ତରେ ମନୋଜ ତିୱାରୀ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ତେବେ ଆହତ ସମସ୍ୟା କାରଣରୁ ତାଙ୍କ କ୍ରିକେଟ୍ କ୍ୟାରିୟର ବଢ଼ ହୋଇପାରିନଥିଲା। ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟରରେ ସେ କେବଳ ୧୨ଟି ଦିନିକିଆ ଓ ତିନୋଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଥିଲେ। ମନୋଜ ତିୱାରୀ ଅଭିଯୋଗ କରିଛନ୍ତି ଯେ ତାଙ୍କୁ କେବେବି ଧୋନୀଙ୍କ ସମର୍ଥନ ମିଳିନଥିଲା। ଅନ୍ୟ ଦୁଇ କ୍ରିକେଟରଙ୍କ ପାଇଁ ଧୋନୀଙ୍କ ପକ୍ଷପାତ ଆଭିମୁଖ୍ୟ ତାଙ୍କ କ୍ୟାରିୟର ବିରୋଧରେ ଯାଇଥିଲା। ଅନେକ ଏକଥା ଜାଣିଛନ୍ତି, କିନ୍ତୁ କେହି କହିବେ ନାହିଁ ବୋଲି ସେ



କହିଛନ୍ତି।

ମନୋଜ ତିୱାରୀ ୨୦୧୫ରେ ଜିମ୍ବାୱେରେ ଶେଷ ଥର ଭାରତ ପାଇଁ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେତେବେଳେ ଧୋନୀ ଓ ଅନ୍ୟ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲା। ଅଜିଙ୍କ୍ୟ ରହାଣେ ଯୁବ ଟିମ୍‌ର ନେତୃତ୍ୱ ନେଇଥିଲେ। ମନୋଜ ତିୱାରୀଙ୍କ ସହ ବଡ଼ ବ୍ୟତିକ୍ରମ ହେଉଛି, ୱେଷ୍ଟଇଣ୍ଡିଜ ବିପକ୍ଷରେ ନିଜର ପ୍ରଥମ ଶତକ ପରେ ହିଁ ଦିନିକିଆ ଟିମ୍‌ରେ ସ୍ଥାନ ମିଳିଲା ନାହିଁ। ଏହାସହ ସେ ଶ୍ରୀଲଙ୍କା ଗସ୍ତରେ ଟିମ୍‌କୁ ଫେରି ବୋଲିଂରେ ଭଲ ପ୍ରଦର୍ଶନ କରି ଗୋଟିଏ ମ୍ୟାଚ୍‌ରେ ୪ ୱିକେଟ୍ ନେଇଥିଲେ।

କ୍ରିକ୍‌ଟ୍ରାକ୍‌ର ସହ ଆଲୋଚନାରେ ଶତକ ପରେ ଟିମ୍‌ରେ ସ୍ଥାନ ମିଳିବା ଉପରେ ପ୍ରତିକ୍ରିୟା ଦେବା ବେଳେ ପୂର୍ବତନ କ୍ରିକେଟ୍ ଭାବୁକ ହୋଇଥିଲେ। ସେ କହିଥିଲେ, 'ଏହି ପ୍ରଶ୍ନର ଉତ୍ତର ଦେବା ସ୍ଥିତିରେ ଥିବା ମୁଁ ନାହିଁ। ଏମଏସ୍ ଧୋନୀ, ଡଙ୍କନ ଫ୍ଲେଚର ଓ ଚୟନକର୍ତ୍ତା ଏହାର ଜବାବ ଦେଇପାରିବେ କାରଣ ଏବେ ସୁଦ୍ଧା ମୋତେ ବି ଏହାର ଜବାବ ମିଳିନାହିଁ।' ସେ କହିଥିଲେ, ଯଦି ଭବିଷ୍ୟତରେ ଧୋନୀଙ୍କୁ ଭେଟିବେ, ତେବେ ତାଙ୍କୁ ଏହି ପ୍ରଶ୍ନ କରିବେ।

ଟିମ୍ ଇଣ୍ଡିଆର ଅନେକ ଖେଳାଳି ଓ ଚେନ୍ନାଇ ସୁପର କିଙ୍ଗ୍ସର ଅନ୍ୟ ଖେଳାଳି ଧୋନୀଙ୍କୁ ଆଗକୁ ବଢାଇବାର ଶ୍ରେୟ ଦେଇଛନ୍ତି। ଯାହାର ଜବାବରେ ମନୋଜ ତିୱାରୀ କହିଥିଲେ, 'ନାଁ, ମୁଁ ଏପରି ଭାବୁ ନାହିଁ। ବ୍ୟକ୍ତି ଓ ଧାରଣା ଏପରି ଜିନିଷ ଯାହା ଲୋକଙ୍କ ସହିତ ଯାଏ। କିନ୍ତୁ ମୁଁ ସେମାନଙ୍କ ମଧ୍ୟରୁ ଜଣେ, ତାଙ୍କ କାର୍ଯ୍ୟ କାଳରେ ଅନ୍ୟ କିଛି ଖେଳାଳି ବି ଅଛନ୍ତି। ତେଣୁ ଅନେକ ଖେଳାଳି ଅଛନ୍ତି ଯେଉଁମାନଙ୍କ ପାଖରେ ଭିନ୍ନ କାହାଣୀ ରଖିଛି। ମୁଁ କେବଳ ମୋ ସହିତ କ'ଣ ଘଟିଥିଲା ସେ ବିଷୟରେ ମୋର ଅଭିଜ୍ଞତା ସେୟାର କରିପାରିବି। ଯଦି ସେ ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତେ, ତେବେ ସେ ନିଶ୍ଚିତ ଭାବରେ ମୋତେ ମଧ୍ୟ ପ୍ରୋତ୍ସାହିତ କରିଥାନ୍ତେ। ମୁଁ ସେହି ମ୍ୟାଚ୍ ଏବଂ ସେହି ସମୟରେ ଭଲ ପ୍ରଦର୍ଶନ କରିଥିଲି।'

ତିୱାରୀ କହିଛନ୍ତି, 'ମୁଁ ପ୍ଲେଇଂ ଇଲେଭେନରେ ପ୍ରତ୍ୟାବର୍ତ୍ତନ କରିଥିଲି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମୁଁ ୪ ୱିକେଟ୍ ନେଇଥିଲି ଏବଂ ୨୧ ରନ୍ କରିଥିଲି। ପରବର୍ତ୍ତୀ ମ୍ୟାଚରେ ମଧ୍ୟ ୬୫ ରନ୍ କରିଥିଲି। ତା'ପରେ କ'ଣ ହେଲା ମୁଁ ଜାଣି ନାହିଁ। ମୁଁ ସବୁବେଳେ ଭାବୁଛି ଯେ ପ୍ଲେଇଂ ଇଲେଭେନ୍ କିମ୍ବା ଦଳରେ ସ୍ଥାନ ପାଇବା ପାଇଁ ପ୍ରଦର୍ଶନ ହେଉଛି ସବୁଠାରୁ ବଡ଼ ମାନଦଣ୍ଡ। କିନ୍ତୁ ମୋ କ୍ଷେତ୍ରରେ ଏହା ହୋଇନଥିଲା। ମୁଁ ଅନ୍ୟମାନଙ୍କ ବିଷୟରେ କହି ପାରିବି ନାହିଁ।'

## ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣକୁ ନିନ୍ଦା

**ନବରଙ୍ଗପୁର : ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଠାରେ ସାମ୍ବାଦିକ ମରଣାନ୍ତକ ଆକ୍ରମଣ ଘଟଣାକୁ ନିନ୍ଦା କରି ଜର୍ଣ୍ଣାଲିଷ୍ଟ ଆସୋସିଏସନ ରାଇଘର ପକ୍ଷରୁ ରବିବାର ରାଇଘର ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା।

ଜିଲ୍ଲାର ପାପଡାହାଣ୍ଡି ଠାରେ ସାମ୍ବାଦିକ ସୁମିତ କୁମାର ଘଣ୍ଟଙ୍କୁ ଏକ ବ୍ୟକ୍ତି ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଉକ୍ତ ଘଟଣାରେ ସାମ୍ବାଦିକ ଜଣକ ଗୁରୁତର ଆହତ ହୋଇ ବିଶାଖାପାଟଣାରେ ଚିକିତ୍ସା ପାଇଁ ସ୍ଥାନାନ୍ତରିତ ହୋଇଛନ୍ତି। ଗତ କିଛି ଦିନ ଧରି ସାମ୍ବାଦିକମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ପ୍ରତି ସରକାର ସଚେତନ ହୋଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଆଜି ରାଇଘର ଜର୍ଣ୍ଣାଲିଷ୍ଟ ଆସୋସିଏସନ ରାଇଘର ପକ୍ଷରୁ ରାଇଘର ଥାନା ରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା।

## ବାରିପଦା ପୌରପାଳିକା ପକ୍ଷରୁ ଭଲିବଲ୍ ଟୁର୍ଣ୍ଣାମେଣ୍ଟ
# ମା' ତାରିଣୀ ଭଲିବଲ୍ ଟିମ୍ ଚାମ୍ପିଆନ



**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ପାଳନ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଯାଇଛି। ଶନିବାର ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆ ଠାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉଦଘାଟନ କରିଥିଲେ। ସମୁଦାୟ ୪ଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ମା ତାରିଣୀ ଭଲିବଲ୍ ଟିମ, ମା କିଚକେଶ୍ୱରୀ ଭଲିବଲ ଏକାଡେମୀ, ତକତପୁର ଭଲିବଲ୍ ଟିମ ଓ ପୋଲିସ ଭଲିବଲ୍ ଟିମ। ସମସ୍ତ ଟିମ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ବେଳେ ମା ତାରିଣୀ ଭଲିବଲ୍ ଟିମ ଓ ପୋଲିସ ଭଲିବଲ୍ ଟିମ ମଧ୍ୟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମା ତାରିଣୀ ଭଲିବଲ୍ ଟିମ ଚାମ୍ପିଆନ ହୋଇଥିଲା। ମନୋରଞ୍ଜନ ଜୀଉ, ପାର୍ଥସାରଥୀ ସ୍ୱାଇଁ, ତିମିରିକାନ୍ତ ଦାସ, ଅମର ସେଠୀ, ଦୀପକ ବେହେରା, ରାଜେନ୍ଦ୍ର ନାୟକ, ରାଜେଶ ଦାସ, ଅନୀଲ ଗିରି, ହରିହର ମଲ୍ଲିକ, ଆଶିଷ ସେଠୀ, ପ୍ରଦୋଷ କୁମାର ଟିପିରିଆ, ଚନ୍ଦ୍ର ମୋହନ ଦଳେଇ, ବାରିପଦା ପୌରପାଳିକା ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଯାଦବେନ୍ଦ୍ର ମହାପାତ୍ର, ବୁଦ୍ଧିରାମ ସିଂ, ଭଗବାନ ମାଝୀ, ବିଜୟ ଗୌରବ ଦାସ, ସପନ ବେହେରା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଗୁରୁବାର ବାରିପଦା ପୌରପାଳିକା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭଞ୍ଜପୁର ଠାରେ ନଗରପାଳ ଶ୍ରୀ ମହାନ୍ତିଙ୍କ ସମେତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ରହି ପଥଚାରୀମାନଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ। ଫ୍ଲା କାର୍ଡ ଓ ଲିଫ ଲେଟ ମାଧ୍ୟମରେ ସଚେତନ କରିବା ସହ ଗାଡି ଚଳାଇବା ବେଳେ ସଦା ହେଲମେଟ ପରିଧାନ କରିବାକୁ ଅନୁରୋଧ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଉପ ନଗରପାଳ ସୀମା ଦାସ ଏବଂ ସମସ୍ତ ୱାର୍ଡ କାଉନସିଲର ମାନେ ଉପସ୍ଥିତ ଥିଲେ।

# 'କ୍ରିଡା ସାମାଜିକ ଦାୟିତ୍ୱବୋଧ ଓ ଶାରୀରିକ ସକ୍ରିୟତାକୁ ପ୍ରଜ୍ଞାପିତ କରେ'

**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ-୨୦୨୫ ଅବସରରେ କ୍ରୀଡାପ୍ରବୃତ୍ତି, ଶିଷ୍ଟାଚାର ଏବଂ ଅଲିମ୍ପିକର ଆତ୍ମାର ମୂଲ୍ୟବୋଧକୁ ପ୍ରତିବିମ୍ବିତ କରିବା ପାଇଁ ତିନି ଦିନର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଅଛି। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲଙ୍କ ଉପସ୍ଥିତି ସହ କାର୍ଯ୍ୟକ୍ରମର ସଂଯୋଜକ ଅରୁଣ କୁମାର ନାୟକଙ୍କ ଓ ପିଇଓ ସଂଗ୍ରାମ କେଶରୀ ବିଶୋଇଙ୍କ



ସକ୍ରିୟ ସହଯୋଗ ରହିଥିଲା। ଏକ ସାମୂହିକ ଶପଥପାଠ ସଭାରେ ଉଦଘାଟନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯେଉଁଠାରେ ଅଂଶଗ୍ରାହୀମାନେ କ୍ରୀଡାରେ ସଦାଚାର, ନ୍ୟାୟ, ଏବଂ ଉତ୍ତମତା ପ୍ରତି ସଙ୍କଳ୍ପ ପୁନଃନିର୍ଦ୍ଧାରଣ କରିଥିଲେ। ଏହା ପରେ ଶିକ୍ଷାର୍ଥୀ ଓ କର୍ମଚାରୀମାନଙ୍କର ସର୍ବାଙ୍ଗୀଣ ବିକାଶ, ଶାରୀରିକ ସୁସ୍ଥତା, ଏବଂ ସହଯୋଗୀ ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ 'ଏକ ଘଣ୍ଟା ଖେଲ୍ କେ ମଇଦାନ୍ ମେ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ "ଅଲିମ୍ପିକର ଆତ୍ମା" ବିଷୟରେ ବିଶେଷ ସମ୍ବୋଧନ କରିଥିଲେ। ଯେଉଁଥିରେ ଅଲିମ୍ପିକ ପ୍ରତିଯୋଗିତାର ପ୍ରକୃତ ମୂଲ୍ୟ ଏବଂ ପରିଶ୍ରମ, ସମାବେଶିତା, ଏବଂ ଗ୍ଲୋବାଲ୍ ସମନ୍ୱୟ ଗଢ଼ିବାରେ ଏହାର ଗୁରୁତ୍ୱକୁ ବ୍ୟାଖ୍ୟା କରିଥିଲେ। ଏଥିସହ ନିଜର ଦୃଷ୍ଟିକୋଣରେ ଅଂଶଗ୍ରାହୀମାନଙ୍କୁ ଅଲିମ୍ପିକ୍ସ ଓ ପ୍ୟାରାଲିମ୍ପିକ୍ସ ର ମୂଲ୍ୟବୋଧକୁ ତାଙ୍କର ଶିକ୍ଷାନୁଷ୍ଠାନ ଏବଂ ବ୍ୟକ୍ତିଗତ ଜୀବନରେ ଅନୁସରଣ କରିବାକୁ ପ୍ରେରିତ କରିଥିଲେ। ଏହି ପ୍ରୟାସ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କେବଳ କ୍ରୀଡାରେ ଉତ୍କୃଷ୍ଟତାକୁ ପ୍ରୋତ୍ସାହିତ କରୁନାହିଁ। ସେଥିପାଇଁ ଧୈର୍ଯ୍ୟ, ସହଯୋଗ ଏବଂ ସହନଶୀଳତା ମୂଲ୍ୟକୁ ଉଚ୍ଚ ଶିକ୍ଷାର ସହିତ ସଂଯୋଜିତ କରିପାରିଛି। ପ୍ରତିଯୋଗୀତାମୂଳକ ମନୋଭାବକୁ ନୀତିମୂଳକ ଭିତ୍ତି ସହିତ ମିଶାଇ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଦାୟିତ୍ୱବୋଧ, ଶାରୀରିକ ସକ୍ରିୟତା, ଏବଂ ଗଠନମୂଳକ ନାଗରିକତାକୁ ପ୍ରଜ୍ଞାପିତ କରିବାର ଲକ୍ଷ୍ୟ ରଖାଯାଇଛି।

# ମିନି ଷ୍ଟାଡିୟମରେ କୁଢକୁଢ ଅଳିଆ ଆବର୍ଜନା : ଖେଳାଳିଙ୍କ କାମରେ ଲାଗୁନି ପଡ଼ିଆ

**ଲକ୍ଷ୍ମୀପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ସଦର ମହକୁମାରରେ ରହିଛି ଏକ ମିନି ଷ୍ଟାଡିୟମ। ଏଠାରେ ବିଭିନ୍ନ ରାଜନୈତିକ ଦଳର ବୈଠକ ସହିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେଉଛି। ତେବେ କିଛି ଦିନ ହେଲା ଏଠାରେ ଅନେକ ଗୁଡିଏ ଅଳିଆ ଆବର୍ଜନା ଗଦା ହେଉଥିବା ଦେଖିବାକୁ ମିଳୁଛି। ତେବେ ଅଳିଆ ଆବର୍ଜନା ପକାଇବା ପାଇଁ ଏହାଠାରୁ କିଛି ଦୂରରେ ଏକ ଡଂପି ଆଡ୍ ରହିଥିବାବେଳେ କିଏ କାହିଁକି ଏଠାରେ ଏଗୁଡ଼ିକୁ ପକାଇ ଷ୍ଟାଡିୟମକୁ ଅପରିଷ୍କାର କରୁଛି ତାହା ଜଣାପଡ଼ି ନାହିଁ। ଅଳିଆ ଗୁଡ଼ିକ



ପଡ଼ିବା ଦ୍ୱାରା ଏହାର ଚତୁଃପାର୍ଶ୍ୱ ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଅନ୍ୟ ପକ୍ଷରେ ଏଠାରେ ଥିବା କେତେକ କୋଠରିଗୁଡିକ ଖୋଲା ମେଲା ପଡ଼ିବା କାରଣରୁ ସେଠାରେ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ବହୁ ଲକ୍ଷ ଟଙ୍କା ବ୍ୟୟରେ ଯେଉଁ ଷ୍ଟାଡିୟମଟି ନିର୍ମାଣ ହୋଇଛି ତାହା କୌଣସି କାର୍ଯ୍ୟରେ ଲାଗୁନାହିଁ। ବିଶେଷକରି ଖେଳ ପାଇଁ ନିର୍ମାଣ କରାଯାଇଥିଲେ ମଧ୍ୟ ଏଠାରେ କୌଣସି ଟୁର୍ଣ୍ଣାମେଣ୍ଟ ଆଦି ଅନୁଷ୍ଠିତ ହେଉନାହିଁ। ସେହିପରି ପଡ଼ିଆଟି ଖାଲ ଖମାରେ ପରିପୂର୍ଣ୍ଣ ସହିତ ବର୍ଷା ହେଲେ କାଦୁଅ ପଚପଚ ହୋଇ ପଡୁଛି। ଯେଉଁଥିପାଇଁ ପଡିଆଟି ଖେଳ ଉପଯୋଗୀ ହୋଇ ପାରୁନାହିଁ। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହା କିପରି ଉପଯୋଗୀ ହୋଇ ପାରିବ ଓ ଅଳିଆ ଆବର୍ଜନାକୁ ହଟାଇବା ବ୍ୟବସ୍ଥା କରିବା ସହିତ ଖୋଲା ମେଲା ପଡ଼ିଥିବା କୋଠରି ଗୁଡିକରେ ତାଲା ପକାଇ ଉପଯୁକ୍ତ ରକ୍ଷଣାବେକ୍ଷଣ ବ୍ୟବସ୍ଥା ହୋଇ ପାରିବ ସେଥିପାଇଁ ସାଧାରଣରେ ଦାବି ହେଉଛି।

# ହକିତାରକା ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ କ୍ରୀଡା ଜୀବନ ଉପରେ ଆଲୋକପାତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

୨୦୨୫ ରିଖ ସ୍ଥାନୀୟ ବାରିପଦା ଷ୍ଟାଡିୟମ ପରିସରରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି ଓ ସର୍ବପ୍ରଥମେ ଉପସ୍ଥିତ ଅତିଥି, ଏସୋସିଏସନର କର୍ମକର୍ତ୍ତା ଭାରତୀୟ ହକି ଜଗତର ତାରକା ଧ୍ୟାନଚାନ୍ଦଙ୍କ ୧୨୦ ତମ ଜନ୍ମ ଜୟନ୍ତୀରେ ତାଙ୍କ ଫୋଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ଓ ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଭାରତୀୟ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡାଜୀବନ ଉପରେ ଆଲୋକପାତ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ଏମ ପି ସି ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ସତ୍ୟନାରାୟଣ ବାରିକ, ଏସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା), ହର୍ଷବର୍ଦ୍ଧନ ଯାଦବ, ନନ୍ଦଲାଲ ମହାପାତ୍ର, କ୍ରୀଡା ଶିକ୍ଷକ ଦିବ୍ୟ ରଞ୍ଜନ ଦାସ, ପ୍ରମୁଖ ଉପସ୍ଥିତ ରହି ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ ଓ ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ କୁମାର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ଶ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରୂପଶ୍ରୀ କଳା ପରିଷଦ ସିଂହାରୀ ନୂଆଁଖାଇ ଭେଟଘାଟ୍ -୨୦୨୫

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ସିଂହାରୀ ଗ୍ରାମର ଅଗ୍ରଣୀ ଅନୁଷ୍ଠାନ ରୂପଶ୍ରୀ କଳା ପରିଷଦ, ସିଂହାରୀର ନୂଆଁଖାଇ ଭେଟଘାଟ-୨୦୨୫ ତୃତୀୟ ବର୍ଷରେ ପଦାର୍ପଣ କରିଛି। ଆଖପାଖ ଅଞ୍ଚଳ ରେ ନୂଆଁଖାଇ ର ଆମର ବେଶ ଧୂମଧମ୍ ରେ ଜମିଥିବା ବେଳେ ରୂପଶ୍ରୀ କଳା ପରିଷଦ ସିଂହାରୀ, ନୂଆଁଖାଇ ଭେଟଘାଟ-୨୦୨୫ ସିଂହାରୀ କଲ୍ୟାଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଓ ମଞ୍ଚାସୀନ ଅତିଥି ଭାବେ ସିଂହାରୀ ଗ୍ରା: ପ:ର ସମିତି ସଭ୍ୟା ରଶ୍ମିତା କୁଅଁର, ସିଂହାରୀ ଉ:ପ୍ରା:ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଚୌହାନ, ସିଂହାରୀ ପେକ୍ସ ସେକ୍ରେଟାରୀ ଅଜାମ୍ବିଲ ଚୌହାନ, ନିମନ୍ତ୍ରିତ ଅତିଥି କୋଶଲୀ କବି ଭାବେ ଗରିବ ମଲ୍ଲିକ,ଅନୁଷ୍ଠାନର ସଭାପତି ଦୂର୍ବଦଳ ସାହୁ ସଂପାଦକ କମଳ ଭୁଏ, ନିଜ ନିଜର ବକ୍ତବ୍ୟରେ ନୂଆଁଖାଇ ପରବ ମହତ୍ତ୍ୱ ଓ ମହାନତା ଉପରେ ଆଲୋଚନା କରିଥିବା ବେଳେ, ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ କୁ.ଯୁକ୍ତା ମୟୀ ଭୁଏ, କୁ ପରିମିତା ଚୁହାନ,କୁ ଅପର୍ଣ୍ଣା ପ୍ରିୟଦର୍ଶିନୀ ମିଶ୍ର, କଳ୍ପେଶ କୁମାର ଭୁଏ, ପ୍ରଭୃତି ପରିବେଶକୁ ରସାଳ କରିଦେଇଥିଲେ। ସଭାକାର୍ଯ୍ୟ ପରେ ପରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବାକୁ ଯାଇ....ମରଣୋତ୍ତର ସମ୍ମାନରେ ସ୍ୱର୍ଗତ ବୃଷଭ କୁଅଁର ବଳୀଷ୍ଠ ସଂଗଠକ ଭାବେ ସ୍ୱର୍ଗତ ଗୋପବନ୍ଧୁ ରଣା, ରେଙ୍ଗସା ବିଶିଷ୍ଟ ନାଟ୍ୟ କଳାକାର ଓ ଗୁରୁ ଭାବେ ରୂପଶ୍ରୀ ଅନୁଷ୍ଠାନ ତରଫରୁ ସମ୍ମାନିତ କରିଥିବା ବେଳେ, ବର୍ଷୀୟାନ ଗୀତିନାଟ୍ୟ କଳାକାର କୁବେର ସାହୁ, ସିଂହାରୀ ଓ କୁନି ଶିଶୁ ସୁରଭୀ ସମ୍ମାନରେ କୁମାରୀ ଦିବ୍ୟାଂଶି ଚୁହାନଙ୍କୁ ସମ୍ମାନିତ କରାଯାଇଥିଲା।ପରେ ପରେ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ବର୍ଷାରାଣି ବୁଡେକ,ଦିବ୍ୟାଂଶି ଚୁହାନ, ଓମିନି ଛତ୍ରିଆ,ରୁଚିକା କୁଶଲ ,ପ୍ରଭୃତି ଅଂଶଗ୍ରହଣ କରି ନିଜର ସମ୍ବଲପୁରୀ ନୃତ୍ୟର ପ୍ରଦର୍ଶନ କରି ପରିବେଶ କୁ ସରଗରମ କରିଦେଇଥିବା ସଙ୍ଗେ ସଙ୍ଗେ ରୁପଶ୍ରୀର କଳା କାର ମାନେ ଲୋକ ଗୀତ ପରିବେଷଣ କରି ମନୋରଞ୍ଜନ ଖୋରାକ ପରଶି ଦେଇଥିଲେ। କଲ୍ୟାଣ ମଣ୍ଡପରେ ଭରପୁର ଦର୍ଶକ ମନଭରି ଉପଭୋଗ କରି ଢେର ମଜା ଉଠାଇଥିଲେ।ଏହି କାର୍ଯ୍ୟକ୍ରମରେ, ରତନ ମିଶ୍ର, ଶ୍ରିକାନ୍ତ ଦୀପ, ପରମାନନ୍ଦ ସାହୁ, ରଜୀନ ନାଗ, ଶଙ୍କିତ ସାହୁ, ରଞ୍ଜନ ମିଶ୍ର, ସେବକ କୁଅଁର, ବିଶେଷ ସହଯୋଗ କରିଥିବା ବେଳେ ରୁପଶ୍ରି ଅନୁଷ୍ଠାନ ଉପସଭା ପତି ବିମଳ କୁମାର ଭୁଏ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିବା ବେଳେ ରାଜୀବ ଭୁଏ ମଞ୍ଚ ପରିଚାଳନା କରିଥିଲେ। ଆର ବର୍ଷକୁ ପୁଣିଥରେ ଭେଟଘାଟ ବାର୍ତ୍ତା ରେ ଯବନିକା ପତନ କରାଗଲା।

# ସ୍ୱଳ୍ପ ଦୃଷ୍ଟିହୀନ ଆକାଶ ପଡ଼ିଆମୀ ଜାତୀୟସ୍ତରରେ ଫୁଟବଲ ଖେଳିବା ପାଇଁ ମନୋନୀତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଦ୍ୱାରା ଯେକୌଣସି କାର୍ଯ୍ୟକୁ ହାସଲ କରିହୁଏ ଓ ଏହା ପ୍ରତିପାଦନ କରି ଦେଖାଇଛନ୍ତି ମାଲକାନଗିରି ଜିଲ୍ଲାର କୋୟା ସମ୍ପ୍ରଦାୟର ସ୍ୱଳ୍ପ ଦୃଷ୍ଟି ହୀନ ଯୁବକ ଆକାଶ ପଡ଼ିଆମୀ। ଜାତୀୟସ୍ତରରେ ଫୁଟବଲ ଖେଳିବା ପାଇଁ ମନୋନୀତ ହୋଇ ସେ ଜିଲ୍ଲାପାଇଁ ଗୌରବ ଆଣି ଦେଇଛନ୍ତି। ଜିଲ୍ଲା ସଦର ବ୍ଲକର ଗୋରାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ କୁଶୁବାଡ଼ା ଗ୍ରାମର ଦୁଲା ପଡ଼ିଆମିଙ୍କ ପୁତ୍ର ଆକାଶ ପଡିଆମି ଜଣେ ଆଦିବାସୀ କୋୟା ସମ୍ପ୍ରଦାୟର ଯୁବକ। ସେ କୃସୁବାଡ଼ା ଓ ମାରି ୱାଡାରେ ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରି ପ୍ରବେଶିକା ପରୀକ୍ଷା ଦେଇ ରାୟଗଡ଼ାର ହାଟମୁନିଗୁଡ଼ାର ରାମକୃଷ୍ଣ ମିଶନ ଆଶ୍ରମ ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରି ଉଚ୍ଚ ଶିକ୍ଷା ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପଢ଼ିଥିଲେ। ପିଲାଟି ଦିନରୁ ଫୁଟବଲ ପ୍ରତି ଆଗ୍ରହ ଥିବାରୁ ସେ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ସେଠାରେ ଏ ସ୍ୱତନ୍ତ୍ର ଫୁଟବଲ ଓ କ୍ରିକେଟ ମ୍ୟାଚ୍‌ର ପ୍ରତ୍ୟେକ କ୍ରୀଡ଼ାରେ ଅଂଶଗ୍ରହଣ କରି ସଫଳ ହୋଇଥିଲେ। ସେଠାରେ ଦୃଷ୍ଟିହୀନ ଫୁଟବଲ ଆସୋସିଏସନର କ୍ରୀଡ଼ାବିତ୍ ଆଶିଷ କୁମାର ସାହୁ ଓ ଓଡ଼ିଶା ଦୃଷ୍ଟିହୀନ ଫୁଟବଲ ଆସୋସିଏସନର ଅଧ୍ୟକ୍ଷ ତ୍ରିଲୋଚନ ବେହେରାଙ୍କ ଠାରୁ ନିମନ୍ତ୍ରଣ ପାଇ ଓଡ଼ିଶା ଦୃଷ୍ଟିହୀନ ଫୁଟବଲ ଆସୋସିଏସନରେ ସ୍ଥାନ ପାଇଥିଲେ। ପ୍ରଥମେ ସେ ଝାଡ଼ଖଣ୍ଡର ଟାଟାନଗର ଜାମସେଦପୁରଠାରେ ଗତ ୨୦୨୩ ମସିହାରେ ରାଜ୍ୟ ସ୍ତରୀୟ ଇଣ୍ଡିଆନ ବ୍ଲାଇଣ୍ଡ ଫୁଟବଲ ଫେଡରେସନରେ ଓଡ଼ିଶା ଦଳ ପକ୍ଷରୁ ପ୍ରଥମ ଥର ପାଇଁ ଖେଳିବାକୁ ସୁଯୋଗ ପାଇଥିଲେ ଓ ସେଠାରେ ସେ ଜାତୀୟ ସ୍ତରୀୟ ଓ ଇଡିସନ ଜୋନାଲ ଟୁର୍ଣ୍ଣାମେଣ୍ଟରେ କ୍ରୀଡ଼ା ପ୍ରଦର୍ଶନ ପାଇଁ ସୁଯୋଗ ପାଇ ଶ୍ରେଷ୍ଠ ଗୋଲକିପର ଭାବେ ମନୋନୀତ ହୋଇଥିଲେ। ଏହାର ମାସ ପରେ ୭ମ ଇଡିସନ ନ୍ୟାସନାଲ କପ୍‌ରେ ଭାଗ ନେଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ମହାରାଷ୍ଟ୍ର, ପୁଣେ, ମଧ୍ୟପ୍ରଦେଶ ସହ ଗ୍ୱାଲିୟରରେ ଖେଳିଥିବା ବେଳେ ନିକଟ ଅତୀତରେ ଆସାମରେ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ପରେ ସେ ଓ ଆଶିଷ କୁମାର ସାହୁ ଗୁଜୁରାଟର ଅହମଦାବାଦରେ ନ୍ୟାସନାଲ ବ୍ଲାଇଣ୍ଡ ଫୁଟବଲ ଲିଗ୍ ସିଜନ-୨୦୨୫ରେ କେରଳ ରାଜ୍ୟର ଥ୍ରୋ ଟୁ ୱାନ ହିରୋଜ ଦଳ ପାଇଁ ଅକ୍ସନ ହୋଇଛନ୍ତି। ଏହାପରେ ଆକାଶ ଓ ଆଶିଷ ଚଳିତ ବର୍ଷ ଅଗଷ୍ଟ ୧୧ରୁ ୧୩ ପର୍ଯ୍ୟନ୍ତ "କେରଳରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପ ପାଇଁ ଇଣ୍ଡିଆନ ବ୍ଲାଇଣ୍ଡ ଫୁଟବଲ ଫେଡରେସନ ଦ୍ୱାରା ଆମନ୍ତ୍ରଣ ପାଇଥିବା ବେଳେ ଆକାଶ ଭାରତୀୟ ନ୍ୟାସନାଲ ମେନ୍ସ ବ୍ଲାଇଣ୍ଡ ଫୁଟବଲ ଦଳ ପାଇଁ ଚୟନ ହୋଇ ଅନ୍ତର୍ଜାତୀୟ ସ୍ତରରେ ଦେଶ ପାଇଁ ପ୍ରତିନିଧି କରିବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ସପ୍ତାହରେ ଦେଶ ପାଇଁ ଥାଇଲ୍ୟାଣ୍ଡ ସହ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ଥିବା ବେଳେ ଭବିଷ୍ୟତରେ ଆଇବିଏସଏ ନେସନ୍ସ କପ୍ ଏବଂ ଆଇବିଏସଏ ଏସିଆ-ଓସେନିଆ ଡିଭିଜନ ୨ ବ୍ଲାଇଣ୍ଡ ଫୁଟବଲ ଖେଳିବାର କାର୍ଯ୍ୟକ୍ରମ ରହିଛି। ତାଙ୍କର ଏହି ସଫଳତା ତାଙ୍କ ପରିବାର ବର୍ଗ ସହ ମାଲକାନଗିରି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି। ମୁଁ ମାଲକାନଗିରି ଜିଲ୍ଲାର ଗୋଟିଏ ଛୋଟ ଗ୍ରାମରୁ ଆସି ଦୃଷ୍ଟିହୀନ ଫୁଟବଲରେ ଓଡ଼ିଶାର ବୁଲ ଆଇସ, ଓଡ଼ିଶା ଦୃଷ୍ଟିହୀନ ଫୁଟବଲ ଏସୋସିଏସନ ଓ ଜାତୀୟ ଦଳରେ ସ୍ଥାନ ପାଇ ଦେଶକୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥିବାରୁ ବହୁତ ଖୁସି ଅନୁଭବ କରୁଛି ବୋଲି ଆକାଶ କହିଛନ୍ତି। ରାମକୃଷ୍ଣ ମିଶନ ଆଶ୍ରମ ବିଦ୍ୟାଳୟରେ ପଢିବା ବେଳେ ଏକ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ପ୍ରଶଂସା ପାଇବା ପରେ ଫୁଟବଲ ପ୍ରତି ଅଧିକ ଆକର୍ଷଣ ବୃଦ୍ଧି ପାଇଥିଲା। ସେଠାରେ ମୁଁ ବହୁତ କିଛି ଶିକ୍ଷା ଲାଭ କରିଛି ଓ ତେଣୁ ସେଠାକାର ଅଧ୍ୟକ୍ଷ ଓ ଗୁରୁଜନମାନଙ୍କ ନିକଟରେ ମୁଁ କୃତଜ୍ଞ। ଏଥିପାଇଁ ସେ ବାପା ମା', ଗୁରୁଜନ, ଓଡ଼ିଶା ଦୃଷ୍ଟିହୀନ ଫୁଟବଲ ଏସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି। ଭାରତୀୟ ଦଳ ପାଇଁ ଖେଳି ଦେଶ, ରାଜ୍ୟ ତଥା ଜିଲ୍ଲାର ଟେକ ରଖିବେ ବୋଲି ଆଶା ପ୍ରକାଶ କରିଛନ୍ତି ଆକାଶ।

# ଜାତୀୟ କ୍ରୀଡ଼ା ଦିବସ ଅବସରରେ ସମୂହ ପଦଯାତ୍ରା

**କଟକ, ନ୍ୟୁଜ୍‌ବ୍ୟୁରୋ**

ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୂହ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରୁ ଏହି ପଦଯାତ୍ରା ବାହାରି ବାରବାଟୀ ଦୁର୍ଗ, ଦୟାଶ୍ରମ, କନିକା ଛକ ଦେଇ ଇଣ୍ଡୋର ଷ୍ଟାଡିଅମଠାରେ ପହଞ୍ଚିଥିଲା। ପଦଯାତ୍ରାରେ ବହୁ କ୍ରୀଡ଼ାବିତ, କ୍ରୀଡା ଛାତ୍ରବାସର ଛାତ୍ର ଛାତ୍ରୀ, ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ଓଡିଶା ଅଲିମ୍ପିକ୍ସ ଆସୋସିଏସନର ସାଧାରଣ ସମ୍ପାଦକ ଅଭିଜିତ ପାଲ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରଂଜନ ସାମନ୍ତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର, କ୍ରୀଡା ଛାତ୍ରାବାସ ସୁପେରିଣ୍ଟେଣ୍ଡେଣ୍ଟ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଜି ଅପରାହ୍ନରେ ସତ୍ୟବ୍ରତ ଷ୍ଟାଡିୟମଠାରେ କ୍ରୀଡା ଛାତ୍ରାବାସ ଓ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ କ୍ରୀଡ଼ାବିତଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା। ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଏବଂ ୩୧.୦୮.୨୦୨୫ ରବିବାର ସକାଳେ ଇଣ୍ଡୋର ଷ୍ଟାଡିୟମଠାରୁ ଏକ ସାଇକେଲ ରାଲିର ଆୟୋଜନ କରାଯିବ।





# ବ୍ୟାସନଗର ପୌରପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଓ ପ୍ରତିଭା ପୂଜା ପାଳିତ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦ ସନ୍ତରା ଛକରେ ଥିବା ଆଜି ସଂସ୍କୃତି ଭବନ ଠାରେ ଆଜି ବ୍ୟାସନଗର ପୌରପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଓ ପ୍ରତିଭା ପୂଜା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାସନଗର ପୌର ଅଧକ୍ଷ ସୁବାସ ଚନ୍ଦ୍ର ବଳ ଓ କୋରାଇ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ତେବେ କାର୍ଯ୍ୟକ୍ରମରେ ଛତ୍ରଛାତ୍ରୀମାନଙ୍କୁ ପାଠପଢ଼ା, ଖେଳକୁଦ ଓ ଅନ୍ତର୍ନିହିତ ପ୍ରତିଭାକୁ କିପରି ଆଗକୁ ନିଆ ଯାଇପାରିବ ସେଥିପ୍ରତି ପୌରପରିଷଦ ତରଫରୁ ପୂର୍ଣ୍ଣ ଚେଷ୍ଟା କରାଯିବ ବୋଲି ଅଧକ୍ଷ ଶ୍ରୀ ବଳ ବକ୍ତବ୍ୟରେ କହିଥିଲେ। ଏହିକାର୍ଯ୍ୟକ୍ରମରେ ମୂଖ୍ୟ ବକ୍ତା ଭାବେ ପୂର୍ବତନ ବ୍ୟାସନଗର ମହାବିଦ୍ୟାଳୟର ଅଧକ୍ଷ ଶିବଚରଣ ମାଝୀ, କାଉଁନସିଲର ଶିବାନନ୍ଦ ନାୟକ, ପାର୍ଥସାରଥୀ ନାୟକ ଓ ଦିଲ୍ଲିପ ସେଠି ପ୍ରମୁଖ ଅତିଥି ମାନେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ଏହି ଲାର୍ଯ୍ୟକ୍ରମ ଉନ୍ନତ ହେବ ବୋଲି ବକ୍ତବ୍ୟରେ ଅଭିଭାଷଣ କରିଥିଲେ । ତେବେ କୋରାଇ ବ୍ଲକ ମଣ୍ଡଳ ଶିକ୍ଷା ତରଫରୁ ପ୍ରତ୍ୟୋକ ବିଦ୍ୟାଳୟରେ କୃତିତ୍ୱ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଓ ଇତ୍ସାହିତ କରିବାକୁ ବିଭିନ୍ନ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀଙ୍କୁ ନେଇ ଗୀତ, ନାଚ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ତେବେ କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ସୋନପୁର ପୌର ପରିଷଦ ଦ୍ୱାରା ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ସ୍ଥାନୀୟ ସୋନପୁର ଟାଉନ ହଲ ଠାରେ ଅନୁଷ୍ଠିତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୋନପୁର ପୌର ପରିଷଦ ମଧ୍ୟରେ ସ୍ଥାପିତ ସମସ୍ତ ବରପୁତ୍ର ଓ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତୀରେ ଅଧକ୍ଷା ଓ ପୌର ପରିଷଦର ସଭ୍ୟ/ ସଭ୍ୟାଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ତାପରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପୌର ପରିଷଦର ଅଧକ୍ଷା ଶ୍ରୀମତି ତାମସି ତମସ୍ମିତା ନାୟକଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା ଏହି ଅବସରରେ ସୋନପୁର ପୌର ପରିଷଦର ସମସ୍ତ ସଭ୍ୟ / ସଭ୍ୟା,ସମସ୍ତ କର୍ମଚାରୀ, ସୋନପୁର ସହରର ଜନ ସାଧାରଣଙ୍କ ସମେତ ପୂର୍ବତନ ଅଧକ୍ଷ ଶ୍ରୀ କଇଁରୁ ସ୍ୱାଇଁ, ବୁଦ୍ଧିଜୀବୀ ଓ ସମାଜ ସେବୀ ଶ୍ରୀବତ୍ସ ମଲ୍ଲିକ, ଗୋବିନ୍ଦ ମହାରଣାଙ୍କ ସମେତ ସୋନପୁର ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହାପରେ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ସୋନପୁର ପୌର ପରିଷଦ ଦ୍ୱାରା ସୋନପୁର ଟାଉନ ହଲ ଠାରେ ଆନୁଷ୍ଠାନିକ ଭାବେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଓ ଆଭାସି ମାଧ୍ୟମରେ ରାଜ୍ୟ ସ୍ତରୀୟ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହର ସିଧା ପ୍ରସାରଣ ଦେଖିବା ନିମନ୍ତେ ବ୍ୟବସ୍ଥା। କରାଯାଇଥିଲା ହୋଇଥିଲା। ଏହି ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ, ସୋନପୁର, ନିରଞ୍ଜନ ପୂଜାରୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଶ୍ରୀ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ,ସୁବର୍ଣ୍ଣପୁର ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଉଟଉଇ (ଡୁଡ୍‌ା) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ବନ ଖଣ୍ଡ ଅଧିକାରୀ, ସୁବର୍ଣ୍ଣପୁର ମଦନଲାଲ ଶର୍ମା, ଅଧକ୍ଷା ପୌର ପରିଷଦ, ସୁବର୍ଣ୍ଣପୁର ଶ୍ରୀମତି ତାମସି ତାମସ୍ମିତ ନାୟକ, ଉପାଧକ୍ଷା ଶ୍ରୀମତି ମଲ୍ଲିକା ଦାନି ଓ ଋଷି ମାଝୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁବର୍ଣ୍ଣପୁର ଯୋଗଦାନ କରିଥିଲେ। ଏହି ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ସମାରୋହରେ ସୋନପୁର ସହରର ବୁଦ୍ଧିଜୀବୀ, ପୌର ପରିଷଦର କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଅର୍ଜୁନ ମାଝୀ ଙ୍କ ସମେତ ଜନସାଧାରଣ ଯୋଗଦାନ କରିଥିଲେ । ଶ୍ରୀ ଋଷି ମାଝୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୋନପୁର ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ।ଏହି ସମାରୋହରେ ଅଧକ୍ଷା ଶ୍ରୀମତି ନାୟକ ସୋନପୁର ସହରର ସର୍ବାଙ୍ଗୀନ ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ମୁଖ୍ୟ ଅତିଥି ତଥା ସୋନପୁର ବିଧାୟକ, ଶ୍ରୀ ନିରଂଜନ ପୁଝାରୀ, ତାଙ୍କ ଅଭିଭାଷଣରେ କହିଲେ ଯେ ସୋନପୁର ସହରରେ ଥିବା ସମସ୍ତ ଭିତ୍ତିଭୂମିର ରକ୍ଷଣ ବେକ୍ଷଣ କରିବା ସହିତ ନୂତନ ଭିତ୍ତିଭୂମି ନିର୍ମାଣ କରି ଜନସାଧାରଣ ଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦେଇଥିଲେ । ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ଅତିଥି ମାନଙ୍କ ଦ୍ୱାରା ପୂର୍ବତନ ଅଧକ୍ଷ/ ଅଧକ୍ଷା ମାନଙ୍କୁ ଉପଢୌକନ ଓ ସ୍ମୃତି ଫଳକ ବା ଚିହ୍ନ ଦେଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ ସଙ୍ଗେ ସଙ୍ଗେ ସୋନପୁର ପୌର ପରିଷଦର ବର୍ତ୍ତମାନ ନିର୍ବାଚିତ ହୋଇ କାମ କରୁଥିବା ସମସ୍ତ ସଭ୍ୟ/ ସଭ୍ୟା, ଉପାଧକ୍ଷା ଓ ଅଧକ୍ଷାଙ୍କୁ ମଧ୍ୟ ସୋନପୁର ପୌର ପରିଷଦ ତରଫରୁ ଉପଢୌକନ ଓ ସ୍ମୃତି ଫଳକ ବା ଚିହ୍ନ ଦେଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା ଶେଷରେ ଆଭାସି ମାଧ୍ୟମରେ ରାଜ୍ୟ ସ୍ତରରେ ଅନୁଷ୍ଠିତ ହେଉଥିବା ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ସିଧା ପ୍ରସାରଣ ସମସ୍ତେ ଏଲ୍. ଇ. ଡି ଟେଲିଭିଜନ ମାଧ୍ୟମରେ ଦେଖିଥିଲେ। ସମାରୋହ ଶେଷରେ ଶ୍ରୀ ଋଷି ମାଝୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୋନପୁର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୟୁପିଏସସିରେ...

ରକ୍ଷା କରିବା ପାଇଁ ଦିନରାତି କାମ କରିଥିଲେ। ଏହି ସଙ୍କଟ ସମୟରେ ସ୍ଥାନୀୟ ଲୋକ, ସାମାଜିକ କର୍ମୀ, ଡାକ୍ତର, ପ୍ରଶାସନ, ସମସ୍ତେ ଯଥାସମ୍ଭବ ସାହାଯ୍ୟ କରିବାକୁ ପ୍ରୟାସ କରିଥିଲେ। ମୁଁ ପ୍ରତ୍ୟେକ ନାଗରିକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି ଯେଉଁମାନେ ଏହି କଠିନ ସମୟରେ ମାନବତାକୁ ସବୁଠୁ ଉପରେ ରଖିଛନ୍ତି। ପୁଲୱାମାର ସ୍ଥିତି ବିଷୟରେ ଜଣାଇ ସେ କହିଥିଲେ ଯେ, 'ଜମ୍ମୁ-କଶ୍ମୀର ଦୁଇଟି ବଡ଼ ସଫଳତା ହାସଲ କରିଛି। ପୁଲୱାମା ଷ୍ଟାଡିୟମରେ ରେକର୍ଡ ସଂଖ୍ୟକ ଲୋକ ଏକାଠି ହୋଇଥିଲେ ଏବଂ ଏଠାରେ ଏକ ଦିବାରାତ୍ର କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା। ପୂର୍ବରୁ ଏହା ଅସମ୍ଭବ ଥିଲା, କିନ୍ତୁ ଏବେ ମୋ ଦେଶ ପରିବର୍ତ୍ତନ ହେଉଛି। ଏହି ମ୍ୟାଚ୍ ରୟାଲ ପ୍ରିମିୟର ଲିଗର ଅଂଶ ଥିଲା। ଜମ୍ମୁ କାଶ୍ମୀରର ଦ୍ୱିତୀୟ ସଫଳତା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, 'ଦେଶର ପ୍ରଥମ ଖେଲୋ ଇଣ୍ଡିଆ ଜଳ କ୍ରୀଡ଼ା ମହୋତ୍ସବ ଶ୍ରୀନଗରର ଡାଲ୍ ହ୍ରଦରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ଭାରତରୁ ୮୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ।' ସୌର ପ୍ୟାନେଲର ବ୍ୟବହାର ଉପରେ ପ୍ରତିକ୍ରିୟା ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଆଜିକାଲି ଆପଣ ଘର, ବଡ଼ ବଡ଼ କୋଠା ଏବଂ ସରକାରୀ କାର୍ଯ୍ୟାଳୟର ଛାତ ଉପରେ ସୌର ପ୍ୟାନେଲ ଖଞ୍ଜାଯାଇଥିବା ଦେଖିଥିବେ। ଲୋକମାନେ ଏବେ ଏହାର ଗୁରୁତ୍ୱ ବୁଝିପାରୁଛନ୍ତି ଏବଂ ଖୋଲା ମନରେ ଏହାକୁ ଗ୍ରହଣ କରୁଛନ୍ତି। ଆମ ଦେଶ ସୂର୍ଯ୍ୟ ଦେବତାଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ, ତେଣୁ ତାଙ୍କ ଦ୍ୱାରା ପ୍ରଦତ୍ତ ଶକ୍ତିର ପୂର୍ଣ୍ଣ ଉପଯୋଗ କାହିଁକି ନ କରିବା ? ସିଭିଲ ସର୍ଭିସ୍ ପରୀକ୍ଷା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, 'ଅନେକ ଯୁବକଯୁବତୀ କଠିନ ପରିଶ୍ରମ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସଫଳତା ହାସଲ କରନ୍ତି। କିନ୍ତୁ ୟୁପିଏସସିର ଏକ କଠୋର ସତ୍ୟ ହେଉଛି ହଜାର ହଜାର ଯୁବକଯୁବତୀ ବହୁତ ଦକ୍ଷ, କିନ୍ତୁ ସେମାନେ ଅଳ୍ପ ବ୍ୟବଧାନରେ ଚୂଡ଼ାନ୍ତ ତାଲିକାରେ ପହଞ୍ଚି ପାରନ୍ତି ନାହିଁ। ଏବେ ଏପରି ପ୍ରତିଶ୍ରୁତିବଦ୍ଧ ଛାତ୍ରଙ୍କ ପାଇଁ 'ପ୍ରତିଭା ସେତୁ' ନାମକ ଏକ ଡିଜିଟାଲ୍ ପ୍ଲାଟଫର୍ମ ସୃଷ୍ଟି କରାଯାଇଛି। ଏହି ପ୍ଲାଟଫର୍ମରେ ଏପରି ୧୦ହଜାରରୁ ଅଧିକ ଯୁବକଯୁବତୀଙ୍କ ଡାଟାବେସ୍ ଅଛି। ଏହି ପୋର୍ଟାଲ୍ ସାହାଯ୍ୟରେ ଘରୋଇ କମ୍ପାନିଗୁଡ଼ିକ ମଧ୍ୟ ପ୍ରତିଶ୍ରୁତିବଦ୍ଧ ପ୍ରାର୍ଥୀଙ୍କୁ ଚାକିରି ପ୍ରଦାନ କରିପାରିବେ।'

### 'ମନ୍ କି ବାତ୍' କାର୍ଯ୍ୟକ୍ରମ ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସହଯୋଗରେ ଜଗତପୁରର ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଓଡ଼ିଶାର କ୍ରୀଡା ପ୍ରତିଭାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଉଛି । ରଶ୍ମିତା ମଧ୍ୟ ଜଗତପୁରରେ କାନୋଇଙ୍ଗ୍ ପ୍ରଶିକ୍ଷଣ ପାଉଛନ୍ତି । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଦିନ ଧରି ଓଡ଼ିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସଭାପତି ଥିଲେ। ବର୍ତ୍ତମାନ ସେ ଏହି ସଂସ୍ଥାର ଚିଫ୍ ପାଟନର ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ଦୁଇ ଜଣ ବରିଷ୍ଠ ନାଗରିକ ତଥା ସମାଜସେବୀ ରାଜେନ୍ଦ୍ର ବାରିକ ଓ ବି.ବି. ମିଶ୍ର ଏବଂ ଶିଶୁ ବିହାର ଯୋଗ କେନ୍ଦ୍ରର ପ୍ରମୁଖ ବିଶ୍ୱନାଥ ନାୟକ, ଭାରତୀ ପ୍ରଧାନ ଓ ଏଲ୍.ଡି ସାହୁ ସମ୍ବର୍ଦ୍ଧିତ ହୋଇଥିଲେ। ଏହା ସହିତ ମନ୍ଦିର କମିଟି, ମହିଳା ସଂଘ ଏବଂ ୱାର୍ଡ ନଂ-୬ର ଅନ୍ୟ ସମାଜସେବୀ ସଦସ୍ୟମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

### ଓଡ଼ିଶାର ଯୁବ ...

ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲେ।

ପ୍ରଧାନମନ୍ତ୍ରୀ ରାଶ୍ମିତାଙ୍କ ଯାତ୍ରା, ଶ୍ରୀନଗରରେ ସମ୍ପ୍ରତି ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବରେ ତାଙ୍କର ବିଜୟ ଏବଂ ଯୁବ ଖେଳାଳିମାନଙ୍କୁ ପ୍ରେରଣା ଦେବା ପାଇଁ ରଶ୍ମିତାଙ୍କର ଦୃଢ଼ ସଂକଳ୍ପକୁ ପ୍ରଶଂସା କରିଥିଲେ। ମନ୍ କି ବାତର ଅନ୍ୟତମ ଆକର୍ଷଣ ଥିଲା ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ଯୁବ ଖେଳାଳି ରଶ୍ମିତା ସାହୁଙ୍କ ଆଲୋଚନା। ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଖେଲୋ ଇଣ୍ଡିଆ ଜଳ କ୍ରୀଡ଼ା ମହୋତ୍ସବରେ ସ୍ୱର୍ଣ୍ଣ ପଦକ ଜିତିଥିବା ରସ୍ମିତା ସାହୁଙ୍କ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ରଶ୍ମିତାଙ୍କର ଦୃଢ଼ ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ ଏବଂ ଅସୁବିଧା ସତ୍ତ୍ୱେ ତାଙ୍କ କ୍ରୀଡା ସ୍ୱପ୍ନକୁ ସମର୍ଥନ କରିବାରେ ତାଙ୍କ ପିତାଙ୍କ ଭୂମିକାକୁ ଭୂରି ଭୂରି ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରି ରଶ୍ମିତା କହିଛନ୍ତି,ମୁଁ ଜଣେ କାୟାକିଂ-କାନୋଇଂ ଖେଳାଳି। ମୁଁ ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇଛି। ଏହା ବହୁତ ଭଲ ଲାଗିଲା। ତାଙ୍କ ସହ କଥା ହୋଇ ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଏହା ମୋ ପାଇଁ, ମୋ ପ୍ରଶିକ୍ଷକ, ମୋ ପରିବାର ଏବଂ ମୋ ଗାଁ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା। ମୁଁ ତାଙ୍କ ସହ କଥା ହୋଇ ବେଶ୍ ଖୁସି। ଆମେ ଖେଳାଳି। ଆମକୁ ଦେଶ ପାଇଁ ପ୍ରଦର୍ଶନ କରିବାକୁ ପଡିବ।

### ୧୬ ନୂଆ ଏନ୍ଏସି,...

ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସେମାନେ ଅଧିକ ସଚେତନ ଓ ଦାୟିତ୍ୱବାନ ହୁଅନ୍ତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ୧୬ଟି ନୂତନ ଏନ୍ଏସି ଯଥା ବଲାଙ୍ଗୀର ଜିଲ୍ଲାର ଲୋଇସିଂଗା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁର। ସେହିଭଳି ୭ଟି ନୂତନ ମ୍ୟୁନିସିପାଲିଟି ଯଥା- ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର ଏବଂ ପୋଲସରା ମ୍ୟୁନିସିପାଲିଟି ପ୍ରତିଷ୍ଠା କରାଯିବାର ଘୋଷଣା କରିଥିଲେ। ସୂଚନା ଯୋଗ୍ୟ ଯେ, ନିକଟରେ ମୁଖ୍ୟମନ୍ତ୍ରୀ ୨୧ଟି ଏନ୍ଏସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ତନ୍ମଧ୍ୟରୁ ୧୨ଟି ଏନଏସି ଗଠିତ ହେବା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏହି ୧୨ଟି ନୂତନ ବିଜ୍ଞପିତ ଏନ୍.ଏ.ସି ସହିତ ଆଉ ୧୬ଟି ନୂଆ ଏନ୍.ଏ.ସି ସୃଷ୍ଟି ହେବ। ସମୁଦାୟ ୨୮ଟି ନୂଆ ଏନ୍.ଏ.ସି ଓ ୭ଟି ନୂଆ ମୁନିସିପାଲିଟି ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟର ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ସେ କହିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଏକ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖି ସହରାଞ୍ଚଳର ଲୋକଙ୍କ ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଗୁଣାତ୍ମକ ମୌଳିକ ସେବା ଯୋଗାଇଦେବାକୁ ଅନେକ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଜିଠାରୁ ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ହେଲା ବୋଲି ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ସହରର ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମେ ମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୪ଟି ପୌରାଞ୍ଚଳରେ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଟାଟାଷ୍ଟିଲ ଫାଉଣ୍ଡେସନ ସହଯୋଗ ଯୋଗାଇ ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଟାଟାଷ୍ଟିଲକୁ ଧନ୍ୟବାଦ ଦେଇଥିଲେ। ଏହାସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ମୁଖ୍ୟମନ୍ତ୍ରୀ ଏକ ଟୋଲ୍ ଫ୍ରି ନମ୍ବର-୧୯୨୯ ର ଶୁଭାରମ୍ଭ କରିଥିଲେ। ଏହି ନମ୍ବରକୁ 'ସହର ସାଥି' ବୋଲି ନାମିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଆଉ ପୌରପାଳିକା କାର୍ଯ୍ୟାଳୟକୁ ନ ଯାଇ, ଏହି ନମ୍ବରରେ ଫୋନ କଲେ, ସମସ୍ୟାର ସମାଧାନ କରାଯିବ। ଏହି ସେବା ୨୪ ଘଣ୍ଟା ଉପଲବ୍ଧ ହେବ। 'ସହର ସାଥି' କଲ୍ ସେଣ୍ଟରର ଶୁଭାରମ୍ଭ କରି ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସାଧାରଣ ଉପଭୋକ୍ତା ଗୋଷ୍ଠୀ ସିୟୁଜି ନମ୍ବର ବଣ୍ଟନ ମଧ୍ୟ କରାଯାଇଥିଲା।ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନ୍ୟାସନାଲ କମନ୍ ମୋବିଲିଟି କାର୍ଡ'ର ମଧ୍ୟ ଶୁଭାରମ୍ଭ କରି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଜନସାଧାରଣଙ୍କ ପାଇଁ ୱାନ ନେସନ ୱାନ କାର୍ଡ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାଦ୍ୱାରା ଦେଶର ଜନସାଧାରଣ ଯେକୌଣସି ସହରରେ ବିଭିନ୍ନ ଟ୍ରାନସ୍‌ପୋର୍ଟ ସେବା ସୁବିଧାରେ ପାଇପାରିବେ । ସେ କହିଥିଲେ ଯେ, ଆଜି ଓଡ଼ିଶା ମଧ୍ୟ ଏଥିରେ ସାମିଲ ହୋଇଛି ଏବଂ ନ୍ୟାସନାଲ କମନ୍ ମୋବିଲିଟି କାର୍ଡ ର ସୁବିଧା ଆଗାମୀ ଦିନରେ ଓଏସଆରଟିସି ବସ୍ ମାନଙ୍କରେ ମଧ୍ୟ ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ସହିତ 'ଆମ ବସ୍' ବୁକିଂ କରିବା ପାଇଁ ଏକ ହ୍ୱାଟ୍ସ ଆପ୍ ଟିକେଟିଂ ସେବା ମଧ୍ୟ ଆରମ୍ଭ କରିଥିଲେ । ଏହି ଡିଜିଟାଲ ଟିକେଟରେ ମହିଳାମାନଙ୍କ ପାଇଁ ୧୫ ପ୍ରତିଶତ ରିହାତି ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ପାଇଁ ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ମହିଳାମାନଙ୍କ ପାଇଁ ସୁଗମ ଓ ସମ୍ମାନଜନକ ଯାତ୍ରା ଆଣି ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ପ୍ରାୟ ୧୦୯ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୪୩ଟି ବହୁମୁଖୀ ଭବନର ଲୋକାର୍ପଣ କରିବା ସହିତ ଭୁବନେଶ୍ୱର ମହାନଗର ନିଗମ ପାଇଁ ହ୍ୱାଟ୍ସ ଆପ୍ ବଟ୍ ସେବା ଆରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ଲୋଗୋ ଉନ୍ମୋଚନ କରିବା ସହିତ ୧୨ କୋଟି ଟଙ୍କା ବିନିଯୋଗରେ ପଲାଶୁଣୀରେ ଏକ ସାମଗ୍ରୀ ପୁନରୁଦ୍ଧାର ସୁବିଧା ଏବଂ ପ୍ରାୟ ୬ କୋଟି ଟଙ୍କା ବିନିଯୋଗରେ ଗାଡକଣରେ ପ୍ଲାଜ୍ମା ପାଇରୋଲିସିସ୍ ୟୁନିଟ୍ ସୁବିଧାର ଶୁଭାରମ୍ଭ କରାଯାଇଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ ୩୦ କୋଟି ଟଙ୍କା ବିନିଯୋଗରେ ୬ଟି ଗୋଶାଳା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖିଥିଲେ। ଏହି ଚାରୋଟି କାର୍ଯ୍ୟକ୍ରମ ପାଇଁ ସମୁଦାୟ ୧୫୭ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ହିତାଧିକାରୀଙ୍କୁ ସୁଲଭ ବାସଗୃହ, ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ବଣ୍ଟନ କରିଥିଲେ । ବିଏମସି ପକ୍ଷରୁ ୩୧୦ଟି ଏବଂ ବିଡିଏ ପକ୍ଷରୁ ୩୮ଟି ଘର ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ରେ ବିଭିନ୍ନ ବସ୍ତିର ୪୬ଟି ପରିବାରକୁ ମଧ୍ୟ ଗୃହ ଆବଣ୍ଟିତ କରାଯାଇଥିଲା। ସମୁଦାୟ ୩୯୪ଟି ଗୃହ ଆବଣ୍ଟିତ କରାଯାଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ପୁରସ୍କୃତ ହୋଇଥିବା ପୌରାଞ୍ଚଳ ଭୁବନେଶ୍ୱର ମହାନଗର ନିଗମ, ଆସ୍କା ଓ ଚିକିଟି ପୌରାଞ୍ଚଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଲ କାମ କରୁଥିବା ଜଳସାଥୀ, ସ୍ୱଚ୍ଛ ସାଥୀ, ପରିମଳ କର୍ମୀ ଓ ଶ୍ରେଷ୍ଠ ପୌରସଂସ୍ଥାକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହିତ ସହରାଞ୍ଚଳରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଧାମନଗର, ରେମୁଣା, କୋରାପୁଟ ପୌରାଞ୍ଚଳକୁ ୩କୋଟି ଟଙ୍କା ଲେଖାଏଁ ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ଜାତୀୟସ୍ତରରେ ଉତ୍କର୍ଷ ହାସଲ କରିଥିବା ଆସ୍କା, ଚିକିଟି ଏବଂ ଭୁବନେଶ୍ୱର ମହାନଗର ନିଗମକୁ ୨କୋଟି ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଲେ ଯେ, ସମସ୍ତ ସ୍ଥାନୀୟ ଲୋକପ୍ରତିନିଧି ମାନେ ଯେପରି ସ୍ୱାୟତ ଶାସନ ବ୍ୟବସ୍ଥା କିପରି ସଶକ୍ତ ହେବ, ସମସ୍ତ ନାଗରିକଙ୍କୁ ସୁବିଧାରେ ଗୁଣାତ୍ମକ ସେବା ମିଳିପାରିବ ଏବଂ ସହରାଞ୍ଚଳର ଭିତ୍ତିଭୂମି ଆଧୁନିକ ଆବଶ୍ୟକତାକୁ ନେଇ ଉନ୍ନତ ମାନର ହେବ ସେ ଦିଗରେ କାମ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଲୋକମାନେ ଅଧିକ ସୁବିଧା ଓ ସୁଯୋଗର ଆକାଂକ୍ଷା ନେଇ ସହରକୁ ଆସୁଛନ୍ତି। ସହରର କଳେବର ବୃଦ୍ଧି ହେଉଛି। ମୁଖ୍ୟମନ୍ତ୍ରୀ ଅନେକ ନୂଆ ସହରାଞ୍ଚଳ ମଧ୍ୟ ଘୋଷଣା କରିଛନ୍ତି, ତେବେ ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇପାରିଲେ ଏହି ବ୍ୟବସ୍ଥା ସାର୍ଥକ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଉପସ୍ଥିତ ଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ୩୦ ଦୋକାନ...

ପକ୍ଷରୁ ମାର୍କଫେଡ଼/ପାକ୍ସ/ଲ୍ୟାମ୍ପସ/ଖୁଚୁରା ଡିଲରମାନଙ୍କ ନିକଟରେ ବିଭିନ୍ନ ସାର ଉପଲବ୍ଧ କରାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

### ସ୍ଥିର ସମ୍ପର୍କ ଓ...

ଦେଶର ଅଭିବୃଦ୍ଧି ଏବଂ ବିକାଶ ପାଇଁ ଜରୁରୀ ତଥା ଏକବିଂଶ ଶତାବ୍ଦୀର ଧାରା ସହିତ ଏକ ବହୁଧ୍ରୁବୀୟ ବିଶ୍ୱ ଓ ଏକ ବହୁଧ୍ରୁବୀୟ ଏସିଆ ପାଇଁ ଅତ୍ୟନ୍ତ ଜରୁରୀ।ଉଭୟ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କର ନିରନ୍ତର ବିକାଶ ପାଇଁ ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଗତ ବର୍ଷ ସୈନ୍ୟବାହିନୀର ସଫଳତାର ସହିତ ପ୍ରତ୍ୟାହାର ଏବଂ ସେବେଠାରୁ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ବଜାୟ ରଖିବାରେ ଦୁଇ ନେତା ସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ସେମାନଙ୍କର ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କର ରାଜନୈତିକ ଦୃଷ୍ଟିକୋଣରୁ ଏବଂ ଦୁଇ ଦେଶ ଲୋକଙ୍କର ଦୀର୍ଘକାଳୀନ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୀମା ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ଏକ ନିରପେକ୍ଷ, ଯୁକ୍ତିଯୁକ୍ତ ଏବଂ ପାରସ୍ପରିକ ଭାବରେ ଗ୍ରହଣୀୟ ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସେମାନେ ଏହି ମାସର ପ୍ରାରମ୍ଭରେ ଦୁଇ ସ୍ୱତନ୍ତ୍ର ପ୍ରତିନିଧିଙ୍କ ଦ୍ୱାରା ସେମାନଙ୍କର ଆଲୋଚନାରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ସ୍ୱୀକାର କରିଥିଲେ ଏବଂ ସେମାନଙ୍କ ପ୍ରୟାସକୁ ଆହୁରି ସମର୍ଥନ କରିବାକୁ ସହମତ ହୋଇଥିଲେ।

### ଅପରେସନ ସିନ୍ଦୂର ...

ଆତଙ୍କବାଦ ବିରୋଧୀ ଲଢେଇରେ ଭାରତ ସହ ହାତ ମିଳାଇବାକୁ ଚୀନକୁ ଅନୁରୋଧ କରିଥିବା ବେଳେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ପାଇଁ ଏହି ଆଲୋଚନା ଏକ ଶକ୍ତ ଝଟକା ସଦୃଶ । କାରଣ ଉକ୍ତ ସମ୍ମିଳନୀରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ବି ସାମିଲ ଅଛନ୍ତି । ଚୀନରେ ଏସସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଏଥିରେ ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ଅନ୍ୟ ସମସ୍ତ ଦେଶର ରାଷ୍ଟ୍ରମୁଖ୍ୟମାନେ ଏକ ମଞ୍ଚରେ ଏକାଠି ହୋଇଥିବା ଦେଖିବାକୁ ମିଳିଛି ।

### ଜମ୍ମୁ-କଶ୍ମୀରର ...

ପଚାରାଉଚାରା ପରେ ପୋଲିସ ଟିମ୍ ଶେଖଙ୍କ ଜାଲିଆଁ ଗାଁରେ ଥିବା ଭଡା ଘରେ ମଧ୍ୟ ରେଡ୍ କରିଛି ଏବଂ ସେଠାରୁ ଦୁଇଟି ଆସଲ୍ଟ ରାଇଫଲ୍ ଓ କିଛି ଗୁଳି ଜବତ କରାଯାଇଛି।

### ଉତ୍କଳ ସଙ୍ଗୀତ ...

ଓଡ଼ିଶାର ଲୋକକଳା ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର କରିବା ସହିତ ଜନସାଧାରଣଙ୍କ ବ୍ୟବହାରରେ ଆସିବ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

### ନୋବେଲ ପୁରସ୍କାର ...

ହୋଇଥିବା ଏହି ଫୋନ୍ କଲ୍ ପରେ, ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ କହିଥିଲେ ଯେ, ଭାରତ କ୍ରମାଗତ ଭାବରେ ରୁଷିଆରୁ ତେଲ ଆମଦାନୀ କରୁଛି, ଯାହା ଯୋଗୁ ଅତିରିକ୍ତ ଶୁଳ୍କ ଲାଗୁ କରାଯାଉଛି। ଆମେରିକା ଦ୍ୱାରା ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲାଗୁ କରାଯାଉଛି।

## ବିଏମସି ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାୟତ ଶାସନ ଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରବିବାର ପ୍ରତ୍ୟୁଷରୁ ବିଏମ୍ ସି ଅଂଚଳରେ ଥିବା ସମସ୍ତ ମହାମନିଷୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସକାଳ ୮ ଟାରେ ବିଏମ୍ ସି ମୁଖ୍ୟାଳୟରେ ମେୟର ଶ୍ରୀମତୀ ସୁଲୋଚନା ଦାସ ଜାତୀୟ ପତାକା ଉତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ଚଂଚଳ ରାଣା, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା ବହୁ କର୍ପୋରେଟର, ଅତିରିକ୍ତ କମିଶନରଙ୍କ ସହ ବିଏମ୍ ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରେ ମେୟର ଓ କମିଶନ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା ଓ କର୍ପୋରେଟରଙ୍କ ଉପସ୍ଥିତିରେ ମୋଟ ୨୪ ଟି ପ୍ରକଳ୍ପର ଉଦଘାଟନ କରାଯାଇଥିବା ବେଳେ ୨ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ସ୍ୱାୟତ ଶାସନ ଦିବସ ଅବସରରେ ମେୟର, କମିଶନର, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା ଓ କର୍ପୋରେଟରମାନେ ବିଏମ୍ ସି ଡାକ୍ତରଖାନା ଓ ଆଶ୍ରୟସ୍ଥଳିରେ ଫଳ ବଂଟନ କରିଥିଲେ ।

## ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ସ୍ୱାୟତ୍ତ ଶାସନ ଦିବସ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ଅବସରରେ ଆମେ ସମସ୍ତେ ଏକତ୍ରିତ ହୋଇ ସ୍ୱାୟତ୍ତ ଶାସନକୁ ଅଧିକ ସକ୍ରିୟ, ସୁଦୃଢ଼ ଓ ଲୋକମୁଖୀ କରିବା ।


**ଜଳେଶ୍ୱର ପୌର ପାଳିକା , ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବ ସ -୨୦୨୫ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନ ଲିଖିତ କାର୍ଯ୍ୟ କ୍ରମରେ ଜନ ସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

DSPL-233

୧ ) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨ ) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ଓ ବର୍ଜ୍ୟବସ୍ତୁ ପରିଚାଳନା ଦେୟ ( User fee ) ସଠିକ ସମୟରେ ସ୍ୱଚ୍ଛ ସାଥୀଙ୍କୁ ପଇଠ କରି ଉତ୍ତମ ପରିମଳ ସେବା ଦାବି କରନ୍ତୁ ।
୩ ) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪ ) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ cesspole ଦ୍ୱାରା ସଫା କରନ୍ତୁ ।
୫ ) ସର୍ବସାଧାରଣଙ୍କ ରାସ୍ତା ଉପରେ , ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ ।
୬ ) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮ ) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
୯ ) ଡେଙ୍ଗୁ , ମ୍ୟାଲେରିଆ , ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପାଇଁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ଆପଣଙ୍କ ସେବାରେ ଜଳେଶ୍ୱର ପୌରପାଳିକା ।



ଶ୍ରୀ ହେମନ୍ତ କୁମାର ସିଂ, ଓ.ରା.ସେ (DR-୨୦୨୦)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜଳେଶ୍ୱର ପୌରପାଳିକା



ଶ୍ରୀମତୀ ପୁଷ୍ପପ୍ରିୟା କାମିଲା
ଉପ-ନଗରପାଳ
ଜଳେଶ୍ୱର ପୌରପାଳିକା
ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା
ଜଳେଶ୍ୱର ପୌରପାଳିକା



ଶ୍ରୀ ପ୍ରଦିପ କୁମାର ପ୍ରଧାନ
ନଗରପାଳ
ଜଳେଶ୍ୱର ପୌରପାଳିକା

OIPR-13126/13/0026/2526



**OFFICE OF THE NOTIFIED AREA COUNCIL, KHARIAR**
AT/PO- KHARIAR, Dist- NUAPADA, PIN-766107
e-mail- khariarn.hud@ori.nic.in, khariarnac@gmail.com

Letter No. 1975 / NAC KHR Dated 26-08 2025

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ**

**ଅଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୫ର ଶୁଭ ଅବସରରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।**

**ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ନିବେଦନ କରାଯାଉଅଛି ଯେ –**

(୧) ଗୃହ ଓ ଦୋକାନରୁ ନିର୍ଗତ ଆବର୍ଜନା ଏବଂ ମଇଳା ଗୁଡିକୁ କେବଳ ଆବର୍ଜନା ସଂଗ୍ରହ କରୁଥିବା ଗାଡିରେ ପୃଥକ ଭାବରେ ଦିଅନ୍ତୁ ।
(୨) ଘର ଟିକସ ଠିକ ସମୟରେ ପଇଠ କରନ୍ତୁ ।
(୩) ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ଓ ପୁରାତନ ଗୃହର ନବୀକରଣ କରାନ୍ତୁ, ରାସ୍ତା ଉପରେ ଗୃହ ତିଆରି ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ଏବଂ ସେପ୍ଟିକ ଟାଙ୍କିର ପାଣି ନାଳିରେ ଛାଡନ୍ତୁ ନାହିଁ ।
(୪) ନିଜନିଜ ଗାଈ ଗୋରୁ ନିଜ ଦାୟୀତ୍ୱରେ ରଖନ୍ତୁ ରାସ୍ତାରେ ଛାଡନ୍ତୁ ନାହିଁ ।

(ଉଜ୍ଜ୍ୱଳ ଗୁପ୍ତା)
ଅଧକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ

(ଶକୁନ୍ତଳା ରାଉତ)
ଉପାଧକ୍ଷ ଏବଂ
ସମସ୍ତ ସଭ୍ୟ/ସଭ୍ୟା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ

(ସ୍ୱାଧୀନକେତନ ମହାରଣା)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ



NOTIFIED AREA COUNCIL
BELLAGUNTHA-761119 (GANJAM)
Phone No. 06821-258244
Sri Banamali Satapathy (OAS)
Executive Officer

ବିଜ୍ଞାପିତ ଅଂଚଳ ପରିଷଦ
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଶ୍ରୀ ବନମାଳୀ ଶତପଥି (ଓ.ପ୍ର.ସେ)
କାର୍ଯ୍ୟନିର୍ବାହୀ ଅଧିକାରୀ

ପତ୍ର ସଂଖ୍ୟା ୯୯୮ ତାରିଖ ୨୬.୮.୨୫

**ସର୍ବସାଧାରଣ ସୂଚନା**

ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ବେଲଗୁଣ୍ଠା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରନ୍ତୁ।
୦୧, ଘରୁ କିମ୍ବା ବ୍ୟବସାୟୀକ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ ପୃଥକ କରି ନୀଳ ଓ ସବୁଜ ଡଷ୍ଟବିନ୍‌ରେ ରଖନ୍ତୁ ଏବଂ ପରିଷଦ ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘରକୁ ଘର ଆସୁଥିବା ସ୍ୱଚ୍ଛତା ରଥରେ ଦିଅନ୍ତୁ ।
୦୨, ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ବାଲି, ଗୋଡ଼ି, ପଥର ଆଦିକୁ ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା- ଭଙ୍ଗା ଇଟା, ମାଟି, ପଥର ଆଦିକୁ ରାସ୍ତାରେ ପକାନ୍ତୁ ନାହିଁ । ଏଗୁଡ଼ିକର ସୁପରିଚାଳନା ନିମନ୍ତେ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ ।
୦୩, ଗୃହରେ ପାଇଖାନା ଏବଂ ସେପ୍ଟିକ ଟାଙ୍କି କରନ୍ତୁ। ପାଇଖାନାର ମଇଳା ଡ୍ରେନକୁ ଛାଡ଼ନ୍ତୁ ନାହିଁ । ନିୟମିତ ବ୍ୟବଧାନରେ ସେପ୍ଟିକ୍ ଟାଙ୍କିକୁ ପରିଷଦର ମଇଳା ସଂଗ୍ରହ ଗାଡ଼ି ଦ୍ୱାରା ସଫା କରନ୍ତୁ। ପାଇଖାନା ଟାଙ୍କି ସଫା ପାଇଁ ୧୦୦୨୦ ହେଲ୍ପଲାଇନ ନମ୍ବରରେ ଫୋନ କରନ୍ତୁ।
୦୪, ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ ।
୦୫, ବିବାହ, ବ୍ରତ, ଗୃହପ୍ରତିଷ୍ଠା ଆଦି ଉତ୍ସବରୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନ ପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପରିଷଦର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା

# ସୂର୍ଯ୍ୟ ମନ୍ଦିର ପରିଦର୍ଶନ କଲେ ରାଜ୍ୟସଭା ଉପାଧ୍ୟକ୍ଷ

ଭୁବନେଶ୍ୱର
୦୧ ସେପ୍ଟେମ୍ବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

**କୋଣାର୍କ,୩୧/୮ ନ୍ୟୁଜ ବ୍ୟୁରୋ**
ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି । ତାଙ୍କ ସହ ଅନୁସୂଚିତ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧ୍ୟକ୍ଷ ଓ ସଦସ୍ୟଗଣ ଆସିଥିଲେ । ରାଜ୍ୟସଭା ଉପାଧ୍ୟକ୍ଷ କଡ଼ା ସୁରକ୍ଷା ବଳୟରେ ଏଠାରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ସେ ସୂର୍ଯ୍ୟ ମନ୍ଦିରର ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତିମୂର୍ତ୍ତି ବୁଲି ଦେଖିଥିଲେ । ଗାଇଡ ପ୍ରଦୀପ୍ତ ମଲ୍ଲ ସୂର୍ଯ୍ୟମନ୍ଦିର ଇତିହାସ ସମ୍ପର୍କରେ ବୁଝାଇଥିଲେ । ଉପାଧ୍ୟକ୍ଷ ଶ୍ରୀ



ହରିବଂଶ ସୂର୍ଯ୍ୟମନ୍ଦିର କାରୁକାର୍ଯ୍ୟ ଦେଖି ଭାବ ବିହ୍ୱଳ ହୋଇଥିଲେ । ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ପୁରୀ ଜିଲ୍ଲା ବିଜେପି ସଭାପତି ଡ଼ଃ ଦେବେନ୍ଦ୍ର ତରାଇ, ଏଏସଆଇ ସର୍କଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଡଃ ଡିବି ଗଡ଼ନାୟକ, ଅତିରିକ୍ତ ଏସ୍‌ପି ସୌମ୍ୟ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ ପ୍ରମୁଖ ବରିଷ୍ଠ ପ୍ରଶାସନିକ ପଦାଧିକାରୀ ଉପସ୍ଥିତ ଥିଲେ ।




ଭୁବନେଶ୍ୱର : ୟୁନିଟ୍-୬ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ରାଧାଷ୍ଟମୀ ପୂଜା ସମ୍ପନ୍ନ । (ଫଟୋ : ସମ୍ବାଦ କଳିକା)

# ରାମ ସେତୁ ଉପରେ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ, ୩୧/୮**
ପୂର୍ବତନ ରାଜ୍ୟସଭା ସାଂସଦ ସୁବ୍ରମଣ୍ୟମ ସ୍ୱାମୀଙ୍କ ଆବେଦନ ଉପରେ ଶୁକ୍ରବାର ସୁପ୍ରିମକୋର୍ଟ କେନ୍ଦ୍ରଠାରୁ ଜବାବ ମାଗିଛନ୍ତି । ଯେଉଁଥିରେ ସ୍ୱାମୀ 'ରାମ ସେତୁ'କୁ ଜାତୀୟ ସ୍ମାରକୀ ଭାବେ ଘୋଷଣା କରିବା ପାଇଁ ତାଙ୍କ ଅନୁରୋଧ ଉପରେ ଶୀଘ୍ର ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି । ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ୱାମୀଙ୍କ ଆବେଦନ ଉପରେ ବିଚାର କରିବାକୁ ରାଜି ହୋଇଛନ୍ତି ଏବଂ କେନ୍ଦ୍ରକୁ ନୋଟିସ୍ ଜାରି କରିଛନ୍ତି । 'ରାମ ସେତୁ' ଯାହାକୁ ଆଡାମ୍ସ ବ୍ରିଜ୍ ମଧ୍ୟ କୁହାଯାଏ । ତାମିଲନାଡୁର ଦକ୍ଷିଣ-ପୂର୍ବ ଉପକୂଳରେ ଅବସ୍ଥିତ ପାମ୍ବନ ଦ୍ୱୀପ ଏବଂ ଶ୍ରୀଲଙ୍କାର ଉତ୍ତର-ପଶ୍ଚିମ ଉପକୂଳରେ ଅବସ୍ଥିତ ମନ୍ନାର ଦ୍ୱୀପ ମଧ୍ୟରେ ଚୂନ ପଥରର ଏକ ଶୃଙ୍ଖଳା ଅଛି । ଏଥିସହ ସୁପ୍ରିମକୋର୍ଟ ଚାରି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ସ୍ଥିର କରିଛନ୍ତି । ଆବେଦନରେ ଏହି ମାମଲା ସହ ଜଡ଼ିତ ଜାନୁଆରୀ ୧୯, ୨୦୨୩ରେ ସୁପ୍ରିମକୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ ଉଲ୍ଲେଖ



କରାଯାଇଛି । ଜାନୁଆରୀ ୧୯, ୨୦୨୩ରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ, ଏହା 'ରାମ ସେତୁ'କୁ ଜାତୀୟ ଐତିହ୍ୟ ସ୍ମାରକୀ ଭାବେ ଘୋଷଣା କରିବା ପ୍ରସଙ୍ଗ ଉପରେ ବିଚାର କରୁଛି । ସେହି ସମୟରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ସ୍ୱାମୀଙ୍କ ଆବେଦନର ଶୁଣାଣି କରୁଥିଲେ । ସ୍ୱାମୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ନୂତନ ଆବେଦନରେ କୁହାଯାଇଛି, 'ଏବେ ଏହା ଏକ ପ୍ରାଚୀନ ସ୍ମାରକୀର ମାନଦଣ୍ଡ ପୂରଣ କରୁଥିବାରୁ, ସରକାର ସମସ୍ତ ପ୍ରାଚୀନ ସ୍ମାରକୀକୁ ଜାତୀୟ ଗୁରୁତ୍ୱ, ପ୍ରାଚୀନ ସ୍ମାରକୀ, ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ ଆଇନ ୧୯୫୮ର ଧାରା ୩/୪ ଅନୁଯାୟୀ ଜାତୀୟ ସ୍ମାରକୀ ଘୋଷଣା କରିବାକୁ ବାଧ୍ୟ ।' ଆବେଦନ ଅନୁଯାୟୀ ପ୍ରାଚୀନ ସ୍ମାରକୀ, ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ ଆଇନ ୧୯୫୮ର ଧାରା ୧୬ ସମ୍ପର୍କରେ କେନ୍ଦ୍ର ମଧ୍ୟ ରାମ ସେତୁକୁ ଯେକୌଣସି ପ୍ରକାରର ଅପବ୍ୟବହାର, ପ୍ରଦୂଷଣ କିମ୍ବା ଅପବିତ୍ରତାରୁ ରକ୍ଷା କରିବାକୁ ବାଧ୍ୟ । ଆବେଦନରେ କୁହାଯାଇଛି ଯେ,'ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଏହି ପ୍ରତ୍ନତାତ୍ତ୍ୱିକ ସ୍ଥଳ ରାମ-ସେତୁକୁ ଏକ ତୀର୍ଥ ଭାବେ ବିବେଚନା କରୁଥିବା ଲୋକଙ୍କ ବିଶ୍ୱାସ ଏବଂ ଭକ୍ତିର ବିଷୟ । ଏହି ସମସ୍ତ ପ୍ରତ୍ନତାତ୍ତ୍ୱିକ ଅଧ୍ୟୟନ ଏବଂ ବୈଜ୍ଞାନିକ ନିଷ୍କର୍ଷଗୁଡ଼ିକ ମନୁଷ୍ୟ ନିର୍ମିତ ସ୍ମାରକୀର ଅସ୍ତିତ୍ୱକୁ ପୂଜାରୀଙ୍କ ପାଇଁ ଏକ ତୀର୍ଥସ୍ଥଳ ଭାବେ ପରିପୂରକ କରୁଥିବା ମୌଳିକ ପ୍ରମାଣ ।'

## ସମତା କନକ୍ଲେଭ୍-୨୦୨୫ ଉଦ୍‌ଯାପିତ

# ସମତା କନକ୍ଲେଭ୍-୨୦୨୫ ଗଣତନ୍ତ୍ର ଏବଂ ବାକ୍ ସ୍ୱାଧୀନତାର ଏକ ଉତ୍ସବ

**ଭୁବନେଶ୍ୱର, ୩୧/୮**
**ନ୍ୟୁଜ ବ୍ୟୁରୋ**
ଗଣତନ୍ତ୍ର ଏବଂ ବାକ୍ ସ୍ୱାଧୀନତାର ଦୁଇ ଦିନିଆ ଉତ୍ସବ ସମତା କନକ୍ଲେଭ୍ ୨୦୨୫ର ଦ୍ୱିତୀୟ ଦିନରେ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପ୍ରେକ୍ଷାଳୟରେ ଚିନ୍ତନାତ୍ମକ ଆଲୋଚନା, ପ୍ରେରଣାଦାୟକ ଆଦାନପ୍ରଦାନ ଏବଂ ସାଂସ୍କୃତିକ ଅଭିବ୍ୟକ୍ତି ଦେଖାଯାଇଥିଲା । ରାଜେଶ ମହାପାତ୍ରଙ୍କ ଦ୍ୱାରା ସଂଯୋଜିତ 'ଆମର ବାକ୍ ସ୍ୱାଧୀନତା କେତେ ମୁକ୍ତ' ଉପରେ ଏକ ଗତିଶୀଳ ପ୍ୟାନେଲ୍ ଆଲୋଚନା ସହିତ ଉତ୍ସବ ଆରମ୍ଭ ହୋଇଥିଲା । ଏହି ଅଧିବେଶନରେ ସମକାଳୀନ ଭାରତରେ ବାକ୍ ସ୍ୱାଧୀନତାର ସ୍ଥିତି ଉପରେ ସମାଲୋଚନାମୂଳକ ପ୍ରତିଫଳନ ସୃଷ୍ଟି ହୋଇଥିଲା । ଏହା ପରେ 'ମହିଳା ସଶକ୍ତିକରଣ: ଆଗରୁ ନେତୃତ୍ୱ' ଉପରେ ଏକ ପ୍ରଭାବଶାଳୀ ଆଲୋଚନା ହୋଇଥିଲା, ଯେଉଁଠାରେ ସାଂସଦ ଏବଂ ବିଜେଡି ନେତ୍ରୀ ସୁଲତା ଦେଓ ନେତୃତ୍ୱର କାହାଣୀ ଗଠନରେ ମହିଳାଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅଧିବେଶନକୁ ବିଦ୍ୱାନ ସାସ୍ୱତୀ କର





ପରିଚାଳନା କରିଥିଲେ । 'ସୃଜନଶୀଳ ଐତିହ୍ୟ, ଏକ ବରଦାନ ନା ଏକ ବୋଝ' ଉପରେ ଏକ ଉତ୍ସାହଜନକ ଆଲୋଚନା ସାଂସ୍କୃତିକ ଜଗତର ପ୍ରମୁଖ ସ୍ୱରଗୁଡ଼ିକୁ - ଓଡ଼ିଶୀ ଗୁରୁ ରତିକାନ୍ତ ମହାପାତ୍ର, ଅଭିନେତ୍ରୀ ଏବଂ ରାଜନେତା ସୋଫିଆ ଆଲମ ଏବଂ ଲେଖକ-ବିଦ୍ୱାନ ପ୍ରଫେସର ଆଦ୍ୟାଶା ଦାସଙ୍କୁ ଏକତ୍ରିତ କରିଥିଲା - କେଦାର ମିଶ୍ର ଆଲୋଚନାକୁ ସଞ୍ଚାଳନ କରିଥିଲେ । ମଧ୍ୟାହ୍ନ ଭୋଜନ ପରେ ଅଧିବେଶନଗୁଡ଼ିକ ସମ୍ମିଳନୀକୁ ଗଭୀରତା ଏବଂ ଶକ୍ତି ପ୍ରଦାନ କରିଥିଲା । 'ମିସୋଗାଇନି ଏବଂ ସିନେମାର ଜଗତ', କେଦାର ମିଶ୍ରଙ୍କ ଦ୍ୱାରା ସଂଚାଳନ ହୋଇଥିବା ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ସହିତ ଏକ ସ୍ପଷ୍ଟ ମୁହାଁମୁହିଁ, ଗଭୀର ଜଡ଼ିତ ହୋଇଥିଲା । କେଦାର ମିଶ୍ରଙ୍କ ଦ୍ୱାରା ସଞ୍ଚାଳନ ହୋଇଥିବା ସନ୍ତୃପ୍ତ ମିଶ୍ର (ବିଜେଡି) ସହିତ ଏକ ସଂଳାପ, ଦିନଟିକୁ ଏକ ରାଜନୈତିକ ଦୃଷ୍ଟିକୋଣ ଯୋଡିଥିଲା । ଏହା ପରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହ ଏକ ସ୍ୱତନ୍ତ୍ର ମୁହାଁମୁହିଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହାର ସଂଯୋଜନା କରିଥିଲେ ପ୍ରଖ୍ୟାତ ସାମ୍ବାଦିକ ପ୍ରିୟ ରଞ୍ଜନ ସାହୁ । ସନ୍ଧ୍ୟାଟି 'ନ୍ୟାୟର କବିତା' ସହିତ ଏକ କଳାତ୍ମକ ଢଙ୍ଗରେ ଶେଷ ହୋଇଥିଲା, ଯେଉଁଠାରେ କବି ଅକ୍ଷୟ ବେହେରା, ବାଦଲ ମହାନ୍ତି, ମୁକୁଳ ମିଶ୍ର, ପ୍ରତୀକ୍ଷା ଜେନା, ପ୍ରମୋଦ ପଣ୍ଡା, ରମାକାନ୍ତ ଗୋଚ୍ଛାୟତ, ଶକ୍ତି ମହାନ୍ତି, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଏବଂ ବୀରେନ୍ଦ୍ର ନାୟକ ନ୍ୟାୟ ଏବଂ ସ୍ୱାଧୀନତା ଅନୁସନ୍ଧାନ କରୁଥିବା କୃତି ପାଠ କରିଥିଲେ । ଅଧିବେଶନକୁ ଡକ୍ଟର ଇପ୍ସିତା ପ୍ରଧାନ ପରିଚାଳନା କରିଥିଲେ । ପରଞ୍ଜୟ ଗୁହା ଠାକୁର୍ତାଙ୍କ ଦ୍ୱାରା ପରିଚାଳିତ ଶେଷ ଅଧିବେଶନ ପୂର୍ବରୁ ସଂଧ୍ୟାରେ ରୂପକ କୁମାର ପରିଡା (ଓଡ଼ିଶୀ ସଙ୍ଗୀତ) ଦ୍ୱାରା ସାଂସ୍କୃତିକ ପରିବେଷଣ ସୁଗନ୍ଧ ଯୋଡିଥିଲା, ଯାହା ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସମ୍ମିଳନୀର ଦୃଷ୍ଟିକୋଣକୁ ରେଖାଙ୍କିତ କରିଥିଲା । ଦିନର ଆଙ୍କରିଂ ସୁମିତ୍ରା ପାଢ଼ୀ ଏବଂ ଇପ୍ସିତା ପ୍ରଧାନଙ୍କ ଦ୍ୱାରା କରାଯାଇଥିଲା, ଯାହାଙ୍କ ଉପସ୍ଥିତି ପ୍ରବାହକୁ ସ୍ପନ୍ଦନଶୀଳ ଏବଂ ଆକର୍ଷଣୀୟ ରଖିଥିଲା । ଶ୍ରୁତିଶିଖା ମହାପାତ୍ର ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ । ସମାଲୋଚନାମୂଳକ ଆଲୋଚନା, ରାଜନୈତିକ ଚିନ୍ତାଧାରା, କଳାତ୍ମକ ଅଭିବ୍ୟକ୍ତି ଏବଂ ସାଂସ୍କୃତିକ ପ୍ରତିଧ୍ୱନିର ମିଶ୍ରଣ ସହିତ ସମତା କନକ୍ଲେଭ ୨୦୨୫ ଖୋଲା ବିନିମୟ, ଗଣତାନ୍ତ୍ରିକ ଆତ୍ମା ଏବଂ ବାକ୍ ସ୍ୱାଧୀନତା ପାଇଁ ଏକ ମଞ୍ଚ ଭାବରେ ଏହାର ଲକ୍ଷ୍ୟକୁ ପୁନଃସ୍ଥାପିତ କରିଥିଲା ।

# ମାଲକାନଗିରି ବସ୍‌ଷ୍ଟାଣ୍ଡରୁ ଉଦ୍ଧାର ହେଲେ ୧୮ ଯୁବତୀ

**ମାଲକାନଗିରି, ୩୧/୮ ନ୍ୟୁଜ ବ୍ୟୁରୋ**
ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୮ଜଣ ଗରିବ ଝିଅଙ୍କୁ ତେଲେଙ୍ଗାନା ରାଜ୍ୟକୁ କାମ କରିବା ପାଇଁ ନେଉଥିବାବେଳେ ମାଲକାନଗିରି ବସ୍ ଷ୍ଟାଣ୍ଡରୁ ଉଦ୍ଧାର କରିଛି ଶ୍ରମ ବିଭାଗ ଓ ପୁଲିସ । ରବିବାର ମାଲକାନଗିରି ବସ୍‌ଷ୍ଟାଣ୍ଡଠାରେ ଗୋଟିଏ ସ୍ଥାନରେ ୧୮ରୁ ଉର୍ଦ୍ଧ୍ୱ ଝିଅ ଏକତ୍ରିତ ଥିବା ଦେଖି ଜଣେ ଓକିଲ ଓ ସମାଜସେବୀ ପଚାରିଥିଲେ କେଉଁ ଆଡ଼କୁ ଯିବ । ଝିଅମାନେ କହିଥିଲେ ତାଙ୍କୁ ଜଣେ ଲୋକ ତେଲଙ୍ଗାନା ରାଜ୍ୟକୁ କାମ କରିବାକୁ ନେଉଛନ୍ତି । ସନ୍ଦେହ ହେବାରୁ ଓକିଲ ଓ ସମାଜସେବୀ ଥାନା ଓ ଶ୍ରମବିଭାଗକୁ ଫୋନ କରି ଜଣାଇଥିଲେ । ଖବରପାଇ ମାଲକାନଗିରି ଥାନା ପୁଲିସ, ଶ୍ରମବିଭାଗ ଅଧିକାରୀ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚି ସେହି ଝିଅମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ଭାରପ୍ରାପ୍ତ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଉଦ୍ଧାର ଝିଅମାନଙ୍କୁ କାଉନ୍‌ସେଲିଂ କରି ଜାଣି ପାରିଥିଲେ ଏ ଝିଅମାନେ ୧୮ବର୍ଷରୁ ଉର୍ଦ୍ଧ୍ୱ । ଗଞ୍ଜାମ ଅଞ୍ଚଳର ସନ୍ତୋଷ ନାହାକ ନାମକ ଯୁବକ ତେଲେଙ୍ଗାନାର ଏକ ସୂତାକଳରେ କାମ କରିବା ପାଇଁ ଏମାନଙ୍କୁ ପଠାଉଥିଲେ । ସେମାନେ ବସ୍ ଷ୍ଟାଣ୍ଡଠାରେ ହାଇଦ୍ରାବାଦ ବସ୍‌କୁ ଅପେକ୍ଷା କରିଥିଲେ । ସେହି ଯୁବକର ଶ୍ରମିକ ଚାଲାଣ ଲାଇସେନ୍ସ ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ତଦନ୍ତ କରିବା ପାଇଁ ପୁଲିସକୁ ଶ୍ରମବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ସନ୍ତୋଷକୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା ଚଳାଇଛି ।


# ପ୍ରତି ପାଠକ ଜଣେ ଅବିକଶିତ ଲେଖକ : ଗାଳ୍ପିକ ଜ୍ୟୋତି ନନ୍ଦ

**ଭୁବନେଶ୍ୱର ୩୧.୦୮**
**ନ୍ୟୁଜ ବ୍ୟୁରୋ**
ଆତ୍ମଜୀବନୀ ଓ ବିବରଣୀ ତଥା ଆବେଗ ବ୍ୟତୀତ ସମକାଳୀନ ଓଡ଼ିଆ ଗଳ୍ପ ଅଧିକ ଉପରକୁ ଯିବା ଦରକାର ବୋଲି ବିଶିଷ୍ଟ କଥାଶିଳ୍ପୀ ଜ୍ୟୋତି ନନ୍ଦ ମତ ଦେଇଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଥିଲେ ଯେ ଗଳ୍ପକାରୀତାରେ ମଧ୍ୟ ସୂଚନା ଓ କୃତ୍ରିମତା ରହିବା ଆବଶ୍ୟକ । ଲେଖକ ମନେ ରଖିବା ଉଚିତ ଯେ ପ୍ରତି ପାଠକ ଜଣେ ଅବିକଶିତ ଲେଖକ । ପ୍ରତି କାହାଣୀର ଗଠନ-ଶୈଳୀ ଓ ଦ୍ୱନ୍ଦ୍ୱ ନିର୍ମାଣ ଉପରେ ଲେଖକ ଗୁରୁତ୍ୱ ଦେବା ଆବଶ୍ୟକ




ବୋଲି ଶ୍ରୀ ନନ୍ଦ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ 'ବାପା ଓ ସୋଫା' ପାଠକାର୍ପିତ ହୋଇଥିଲା । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କଥାକାର ପ୍ରଦୀପ୍ତ କୁମାର ମିଶ୍ର ପୁସ୍ତକ ସମ୍ପର୍କରେ ସମୀକ୍ଷାତ୍ମକ ଆଲୋଚନା କରିଥିଲେ । ଲେଖକ ଶ୍ରୀ ପଟ୍ଟନାୟକ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । 'ଏ ମାସର କବି' ଭାବରେ ତରୁଣ କବି ଜିତୁ ପ୍ରଧାନ ସ୍ୱରଚିତ କବିତା ପାଠ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରାଧାରାଣୀ ସରକାର ଓ ସ୍ନେହ ଦାସ ଲେଙ୍କାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଜୟ ମହାପାତ୍ର, ମନୋରଞ୍ଜନ ପାଣିଗ୍ରାହୀ, ଅଲେଖ ଚରଣ ରାଉତ, ସୁବ୍ରତ ସେନାପତି, ଶୈଳେନ୍ଦ୍ର ଜେନା, ସୁଶାନ୍ତ ଷଡ଼ଙ୍ଗୀ, ଜୟନାରାୟଣ ନନ୍ଦ, ତୃପ୍ତିମୟୀ ରାଉଳ, ବିଷ୍ଣୁପ୍ରିୟା ପ୍ରିୟଦର୍ଶିନୀ, ଇତିଶ୍ରୀ ପତି, ସୁଷମା ଦାସ, ରମେଶ ପଟ୍ଟନାୟକ, ଅକ୍ଷୟ ସାହୁ, ଅରୁଣ ଡାକୁଆ, କଳ୍ପନା ମହାରଣା, ନବୀନ ସୂତ୍ରଧର ଓ ଚିନ୍ମୟ ନାୟକ ପ୍ରମୁଖ ଲେଖା ପାଠ କରିଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପରଲୋକ ଗତ ବିନୋଦ ପଶାୟତ ଓ ବିପିନ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା ।

# ପ୍ରତି ଶହେ ଜଣରେ ୩୦ ଜଣଙ୍କ ଠାରେ କିଡ୍‌ନୀ ଷ୍ଟୋନ୍ ସମସ୍ୟା : ମସଲା ଯୁକ୍ତ ଖାଦ୍ୟ ହେଉଛି କାଳ



**ନୂଆଦିଲ୍ଲୀ, ୩୧/୮**
ଦିନକୁ ଦିନ ବଢୁଛି କିଡ୍‌ନୀ ଷ୍ଟୋନ୍ ରୋଗୀଙ୍କ ସଂଖ୍ୟା । ପ୍ରତି ୧୦୦ ଜଣରେ ୩୦ ଜଣଙ୍କ ଠାରେ କିଡ୍‌ନୀ ଷ୍ଟୋନ୍ ଲକ୍ଷଣ ଦେଖାଯାଉଛି । ବିଶେଷ କରି ମହିଳାମାନଙ୍କ କ୍ଷେତ୍ରରେ କିଡ୍‌ନୀ ଷ୍ଟୋନ୍ ସମସ୍ୟା ଅଧିକ । କିଡ୍‌ନୀରେ ପଥୁରି ହେବାର କାରଣ ହେଉଛି ତେଲ ମସଲା, ଛଣାଛଣି ଖାଦ୍ୟ ଓ କମ୍ ପାଣି ପିଇବା । ଏହାଦ୍ୱାରା କିଡ୍‌ନୀରେ ଷ୍ଟୋନ ହୋଇଥାଏ । ଅଧିକରୁ ଅଧିକ ପାଣି ପିଇବା ସହ ବିଭିନ୍ନ କିସମର ଫଳ ଖାଇବା ଓ ନିଜ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଲେ ଏହାକୁ ଦୂରେଇ ପାରିବା । ଏନେଇ ବିଶେଷଜ୍ଞଙ୍କ ସହ ଅଧିକ ଆଲୋଚନା କରାଯାଇଛି ।

# କଟକରେ ପୁଲିସ ଛାଉଣୀରେ ଗଣେଶ ଭସାଣି ଆରମ୍ଭ

## ବିସର୍ଜନ ହେଲେ ୩୯୫ ପ୍ରତିମା : ମୁତୟନ ଥିଲେ ୨୮ ପ୍ଲାଟୁନ୍ ଫୋର୍ସ ସହ ୨ଶହ ଅଧିକାରୀ

**କଟକ,୩୧/୦ ନ୍ୟୁଜ ବ୍ୟୁରୋ**
ରବିବାରଠାରୁ କଟକରେ ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ଅନୁଷ୍ଠିତ ହୋଇଛି । ଏହି ପର୍ଯ୍ୟାୟରେ ପ୍ରାୟ ୩୯୫ଟି ଗଣେଶ ପ୍ରତିମା ବିସର୍ଜନ ହୋଇଛନ୍ତି । ଭସାଣି ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ମୁକାବିଲା କରିବା ପାଇଁ ମୋଟ୍ ୨୮ ପ୍ଲାଟୁନ୍ ଫୋର୍ସ ନିୟୋଜିତ ହୋଇଥିଲେ । ପ୍ରାୟ ୨୨ଟି ବିସର୍ଜନ ସ୍ଥଳୀରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୋଖରୀରେ ପ୍ରତିମାଗୁଡ଼ିକୁ ବିସର୍ଜନ କରାଯାଇଛି । ପୂର୍ବ ବର୍ଷ ଭଳି ଏ ବର୍ଷ ମଧ୍ୟ ଗଣେଶ ଭସାଣି ତିନୋଟି ରବିବାର ଆୟୋଜିତ ହେବ । ଅଗଷ୍ଟ ୩୧, ସେପ୍ଟେମ୍ବର ୭ ଓ ୧୪ ତାରିଖରେ ମେଢ଼ଗୁଡ଼ିକ ପଡ଼ିବ । ରବିବାର ପ୍ରଥମ ପର୍ଯ୍ୟାୟ ଭସାଣି ହୋଇଛି । ପୁଲିସଠାରୁ ବିଭିନ୍ନ କ୍ଲବ୍ ଓ କମିଟି ନେଇଥିବା ଭସାଣି ଅନୁମତି ବା ଲାଇସେନ୍ସ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୮୦ଟି ମେଢ ସହର ଭିତରେ ବିସର୍ଜନ ହୋଇଛି । ସେହିପରି ସହର ଉପକଣ୍ଠ ଥାନା ଅଞ୍ଚଳରେ ପ୍ରାୟ ୧୧୫ଟି ମେଢ ଶୋଭାଯାତ୍ରାରେ ଯାଇ ବିସର୍ଜନ ସ୍ଥଳରେ ପହଞ୍ଚିଥିଲା । ପ୍ରତି ମେଢ ପାଇଁ ୨ଜଣ କନ୍‌ଷ୍ଟେବଲ୍, ଜଣେ ହୋମ୍‌ଗାର୍ଡ ଓ ଜଣେ ସିପାହୀ ଦାୟିତ୍ୱରେ ରହିବେ । ଭସାଣି ରୁଟ୍‌ରେ ପ୍ରାୟ ୨୯ଟି ଏଡ୍ ପୋଷ୍ଟ ହୋଇଛି । ସେହିପରି ରୁଟ୍‌ର ବିଭିନ୍ନ ଛକରେ ମଧ୍ୟ ଅଧିକାରୀ ରହିଥିଲେ । ଭସାଣି ସ୍ଥଳ ଓ ଭସାଣି ସ୍ଥଳ ପାଖ ରୁଟ୍‌ରେ ଜଣେ କରି ଇନ୍‌ସପେକ୍ଟର ଓ ଏସିପି ରହିଥିଲେ । ଏହାଛଡା ପ୍ରତି ଥାନାକୁ ଗୋଟିଏ କରି ସେକ୍ସନ ଫୋର୍ସ ଦିଆଯାଇଛି । କୌଣସି ମେଢ ପାଖରେ ଗଣ୍ଡଗୋଳ ହେଲେ ତୁରନ୍ତ ସେଠାରେ ପହଞ୍ଚି ସ୍ଥିତି ସମ୍ଭାଳିବେ । ୨୨ଟି ବିସର୍ଜନ ସ୍ଥଳୀରେ ମଧ୍ୟ ଗୋଟିଏ କରି ସେକ୍ସନ ଫୋର୍ସ ରହିଥିଲେ । ଏହାସହ କଟକ ସହର ପୁଲିସ ଅଧିନରେ କାମ କରୁଥିବା ଏଏସ୍‌ଆଇଠାରୁ ଏଡିସିପି ପର୍ଯ୍ୟନ୍ତ ପ୍ରାୟ ୨ ଶହ ଅଫିସରଙ୍କୁ ଆଇନଶୃଙ୍ଖଳା ତଦାରଖ ଦାୟିତ୍ୱ ଦିଆଯାଇଛି । କୌଣସି ପୂଜା କମିଟି ଯେପରି ୬୫ ଡେସିବେଲ୍‌ରୁ ଅଧିକ ମାତ୍ରାର ଶବ୍ଦ କରିବେ ନାହିଁ ତାହା ତଦାରଖ କରିବାକୁ ସବୁ ଥାନାକୁ ଦାୟିତ୍ୱ ଦିଆଯାଇଛି । ଶବ୍ଦ ପ୍ରଦୂଷଣ ସ୍ଥିତି ଯାଞ୍ଚ୍ ପାଇଁ ପଲ୍ୟୁସନ୍ କଣ୍ଟ୍ରୋଲ୍ ବୋର୍ଡର ସଦସ୍ୟ ଏବଂ ସ୍ଥାନୀୟ ଥାନା ପୁଲିସ ବିଭିନ୍ନ ମେଢ଼ ଯାଞ୍ଚ୍ କରିବେ । ସଂପୂର୍ଣ୍ଣ ସ୍ଥିତି ଉପରେ ଡିସିପି ଖିଲାରୀ ରିଷିକେଶ ଦ୍ୟାନ୍‌ଦେଓ ନଜର ରଖିବେ । ଏପରିକି ପୁଲିସ କମିସନର ଏସ୍.ଦେବଦତ୍ତ ସିଂହ ମଧ୍ୟ ରବିବାର ପୁରୀଘାଟ ଥାନାକୁ ଆସିଥିଲେ ବୋଲି ସୂଚନା ମିଳିଛି ।

# ମହାସାଗରରେ ପରମାଣୁ ଆବର୍ଜନା କ୍ରମାଗତ ଛାଡୁଛି ବିକିରଣ : ମଣିଷ ପାଇଁ ହେବ ବିନାଶକାରୀ

**ନୂଆଦିଲ୍ଲୀ,୩୧/୦୮**
ୟୁରୋପର ଭୁଲ୍, ଭୋଗିବ ବିଶ୍ୱ । ମନୁଷ୍ୟ ବର୍ବାଦିର କାରଣ ସାଜିବ ମହାଦେଶ । ଗଭୀର ସମୁଦ୍ରରେ ପଡ଼ିଛି ପରମାଣୁ ଆବର୍ଜନା । ଆଟଲାଣ୍ଟିକ୍ ଓସିଏନରେ ଛାଡୁଛି ବିକିରଣ । ଗୋଟିଏ କି ଦୁଇଟା ନୁହେଁ, ଆଟଲାଣ୍ଟିକ୍ ମହାସାଗରରେ ହଜାର ହଜାର ସଂଖ୍ୟାରେ ରେଡିଓ ଆକ୍ଟିଭ୍ ପଦାର୍ଥ ପଡ଼ି ରହିଛି । ଫ୍ରାନ୍ସ ଠାରୁ ଶତାଧିକ ମାଇଲ୍ ଦୂରରେ ପ୍ରାୟ ୧୩ ହଜାର ଫୁଟ୍ ଗଭୀର ସମୁଦ୍ରରେ ୩,୩୫୫ଟି ବିନାଶକାରୀ ପରମାଣୁ ବିକିରଣ ଛାଡୁଥିବା ବ୍ୟାରେଲ୍ ଚିହ୍ନଟ ହୋଇଛି । ଯାହାକୁ ୟୁରୋପ ଦେଶ ଗୁଡ଼ିକ ୧୯୪୭ରୁ ୧୯୯୧ କୋଲ୍ଡ ୱାର ସମୟରେ ପକାଇଥିଲେ । ଏହି ବିନାଶକାରୀ ଆବର୍ଜନାଯୁକ୍ତ ବ୍ୟାରେଲ ସଂଖ୍ୟା ୨ ଲକ୍ଷରୁ ଅଧିକ ହେବ । ସେତେବେଳେ ଏହା ଥିଲା ପୃଥିବୀ ପୃଷ୍ଠରୁ ରେଡିଓ ଆକ୍ଟିଭ୍ ରେଡିୟସନ୍ ଠାରୁ ଲୋକଙ୍କୁ ସୁରକ୍ଷିତ ରଖିବାର ସର୍ବୋତ୍ତମ ଉପାୟ । ଏହାର ପରିଚାଳନା ପାଇଁ ୩୪ଟି ଦେଶ ମିଶି 'ନ୍ୟୁକ୍ଲିୟର ଏନର୍ଜି ଏଜେନ୍ସି' ଗଠନ କରିଥିଲେ । ଏହି ସଂଗଠନ ଏହା



ଉପରେ ନିରୀକ୍ଷଣ ମଧ୍ୟ କରିଥିଲା । ହେଲେ ବର୍ତ୍ତମାନ ସମୟରେ ଜୀବଜଗତ ପାଇଁ ଏହି ଆବର୍ଜନା ବଡ଼ ବିପଦ ସାଜିଛି । ମଣିଷ ପାଇଁ ମାଡ଼ି ଆସୁଛି ମହାବିପଦ । ୟୁରୋପ ପାଇଁ ଲୋପ ପାଇଯିବ ଜୀବଜଗତ । କାରଣ ଆଟଲାଣ୍ଟିକ୍ ମହାସାଗରରେ ପଡ଼ିରହିଥିବା ପରମାଣୁ ଆବର୍ଜନା କ୍ରମାଗତ ଭାବେ ବିକିରଣ ଛାଡୁଛି । ଏହି ରେଡିଓ ଆକ୍ଟିଭ୍ ପଦାର୍ଥ ଖାଦ୍ୟ ଶୃଙ୍ଖଳା ମାଧ୍ୟମରେ ମନୁଷ୍ୟ ଶରୀରରେ ପ୍ରବେଶ କରିବ ଏବଂ ଲୋକଙ୍କ ପାଇଁ କାଳ ସାଜିବ । ସମୁଦ୍ର ବିଜ୍ଞାନୀ ମତ ରଖିଛନ୍ତି, ପରମାଣୁ ଆବର୍ଜନା ପ୍ରଥମେ ସମୁଦ୍ରଜୀବୀମାନଙ୍କ ଦ୍ୱାରା ଶୋଷିତ ହେବ । ପରେ ଏହି ପ୍ରଦୂଷିତ ସି-ଫୁଡ୍‌କୁ ମଣିଷ ଆହାର କଲେ ତାହା ମାନବ ଶରୀର ଭିତରକୁ ପ୍ରବେଶ କରିବାର ବହୁତ ସମ୍ଭାବନା ରହିଛି । ଏହାଦ୍ୱାରା ମନୁଷ୍ୟ ଠାରେ ଦୀର୍ଘ କାଳୀନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ସହ ପରମାଣୁ ବିକିରଣ କୋଷିକା କ୍ଷତି ପହଞ୍ଚାଇବ ଏବଂ କ୍ୟାନସର ଭଳି ଦୂରାରୋଗର ଆଶଙ୍କା ବଢ଼ାଇବ ବୋଲି ବୈଜ୍ଞାନିକମାନେ ଗବେଷଣା କରି ସତର୍କ କରାଇଛନ୍ତି । ଅନ୍ୟପଟେ ପରୁମାଣୁ ଆବର୍ଜନାକୁ ଯେଉଁ ବ୍ୟାରେଲରେ ଭର୍ତ୍ତି କରି ଆଟଲାଣ୍ଟିକ୍ ମହାସାଗରରେ ଫୋପଡ଼ା ଯାଇଛି, ତାହା ଚିରକାଳ ପାଇଁ ସୁରକ୍ଷିତ ରଖିପାରିବା ସମ୍ଭବ ନୁହେଁ । ଏହି ବ୍ୟାରେଲ୍ ଗୁଡ଼ିକର ଆୟୁଷ ମାତ୍ର ୨୦ରୁ ୨୬ ବର୍ଷ, ଯାହା ପୂର୍ବରୁ ଏକ୍ସପାଏରି ହୋଇଯାଇଛି । ଯାହାକୁ ନେଇ ଫ୍ରାନ୍ସିସ୍ ବୈଜ୍ଞାନିକମାନେ ଟେନସନରେ ରହିଛନ୍ତି । କାରଣ ଏହି ବିକିରଣ ପଦାର୍ଥ ମହାସାଗରର ସନ୍ତୁଳନକୁ ବିଗାଡ଼ିବ । ଗବେଷଣା ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରକୁ ବୈଜ୍ଞାନିକଙ୍କ ଧ୍ୟାନ ଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ସୋନାର ଏବଂ ଏକ ସ୍ୱୟଂ ଚାଳିତ ରୋବଟ୍ ବ୍ୟବହାର କରି ଆଟଲାଣ୍ଟିକ୍ ମହାସାଗର ଭିତରେ ଆବସାଲ୍ ସମତଳ ଅଞ୍ଚଳକୁ ମାପିଥିଲେ । ଆଉ ଜାଣିବାକୁ ପାଇଥିଲେ ବିକିରଣଶୀଳ ପଦାର୍ଥ ଧୀରେ ଧୀରେ ନଷ୍ଟ ହେଉଛି । ଏହା ମାନବ ସମାଜ ପାଇଁ ଏତେ ବିପଦପୂର୍ଣ୍ଣ ନୁହେଁ । ହେଲେ ଏହି ପରମାଣୁ ଆବର୍ଜନା କିଛି ବର୍ଷ ପରେ ବିପଦ ସୃଷ୍ଟି କରିବ । କାରଣ ବ୍ୟାରେଲର ଥିବା ଟାଇଟାନିୟମ୍ ବହୁତ ଦୁର୍ବଳ । ମାତ୍ର ବାକି ଅଂଶ ବିଟା ଏବଂ ଗାମା ରଶ୍ମି ରହିଛି । ଏହା ସମୟ ସହିତ ନଷ୍ଟ ହୋଇଥାଏ । ହେଲେ ଦୁଇ ପ୍ରତିଶତ ଆଲଫା ରେଡିୟସନ ଜୀବଜଗତ ପାଇଁ ବିପଦ ସୃଷ୍ଟି କରିଥାଏ । ତେଣୁ ସମୟ ପୂର୍ବରୁ ଏହି ଗୁରୁତର ସମସ୍ୟା ସମାଧାନ କରବା ଉଚିତ୍ ।